ରତ୍ନଦ୍ୱୀପରେ ଟାରଜନ୍

Digitized by PPRACHIN, SOA

ତାରଜନ ସିରଜ୍ ଦ୍ୱିତୀୟ ଖଣ୍ଡ

ରତ୍ନଦ୍ୱୀପରେ ତାରଜନ୍

ଅକ୍ଷୟ କୁମାର

Digitized by PPRACHIN, SOA

ସାଥୀ ପ୍ରକାଶନ
ଓଡ଼ିଆ ବଜାର, କଟକ

ପ୍ରଥମ ସଂସ୍କରଣ—୧୯୮୫

କେତନ ଆର୍ଟ ପ୍ରିଣ୍ଟର୍ସ, କଟକ-୧

Digitized by PPRACHIN, SOA

"ଟଂ ଟଂ"—ଆଜ ଘଣ୍ଟାରେ ଦୁଇଟା ବାଜିଲା ।

ସହରର ଜନଗହଳି ସମ୍ପୂର୍ଣ୍ଣ ସ୍ତବ୍ଧରେ ଲୋପ ପାଇଛି, ଯଦିଓ ତଥାପି ରାଜପଥ ଉପରେ କାହିଁ କାହିଁ ମଟରଗାଡ଼ିଟାଏ କି ରିକ୍ସାଟାଏ, ଟ୍ରକ୍‌ଟାଏ କି କାର୍‌ଟାଏ ଶବ୍ଦ କରି ଧାଇଁଯାଉଛି ଲକ୍ଷ୍ୟ ପଥରେ । ରାସ୍ତାଧାରରେ ବିଜୁଳି ବତୀଗୁଡ଼ାକ ଆଲୋକ ବିକୀରଣ କରୁଥିଲା ପୂର୍ବ ଅପେକ୍ଷା ଆହୁରି ଉଜ୍ଜ୍ୱଳ ହୋଇ । ଗୋଟାଏ ଯୋଡ଼ାଏ ଦୋକାନ ବ୍ୟତୀତ ଅନ୍ୟଗୁଡ଼ାକ ବନ୍ଦ ହୋଇଗଲାଣି କେତେ ଘଣ୍ଟା ଆଗରୁ । ଏଇ ଯେଉଁ କେତୋଟା ଖୋଲା ଅଛି ସେଗୁଡ଼ାକ ଖୋଲା ରହିବ ରାତିସାରା । ସେମାନଙ୍କର ବ୍ୟବସାୟ ମଧ୍ୟ ଭିନ୍ନପ୍ରକାର । ଦିନବେଳେ ସେଗୁଡ଼ିକର ବନ୍ଦ ହେବା ସମ୍ଭବ ।

ସହର ଉପକଣ୍ଠରେ ନିର୍ଜନତା, ନିସ୍ତବ୍ଧତାର ରାଜୁତି ଥିଲା ପୁରାମାତ୍ରାରେ । ସହରର ଚାକଚକ୍ୟ, ବିଜୁଳି ଆଲୋକର ଉଜ୍ଜ୍ୱଳତା, ବିରାଟ ସୁଦୃଶ୍ୟ ସୌଧମାଳା ନାହିଁ ସେଠି । ଅଛି କେବଳ ଧାଡ଼ି ଧାଡ଼ି ଚାଳ ଆଉ ଖପରଲି ଘର ; ଯଥେଷ୍ଟ ଦୂରତାରେ ଗଣି ହୋଇଯାଉଥିବା ସଂଖ୍ୟାରେ ବିଜୁଳିବତୀ । ଆଞ୍ଚଳିକ ଅନ୍ଧକାର ଦୂର କରିବାପାଇଁ ସେତିକି ଯେ ଆଦୌ ଯଥେଷ୍ଟ ନୁହେଁ ଏହା ଯେ କେହି ବିନା ପ୍ରତିବାଦରେ ସମର୍ଥନ କରିବ । ସେଇ ନୁଆଁଣିଆ ଚାଳଘରେ ରହନ୍ତି ରିକ୍ସାବାଲା, କୁଲି, ମଜୁରିଆ ଦଳ ଆଉ ଚୋର, ପକେଟମାର ପ୍ରଭୃତି ଯେତେକ ଅସାମାଜିକ ବ୍ୟକ୍ତି । ଭଦ୍ରସ୍ତରର କେହି କେବେ ସେ ଅଞ୍ଚଳରେ ପାଦ ପକାନ୍ତି କି ନାହିଁ ସନ୍ଦେହ !

ଏ ତ ଗଲା ଗୋଟିଏ ଦିଗ । ଆଉ ଗୋଟିଏ ଦିଗ ଦେଖିବା । ସ୍ଥାନଟିର ଅବସ୍ଥିତ ପ୍ରତି ଦୂରରୁ ଦୃଷ୍ଟିପାତ କଲେ ତାହା ଦେଖାଯାଏ ଘଞ୍ଚ ଲତାଗୁଳ୍ମବେଷ୍ଟିତ ଗୋଟାଏ ମାଳାଭୂମି ପରି । ଦୂରରୁ ଦେଖାଯାଏ ଯେପରି ସ୍ଥାନେ ସ୍ଥାନେ ଘରର ଚାଳ ବା କାନ୍ଥ ଉପରେ ଲତାଗୁଳ୍ମ ଠିଆ ହୋଇଛି ଘରକୁ ଘେରି । ଉଚ୍ଚ ଖାଲ,

Digitized by PPRACHIN, SOA

ଆବୁଡ଼ା ଖାବୁଡ଼ା, ଅସମାନ ରାସ୍ତା । ମାତ୍ର ପାଖକୁ ଗଲେ ସେ ସୁନ୍ଦର ପ୍ରାକୃତିକ ଦୃଶ୍ୟର ଧାରଣ ମନରୁ ଲୋପ ପାଇ ଗୋଟାଏ ଘୃଣ୍ୟ ବୀଭତ୍ସ ଭାବ ମନକୁ ଆସେ ।

ଖୋଲା କୁଢ଼ କୁଢ଼ ସହରର ଅଳିଆ, ତାପରି ଗୋଟାଏ ପଚା, ବିକୃତ ଗନ୍ଧ ସେଥିରୁ ବାହାରି ଶ୍ୱାସରୁଦ୍ଧ କରିଦେଉଥାଏ । ତା'ର ଉପରେ ଯେତିକି କଣ୍ଟାକୁସୁମ ଆଉ ଭେଜି ବାଇଗଣ ଗଛ । ବସ୍ତିର ଧାରେ ଧାରେ ଅମସୃଣ ଜଙ୍ଗଲ । ସବୁବେଳେ ଗୋଟାଏ ଅସ୍ୱାସ୍ଥ୍ୟକର, ଆଁଷିଆ, ସନ୍ତସନ୍ତିଆ ଗନ୍ଧ ନୂତନ ଆଗନ୍ତୁକର ବାନ୍ତି ଉଦ୍ରେକ କରାଏ । ତଥାପି ଏଇ ବସ୍ତିରୁ ପ୍ରତିଦିନ ସକାଳେ ସହର ଅଭିମୁଖରେ ବାହାରିପଡ଼ନ୍ତି ଦଳ ଦଳ କୁଲି । ରାତି ହେଲେ କିଛି ସମୟ ପାଇଁ ବସ୍ତି ମାତିଉଠେ ମଦ ନିଶାରେ ମତୁଆଲ ହୋଇ । ତା'ପରେ ନିଶା ଆସ୍ତେ ଆସ୍ତେ ପାତଳ ହୋଇଆସେ । ପିଣ୍ଡାକଡ଼, ରାସ୍ତା ଉପର, ଘରର ଛୁଣ୍ଡା ପଟି ଯେ ଯେଉଁଠି ପାରିଲା ପଡ଼ିଯାଆନ୍ତି ହାଲିଆ ହେଇ । ଯେଉଁ କେତେ ସମୟ ବସ୍ତିଟା ମାତିଉଠେ, ତା'ର ଭିତରେ କେତେ ବୀଭତ୍ସ ନାରକୀୟ ଦୃଶ୍ୟର ଅଭିନୟ ହୁଏ, ତା'ର ଗଣନା ନାହିଁ ।

କ୍ରମେ ରାତି ନିଶୂନ ହୋଇଆସେ । ତଥାପି ଏ ବସ୍ତି ମରେନାହିଁ । ଯା'ର ଭିତରୁ ନିଶାଚର ବାହାରନ୍ତି । କଣ୍ଟାକୁସୁମ ବଣଭିତରୁ ଭେରେଣ୍ଡା ଡାକେ । ରାସ୍ତା କଡ଼ରୁ ବୁଲା କୁତା ତା'ର ସ୍ୱର ସହିତ ସ୍ୱର ମିଳାଇ ରଡ଼ି କରେ । ସେ ରଡ଼ିରେ ନିଶୂନ ବସ୍ତିଟା ଆହୁରି ବିଭୀଷିକାମୟ ଜଣାଯାଏ । ରାତି ପାହିଲାବେଳକୁ ପୁଣି ଯେଉଁ କଥାକୁ ସେଇ କଥା ।

ସେଇ କୁଲିବସ୍ତିର ସହର ଆଡ଼କୁ ଯେଉଁ ମୁଣ୍ଡଟା, ସେଇଠି ଠିଆହୋଇ ରହିଲେ ମନରେ ଗୋଟାଏ ପ୍ରଶ୍ନବାଚକର ସୃଷ୍ଟି କରି ଆଖିରେ ପଡ଼େ ପ୍ରକାଣ୍ଡ ଚନ୍ଦନମହଲ କୋଠାଟାଏ । ଗଠନପ୍ରଣାଳୀ ତା'ର ଅତ୍ୟାଧୁନିକ । ସାଜସଜ୍ଜା, ଉଦ୍ୟାନ ପରିପାଟୀ, ଆଲୋକ ବ୍ୟବସ୍ଥା ପ୍ରଭୃତି ସହରର ଯେକୌଣସି ଧନାଢ୍ୟ ଏବଂ ରୁଚିବାନ୍ ଲୋକର ପ୍ରାସାଦଠାରୁ କୌଣସି ଗୁଣରେ ହେଲେ ଊଣା ନୁହେଁ । ତେବେ ସହରର ଆଭିଜାତ୍ୟପୂର୍ଣ୍ଣ ପରିବେଷ୍ଟନୀ ଛାଡ଼ି ଏଠାରେ ଏ ପୂତିଗନ୍ଧମୟ ନର୍କ ଭିତରେ ଏଡ଼େ ବଡ଼ ପ୍ରାସାଦଟାଏ ତୋଳାଇ ବସବାସ କରିବା ଯେ କୌଣସି

Digitized by PPRACHIN, SOA

ସୁସ୍ଥ ମସ୍ତିଷ୍କର ସୂଚ, ଏକଥା ମନରେ ଦ୍ୱନ୍ଦ୍ୱ ଜନ୍ମାଏ । ସେ ଯାହାହେଉ, ଗଳିକୁ ଯେଉଁ ଚଢ଼ା ନାଲ୍‌ମାଟିର ଅଣଓସାରିଆ ଉଚ୍ଚ ଖାଲ ରାସ୍ତାଟା ଯାଇଛି, ସେଥିରୁ ଅପେକ୍ଷାକୃତ ଗୋଟାଏ ସଂକୀର୍ଣ୍ଣ ଗଳିରାସ୍ତା ଅଙ୍କା ବଙ୍କା ହୋଇ ବସ୍ତି ଭିତରେ ଯାଇ ସେଇ କୋଠାଟାର ଫାଟକ ପାଖରେ ଲାଗିଛି । ଫାଟକର ଗୋଟାଏ ଖୁମ୍ବର ଅଗରେ ଦୀର୍ଘ ନେମ୍‌ପ୍ଲେଟ୍‌ଟିଏ । ସେଥିରେ ଲେଖାଅଛି—"ଶ୍ରୀଭବନାଥ ରାୟ ଜମିଦାର ।" ଫାଟକର ସୁଦୃଢ଼ ଦରଜା ଦୁଇଟା ଶକ୍ତ ଶିକୁଳିଦ୍ୱାରା ସବୁବେଳେ ପ୍ରାୟ ବନ୍ଦ । କେତେବେଳେ ତାହା ଖୋଲେ ଆଉ ବନ୍ଦ ହୁଏ, ସେକଥା ହୁଏତ ଜାଣିଥିଲେ ଜାଣିଥିବେ ଅତି ଅଳ୍ପ ଲୋକ ।

ସେଦିନ ବି ସବୁଦିନ ପରି ସ୍ୱାଭାବିକ ଗତିରେ କୁଳିବସ୍ତି ସମେତ ଏତେ ବଡ଼ ପ୍ରାସାଦଟା ଡୁବି ରହିଥିଲା ଘୋର ଅନ୍ଧକାର ଭିତରେ । ବେଳେ ବେଳେ ଅମରି ଆଉ କଣ୍ଟାକୁସୁମ ଗଛର ଜଙ୍ଗଲ ଭିତରୁ ଝିଙ୍କାରିଟାଏ ଝିଁ ଝିଁ ଶବ୍ଦରେ ଆକାଶ କମ୍ପାଉଥିଲା । ମଝିରେ ମଝିରେ ରାସ୍ତା ଉପରୁ କୁକୁରଟାଏ ଭୁ ଭୁ ରଡ଼ି ଛାଡ଼ି ନିଃଶବ୍ଦତା ଭାଙ୍ଗୁଥିଲା । ଏତକ ଛଡ଼ା ଏତେବଡ଼ ବସ୍ତିଟାରେ ଆଉ କିଛି ଶବ୍ଦ ଶୁଣାଯାଉ ନ ଥିଲା ।

ସେଇ ଘୋର ଅନ୍ଧକାର ଗର୍ଭରେ ଦୁଇଟା ବାଜିବା ସଙ୍ଗେ ସଙ୍ଗେ ଗୋଟାଏ ଜିପ୍‌ରେ ହେଡ଼୍‌ଲାଇଟ୍ ଦେଖାଗଲା ସହରଆଡ଼ୁ ବସ୍ତି ଆଡ଼କୁ ପଡ଼ିଥିବା ରାସ୍ତାରେ । ସେଟା ଖୁବ୍ ଦ୍ରୁତଗତିରେ ଆସୁଥିଲା ବସ୍ତି ଆଡ଼କୁ । ଚଢ଼ା ରାସ୍ତାର ଉଠାଣି ଗଡ଼ାଣି ଭିତରେ ଗାଡ଼ିଟା ନାଚିଉଠିବା ସଙ୍ଗରେ ସମତାଳ ଦେଇ ଲାଇଟ୍ ଦୁଇଟି ବି ନାଚି ଉଠୁଥିଲା ବେଳେ ବେଳେ । ହଠାତ୍ ଗାଡ଼ିଟା ଅଟକି ଗଲା—ଯେଉଁଠି ଚଢ଼ା ରାସ୍ତାରୁ ସଂକୀର୍ଣ୍ଣ ରାସ୍ତାଟିଏ ଚଢ଼ିଥିଲା କୋଠା-ଆଡ଼କୁ । ଆରୋହୀ ଥିଲେ ସେଥିରେ ମାତ୍ର ଦୁଇଜଣ । ସେଥିଭିତରୁ ଜଣେ ଚାଳକ, ଆଉ ଜଣେ ପଛ ସିଟ୍‌ରେ ବସିଥିଲେ । ଗାଡ଼ି ଅଟକିବା ସଙ୍ଗେ ସଙ୍ଗେ ସେ ଚାଳକ ଲୋକଟିକୁ ଯାଇ ଚୁପା ଗଳାରେ କେଉଁପଦ ଉପଦେଶ ଦେଇ ସେଇ ସଂକୀର୍ଣ୍ଣ ଗଳିରାସ୍ତାରେ ଅଦୃଶ୍ୟ ହୋଇଗଲେ । ଡ୍ରାଇଭର ଗାଡ଼ିକୁ ଟିକିଏ ଏପଟ ସେପଟ କରି ବୁଲାଇ ରଖିଲା ଯେଉଁଆଡ଼ୁ ଆସିଥିଲା ପୁଣି ସେଇଆଡ଼କୁ ମୁହଁ କରି ।

Digitized by PPRACHIN, SOA

ସଂକୀର୍ଣ୍ଣ ଗଳିଟାର ଦୁଇପାଖର ବୁଦା ଜଙ୍ଗଲ ଭିତରେ ଯେଉଁ କେତୋଟି ସ୍ଥଳଘର ଥିଲା ସେଗୁଡ଼ିକ ଥିଲା ବନ୍ଦ । ଜାଗ୍ରତ ଅବସ୍ଥାରେ ସେଥିରେ କେହି ନ ଥିଲେ । ତଥାପି ବେଳେ ବେଳେ ନିଦ୍ରିତର ଅସଂଲଗ୍ନ ପ୍ରଳାପ ଶୁଣାଯାଉଥିଲା ତା ଭିତରୁ । ସନ୍ଧ୍ୟାହୁପରେ ଝିଙ୍କିପରି ଲୋକଟା ବୁଲିଥିଲା—ସତେ ଯେପରି ତାହାର ପ୍ରତି ଭ୍ରୂକ୍ଷେପ ନାହିଁ ତା'ର । ଦେହରେ ତା'ର ଥିଲା ଆଣ୍ଠୁପର୍ଯ୍ୟନ୍ତ ଟାଙ୍କିଦେଲା ପରି ଓଭରକୋଟ, ମୁଣ୍ଡରେ ଫେଲ୍ଟ୍ । ବହୁ ନିରୀକ୍ଷଣ କଲା ପରେ ମୁହଁରେ ଖୁଣ୍ଟ ଖୁଣ୍ଟ ଦାଢ଼ି ବି ଦେଖି ହେଉଥିଲା । ଏ ସବୁ ଥିଲା ଗାଢ଼ କଳା ରଙ୍ଗ । କଳା ରାତି ସହିତ ମିଶି ଅଦୃଶ୍ୟ ହେବାକୁ ଚେଷ୍ଟା କରୁଥିଲା । ଗତିଟା ତା'ର ଏତେ ତୀବ୍ର ଥିଲା ଯେ, ଦେଖିଲେ ଜଣାଯାଉଥିଲା ଯେପରି କୌଣସି ଗୋଟିଏ ଗୁରୁତର କାମ ସମାଧାନ କରିବାର ସମସ୍ତ ଅବକାଶ ଶେଷ ହୋଇଆସୁଛି । ଆଉ ଟିକିଏ ଡେରି କଲେ ସର୍ବନାଶ ହୋଇଯାଇପାରେ । ସେଥିପାଇଁ ଯଥାସମ୍ଭବରେ ଯଥାସ୍ଥାନରେ ପହଞ୍ଚିବାପାଇଁ ପ୍ରାଣମୂର୍ଚ୍ଛା ଧାଉଁଛି ଲୋକଟା । ନିଃଶ୍ୱାସର ପ୍ରଖରତା ନିର୍ଜନ ରାତିରେ ଠିକ୍ ଗୋଟାଏ ଫଣଧର ସାପର ଗର୍ଜନପରି ଶୁଣାଯାଉଛି ଖଣ୍ଡେ ଦୂରକୁ —

ସେଇ କୋଠାଟା...... ।

ତା'ରି ଆଗରେ ଠିଆ ହୋଇ ଫଁ କରି ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ ଚାହିଁଲା ସେ ଉପରକୁ । ଉପର ମହଲାର ସାମନା ପଟ କୋଠରିରୁ ନୀଳ ରଙ୍ଗର ଅସ୍ପଷ୍ଟ ଆଲୋକରେଖା ଛୁଡ଼ିକି ପଡ଼ୁଥିଲା ଝରକାରେ ଝୁଲିହୋଇଥିବା ପରଦା ଫାଙ୍କ ଦେଇ । ସମ୍ଭବତଃ ସେଇଟା ବେଡ୍ ରୁମ୍ ହେବ କି କଣ !

ଅଧିକ ସମୟ ଠିଆ ହୋଇ ଚିନ୍ତା କରିବାକୁ ଧୈର୍ଯ୍ୟ ବୋଧହୁଏ ନ ଥିଲା ଲୋକଟାର । ତୀକ୍ଷ୍ଣ ଦୃଷ୍ଟିରେ ଫାଟକର ଉଚ୍ଚତାଟାକୁ ଥରେ ଦେଖିନେଇ ସେ ଗୋଟାଏ ଝାମ୍ପ ମାରିଲା ଠିକ୍ ଯେପରି ଶିକାରୀ ବାଘ କୌଣସି ଉପକ୍ରମ ନ ଦେଖାଇ ତା'ର ଶିକାର ଉପରକୁ କୁଦିପଡ଼େ । ପର ମୁହୂର୍ତ୍ତରେ ଫାଟକ ଅତିକ୍ରମ କରି ସେ ଆର ପଟରେ ସିଧା ହୋଇ ଛିଡ଼ା ହୋଇଗଲା । ମାତ୍ର ଆଶ୍ଚର୍ଯ୍ୟର କଥା, ଛଅ ଫୁଟରୁ ଅଧିକ ଉଚ୍ଚ ଫାଟକଟା କୁଦି ଆରପାଖକୁ ଯିବାରେ ଟିକିଏ ହେଲେ ଶବ୍ଦ ଶୁଣାଗଲା ନାହିଁ । ସେ ନିଜକୁ ଟିକିଏ ସଂଯତ

Digitized by PPRACHIN, SOA

କରିଦେଇ ଛପି ଛପି ଆଗେଇଗଲା କୋଠାରି କାନ୍ଥ ଆଡ଼େ । ଅବଶ୍ୟ ସେଠି ପହଞ୍ଚିବାପାଇଁ ବେଶି ଗୁଡ଼ାଏ ଡେରି ଲାଗିଲା ନାହିଁ ତାକୁ ।

କାନ୍ଥ କଡ଼େ କଡ଼େ ସତର୍କ ଦୃଷ୍ଟି ପକାଇ ଯାଉ ଯାଉ ଦେଖିଲା, ପାଣି ପାଇପ୍‌ଟା ଉଠାଯାଇଛି ଉପରକୁ । ତା'ର ମନରେ ଆଶାର ସଞ୍ଚାର ହେଲା ଟିକିଏ । ପାଇପ୍‌ଟାକୁ ଭଲ କରି ଦୁଇଥର ଅରା ଝୁଙ୍କିଦେଇ ସେ ଦେଖିନେଲା ସେଟା ଦୃଢ଼ ଅଛି କି ନାହିଁ । ତାପରେ ଠିକ୍ ଗୋଟାଏ ବଣ ବଣୁଆ ପରି ପାଇପ୍‌ଟା ଧରି ଚଢ଼ିଗଲା ଉପରକୁ । ଚଢ଼ିବାରେ ସେ ଏତେ କ୍ଷିପ୍ର ଆଉ ସତର୍କ ଯେ ଶବ୍ଦ ତ ଟିକିଏ ହେଉ ନ ଥାଏ । ତା'ଛଡ଼ା ଗଠ ମଧ୍ୟ ଟିକିଏ ହେଲେ ଶିଥିଳ ହୋଇ ଯାଉ ନ ଥାଏ ତାର । ଗଠର ପ୍ରଖରତା ହେତୁରୁ ସଙ୍କୋଚ ମଣ୍ଡଳରେ ପାଇପଟା ଯେଉଁଠି କାନ୍ଥ ଭିତରକୁ ଫୁଟିଯାଇଛି ସେଠି ପହଞ୍ଚିବା ପାଇଁ ତାକୁ ତିନି ଚାରି ମିନିଟରୁ ଅଧିକ ସମୟ ଲାଗିଲା ନାହିଁ ।

ତେଣିକି ପ୍ରାୟ ହାତେ ଦେଢ଼ହାତ ଉପରକୁ ସାର୍ସେଟ୍ ଆରମ୍ଭ । ଲୋକଟା ଖୁବ୍ ଚେଷ୍ଟା କରି ହାତ ବଢ଼ାଇଲା । ଏଣେ ଗୋଡ଼ ଯଦି ଅଧଇଞ୍ଚେ ତଳକୁ ଖସିଯାଏ, ତେବେ ଏକାଠି ତିନିମହଲା ତଳେ, ହାଡ଼ଗୋଡ଼ର ସଙ୍ଗେ ଲୋପ ହୋଇଯିବ । ଲୋକଟାର ପ୍ରାଣମୂର୍ଚ୍ଛା । ଉଦ୍ୟମ ବ୍ୟର୍ଥ ହେଲା ନାହିଁ । ଚେଷ୍ଟା କରୁ କରୁ ଦୈବାତ୍ ହାତଟା ତା'ର ଲାଗିଗଲା ସାର୍ସେଟ୍‌ର ବାଡ଼ାରେ । ବାଃସ୍ ! ସେତିକି ତ ଦରକାର ଥିଲା । ଗୋଟିଏ ମାତ୍ର ଲମ୍ଫରେ ସେ ଯାଇ ପହଞ୍ଚିଗଲା ସାର୍ସେଟ୍ ଉପରେ । ଏତିକି କାମ କରିବା ଦ୍ୱାରା ତାକୁ ଏତେ କଠିନ ପରିଶ୍ରମର ସମ୍ମୁଖୀନ ହେବାକୁ ପଡ଼ିଥିଲା ଯେ ସେ ଉର୍ଦ୍ଧ୍ୱଶ୍ୱାସରୁ ଆଶ୍ୱସ୍ତ କରିବାପାଇଁ କିଛି ସମୟ କାନ୍ଥକୁ ଆଉଜି ଠିଆ ହୋଇଗଲା । ମାତ୍ର ଆଖି ଦୁଇଟା ତାର ଚକ୍ ଚକ୍ ହୋଇ ସେଇ ଅନ୍ଧକାର ଭିତରେ ପ୍ରତ୍ୟେକ ଜିନିଷକୁ ଦେଖୁଥିଲା ଆଉ କାନ ଦୁଇଟା ଉତ୍କର୍ଣ୍ଣ ହୋଇ ରହିଥିଲା ବାହାରର ଶବ୍ଦ ପ୍ରତି ।

ଖୁବ୍ ଶୀଘ୍ର ସେପରି କିଛି ବିପଦର ଆଶଙ୍କା ନ ଦେଖି ସେ ସେଠାରୁ ବାହାର ଭିତରକୁ ପାଦ ବଢ଼ାଇଲା । ପାଖ କୋଠରିଟାହିଁ ଥିଲା ତାର ଅନୁମାନ କରିଥିବା ବେଡ୍‌ରୁମ୍ । ସେଇ ଦ୍ୱାର ପାଖରେ ପହଞ୍ଚି ସେ ଦେଖିଲା, ଦରଜା

Digitized by PPRACHIN, SOA

ଯୋଡ଼ିକ ଅଲଗା ମେଳ ଅଛି । ଆଖପାଖ କୋଠରିରେ ଆଉ କାହାରି ଶୋଇଥିବାର ସୋରଶବ୍ଦ ଶୁଣାଯାଉନି । ଏଥର ପକେଟରୁ ରିଭଲଭରଟା ବାହାର କରି ଥରେ ସେ ପରୀକ୍ଷା କରିନେଲା । ତା ପରେ ଫାୟାର କରିବା ଅବସ୍ଥାରେ ଆଗକୁ ସଜାଡ଼ି ଧରି କବାଟଟିକୁ ପୁଣି ଖୋଲିଦେଲା । ତଥାପି କିଛି ସୋରଶବ୍ଦ ନାହିଁ, କେବଳ ଦୁଇଜଣଙ୍କର ଶୋଇବା ଅବସ୍ଥାରେ ଦୀର୍ଘ ଶ୍ୱାସପ୍ରଶ୍ୱାସର ଶବ୍ଦ ଛଡ଼ା ।

ଅପେକ୍ଷାକୃତ ଆହୁରି ସତର୍କ ହୋଇ କୋଠରି ଭିତରକୁ ପାଦ ବଢ଼ାଇଲା ଲୋକଟା । ହାତଟା ଲମ୍ବାଇ ରିଭଲଭରଟା ବାଗେଇ ଧରିଥାଏ ସାମ୍ନାକୁ ଶକ୍ତ ମୂଠା ଭିତରେ । ଉତ୍ତେଜନାରେ ମାଂସପେଶୀଗୁଡ଼ା ଥରିଉଠୁଥାଏ ତା'ର । କୋଠରିଭିତରର ନୀଳ ଆଲୋକ ରିଭଲଭର ଉପରେ ପଡ଼ି ଝଲସିଉଠିଲା । ଚଟ୍‌କରି ଗୋଟାଏ ଆଲୋକର ଝଲକ ବୁଲିଗଲା ଘର ଭିତରର ସ୍ଥିର ବାୟୁ ଉପରେ । ଦ୍ୱାର ସିଧାରେ କୋଠରି ଭିତରକୁ ପଶିଆସି ଲୋକଟା ସ୍ଥିର ଭାବରେ ଠିଆହୋଇ ଲକ୍ଷ୍ୟ କଲା କିଛି ସମୟ ସମୁଦାୟ କୋଠରିଟାକୁ ।

ଅସ୍ପଷ୍ଟ ନୀଳବର୍ଣ୍ଣ ଆଲୋକ ତଳେ ଲୋକଟାର ଚେହେରା ଗୋଟାଏ ଭୀଷଣ ଦାନବ ପରି ଦେଖାଯାଉଥିଲା । ତା'ର ଆଖି ଦୁଇଟା ସ୍ଥିର ଆଉ ଜ୍ୱଳନ୍ତ କୋଇଲା ଖଣ୍ଡ ପରି ଲାଲ୍ । ଶ୍ମଶ୍ରୁଳ ମୁଖମଣ୍ଡଳରେ ଟୋପି ଟୋପି ଝାଳ ଲୋକଟାର ମୁହଁକୁ ଆହୁରି ଭୟଙ୍କର କରିଦେଇଥିଲା । ଉତ୍ତେଜନା'ର ଆଧିକ୍ୟରେ ନାକ ପୁଡ଼ା ଦୁଇଟା ତା'ର ଫୁଲି ଉଠୁଥିଲା ଥରକୁ ଥର ।

କୋଠରିଟାର ସାଜସଜ୍ଜା ଥିଲା ଅପରୂପ । କୌଣସି ରଜା ମହାରାଜାଙ୍କ ଶୟନକକ୍ଷ ସହିତ ସମାନ ହେବ । ଗୋଟାଏ ବଡ଼କୁ ପଲଙ୍କ, ତା'ଉପରେ ମୂଠିଏ ବହଳର ଡନ୍‌ଲପଗଦି । ତା'ଉପରେ ମଖମଲ୍ ଚଦର । ଚଟାଣ ଉପରେ ଦାମୀ ଭେଲଭେଟ ଗାଲିଚା । ପଲଙ୍କ ଉପରେ ନିତାନ୍ତ ଅସଂଯତ ଅବସ୍ଥାରେ ଶୋଇଛନ୍ତି ପୁରୁଷ ସ୍ତ୍ରୀ ଦୁଇଜଣ । ପୋଷାକ ପିନ୍ଧାରେ ଆଦୌ ଠିକ୍ ଠିକଣା ନାହିଁ । ଅସଂଲଗ୍ନ ପୋଷାକ ଯାହା କିଛି ଦେହରେ ଅଛି, ସେତିକ ସେମାନଙ୍କର ଆଭିଜାତ୍ୟ ଏବଂ ମୂଲ୍ୟବାନ୍ ରୁଚିର ବେଶ୍ ପରିଚୟ ଦେଉଛି । ସ୍ତ୍ରୀଲୋକଟିର ଦେହରେ ସୁନାର ଗହଣା ଝଲ୍ ମଲ୍ କରିଉଠୁଛି ପଲଙ୍କର ମୁଣ୍ଡଆଡ଼କୁ ମେହଗାନି

Digitized by PPRACHIN, SOA

କାଠର ସୁନ୍ଦର ଗ୍ଲେଟ ଗୋଲେଇ ଟେବୁଲଟିଏ । ତା ଉପରେ ରଖାଯାଇଛି କେତୋଟି ବିଦେଶୀ ପାନୀୟ ବୋତଲ ଆଉ ପାନପାତ୍ର । କାନ୍ଥର ଗୋଟାଏ କଡ଼ରେ କେତୋଟି ଆୟରନ୍ ଚେଷ୍ଟ ।

ଏସବୁ ସାଜସଜ୍ଜା ପ୍ରତି ଦୃଷ୍ଟି ପକାଇ ଘୃଣା ଏବଂ ତାଚ୍ଛଲ୍ୟର ହସ ଟିକିଏ ହସିଦେଲା ସେ । ତଥାପି ଶୋଇଥିବା ଦୁଇଜଣଙ୍କର ନିଦ୍ରା ଭଙ୍ଗର କୌଣସି ସୂଚନା ନାହିଁ । ଗମ୍ଭୀର ସୁସୁପ୍ତି । ଶାନ୍ତିମୟୀ ନିଦ୍ରାଦେବୀଙ୍କ କୋଳର ମମତା ଯେ ବେଳେ ବେଳେ କରାଳ ମୃତ୍ୟୁକୁ ଆମନ୍ତ୍ରଣ କରେ, ଏକଥା ପ୍ରାଣୀମାତ୍ରେଇ ଜାଣନ୍ତି । ଭବନାଥ ରାୟଙ୍କୁ ମଧ୍ୟ ଅଜ୍ଞାତ ନ ଥିବ ।

ପଲଙ୍କ ଉପରେ ସ୍ଥିରଦୃଷ୍ଟି ରଖି ଦରଜାଟା ସେ ଆଉଜାଇଦେଇ ଛିଟ୍କିଣି ବନ୍ଦ କରିଦେଲା ଭିତର ପଟରୁ । ଏଥର ଆଉ ଭୟ କରିବାପାଇଁ ତା'ର କିଛି ନ ଥିଲା । ଚାଲରୁ ଉପରକୁ ସତର୍କ ଦୃଷ୍ଟିରେ ଥରେ ଦେଖିପକାଇ ସେ ଚମକିପଡ଼ି ଚାହିଁଦେଲା କାନ୍ଥରେ ଥିବା ବିଜୁଳିବତୀର ସ୍ୱିଚ୍ ବୋର୍ଡକୁ । ଗୁଡ଼ାଏ ସ୍ୱିଚ୍, ମାତ୍ର ଲାଇଟ୍ ନାହିଁ ଏବେ ! କିଛି ଗୋଟାଏ ସମସ୍ୟାର ସୂତ୍ର ଆବିଷ୍କାର କଲା ପରି ଦୁଇ ତିନି ଥର ମୁଣ୍ଡ ଟୁଙ୍ଗାଇ ସେ ପାନୀୟ ଟେବୁଲ ନିକଟରେ ଠିଆ ହେଲା । ରିଭଲଭରଟାକୁ ଶୋଇଥିବା ଲୋକଙ୍କ ଆଡକୁ ବାଗେଇ ଧରି ଆର ହାତରେ ବୋତଲରୁ କିଛି ପାନୀୟ ଗଡ଼ାଇନେଲା ପାତ୍ରରେ । ଅନାୟାସରେ ସେତକ ଉଦରସ୍ଥ କରି ପାତ୍ରଟାକୁ ସଶବ୍ଦେ କଚାଡ଼ିଦେଲା ଟେବୁଲ ଉପରେ ।

ଶବ୍ଦଟା ଯେତିକି ହେଲା, ସାମାନ୍ୟ ମଧ୍ୟ ନୁହେଁ । ନିଃଶବ୍ଦ କୋଠରି ଭିତରେ ସେତିକି ଶବ୍ଦରେ ଜମିଦାର ଭବନାଥ ରାୟଙ୍କର ନିଦ୍ରା ସାମାନ୍ୟ ଆଘାତ ପ୍ରାପ୍ତ ହେଲା କି କଣ, ନିଶାବିଜଡ଼ିତ ଆଖି ଦୁଇଟା ତାଙ୍କର ବାଧ୍ୟ ହୋଇ ଅଳ୍ପ ମେଲିଗଲା । ଏଇ ସୁଯୋଗ ବୋଧହୁଏ ଖୋଜୁଥିଲା ଲୋକଟା । ବୋଧହୁଏ ସେଥିପାଇଁ ଶବ୍ଦର ସୃଷ୍ଟି କରିଥିଲା ସେ । ଜମିଦାର ଭବନାଥ ଆଖି ଫିଟାଇବା ମାତ୍ରେ ଝାମ୍ପ ମାରି କୁଦି ପଡ଼ିଲା ସେ ପଲଙ୍କ ଉପରକୁ । ଡାହାଣ ହାତରେ ରିଭଲଭରଟା ଧରି ବାଁ ହାତରେ ତାଙ୍କର କୋଟ୍ କଲରକୁ ଭିଡ଼ିଧରି ଉଠାଇ ବସାଇଦେଲା ପଲଙ୍କ ଉପରେ । ନିତାନ୍ତ ଅସ୍ୱାଭାବିକ ଧସ୍ତାଧସ୍ତିରେ ତରୁଣୀଟିର ନିଦ୍ରାରେ

Digitized by PPRACHIN, SOA

ବ୍ୟାଘାତ ଘଟିଲା ବୋଧହୁଏ । ସେ ବ୍ୟସ୍ତଭାବରେ ଚମକିଉଠି ବସିଯିବା ସଙ୍ଗେ ସଙ୍ଗେ ଉପସ୍ଥିତ ଘଟଣା ତାଙ୍କୁ ଏତେ ବିଚଳିତ କରିପକାଇଥିଲା ଯେ ନିଜର ଲୁଗାପଟା ସଜାଡ଼ି ନେବା କଥା ମଧ୍ୟ ସେ ଭୁଲିଯାଇଥିଲେ । ଚିତ୍କାର କରିବା ଆଗରୁ ଲୋକଟାର ରିଭଲଭର ମୂଠାରେ ଗୋଟାଏ ପ୍ରଚଣ୍ଡ ଆଘାତ ବସିଲା ତା ମୁଣ୍ଡ ଉପରେ । 'ଆଃ !' ବୋଲି ଯନ୍ତ୍ରଣାସୂଚକ ଚିତ୍କାର କରି ସେ ପଡ଼ିଗଲା ପଲଙ୍କ ତଳକୁ ।

"ଚିହ୍ନିପାରୁଚୁ, ନାଥୁରାମ୍ !" କର୍କଶ ସ୍ୱରରେ ଜମିଦାର ଭବନାଥ ରାୟଙ୍କ କଲରକୁ ଗୋଟାଏ ଝାଙ୍କ ଦେଇ ପଚାରିଲା ଆଗନ୍ତୁକ ।

ଜମିଦାର ଏପରି ଅସମ୍ଭାବିତ ଆକ୍ରମଣର ଆଶଙ୍କା ସ୍ୱପ୍ନରେ ସୁଦ୍ଧା କରି ନ ଥିଲେ । ଏତେଗୁଡ଼ାଏ ଘଟଣା ପଲକମାତ୍ରେ ଘଟିଗଲା । ହଠାତ୍ ବହୁ ପୂର୍ବରୁ ଲୋପ କରିଦେଇଥିବା ନାମଟା ଗୋଟାଏ ଭୟଙ୍କର ଲୋକମୁହଁରୁ ଏପରି ପରି-ସ୍ଥିତିରେ ଶୁଣି ଅସମ୍ଭବ ଭାବରେ ଚମକିପଡ଼ିଲେ ସେ । ନିଦୁଆ ଆଖିକୁ ଭଲ କରି ଖୋଲି ଆଗନ୍ତୁକର ମୁହଁକୁ ତୀକ୍ଷ୍ଣ ଭାବରେ ଚାହିଁ ତାଙ୍କର ତାଳୁଟ ଶୁଖିଗଲା । ଅଜାଣତରେ ତାଙ୍କ ପାଟିରୁ ଖନ ମାରିଯିବା ସ୍ୱରରେ ଉଚ୍ଚାରିତ ହୋଇଗଲା— "ସ-ର୍ଦ୍ଦା-ର ! ତୁମେ ବଞ୍ଚିଛ ?

ଏଇ କଥା ପଦକ ଶୁଣିଲାମାତ୍ରେ ଉନ୍ମାଦଙ୍କ ପରି ହସିଉଠିଲା ଲୋକଟା । ପୂର୍ବପରି କଠୋର କର୍କଶ ସ୍ୱରରେ ସେ କହିଲା "ସର୍ଦ୍ଦାରତ ତୋ ଆଗରୁ କେବେ ମରିଯିବା କଥା ନୁହେଁ ! ତା ହେଲେ ତୋର ନିମକହାରାମୀର ସଜା ଦେବ କିଏ ? ଜାଣୁ, ତୋର ହାରାମୀର ସଜା କଣ ?"

'ନା, ନା ! ମୁଁ ନିମକହାରାମୀ କରିନାହିଁ, ସର୍ଦ୍ଦାର ! ନିଜକୁ ବଞ୍ଚାଇବା ପାଇଁ ମୁଁ ଛଦ୍ମ ବେଶରେ ଅଛି ଏଠି । ମୁଁ ମୁଁ"

'ନାଥୁ ରାମ୍"—ଲୋକଟାର କଥା ବନ୍ଦ ହୋଇଗଲା ଏ କର୍କଶ ଚିତ୍କାରରେ ।

—"ତତେ ମୁଁ ହିନ୍ଦୁସ୍ଥାନର ପ୍ରତିଟି କୋଣ ଖୋଜିଛି । ପଇସା ଅଭାବରେ ମାଗି ଖାଇଚି, ମୋଟ ବୋହିଛି । କିନ୍ତୁ ତଥାପି ମରିପାରିନି । ତୁମମାନଙ୍କ

Digitized by PPRACHIN, SOA

ହାର୍ମୀର ପ୍ରତିଫଳ ଦେବାପାଇଁ ବିଶ୍ୱରହିବାକୁ ପ୍ରବଳ ଚେଷ୍ଟା କରିଛ । ଆଜି ତୁ ମୋ ହାବୁଡ଼ରେ ପଡ଼ିଚୁ ନିମକହାରାମ, ସଇତାନ !"—ଲୋକଟା ଦାନ୍ତ କଡ଼ମଡ଼ କରିଉଠିଲା । ଶଭଲଭର ଉପରେ ହାତମୁଠାଟା ତା'ର ଆହୁରି ଦୃଢ଼ ହୋଇ ଆସୁଥିଲା ।

"ମୋତେ ବିଶ୍ୱାସ କର, ସର୍ଦ୍ଦାର, ଆମ ଜାହାଜ ଉପରେ ପୋଲିସ ଯେମିତି ଚଢ଼ାଉ କଲା, ତୁମ ହୁକୁମ ଅନୁସାରେ ତ ପେଟ୍ରୋଲ ଢାଳି ସବୁ ନିଆଁ ଲଗାଇଦିଆଗଲା । ଟଙ୍କା, ମୋହର, ସୁନା, ଜହରତ ଧରି କିଏ କୁଆଡେ ହୁଲି ଡଙ୍ଗାରେ ପଳାଇଗଲେ । ମୁଁ ଖାଲି ଖାଲି ବୁଡିପଡ଼ିଲି । ତିନିଦିନ କାଳ ସମୁଦ୍ରରେ ଭାସି ଭାସି ମୁଁ ଯେ କି ଦୁଃଖରେ ଆସିଛି—"

"ଚୁପ୍‌କର । ମିଛ କଥା । ସବୁ ଖବର ମୁଁ ସଂଗ୍ରହ କରିନେଇଛି । ତୁ ସେମାନଙ୍କ ସାଙ୍ଗରେ ଥିଲୁ । ସେ ହୁଲି ଡ଼ଙ୍ଗାଟାରେ ତୁମେ ଥିଲ ତିନିଜଣ । ରତ୍ନଦ୍ୱୀପକୁ ଯିବା ନକ୍ସା ଆଉ ରତ୍ନଗୁହାର ନକ୍ସା ବି ଥିଲା ତୁମ ପାଖରେ । ମଝି ଦରିଆରେ ତୁ ସେତକ ହାତ କଲୁ, ଆର ଦୁଇ ଜଣଙ୍କୁ ସେଇଠି ଖତମ କଲୁ ।"

"ମିଛ କଥା, ସର୍ଦ୍ଦାର ! ତୁଚ୍ଛା ମିଛ କଥା !" ଭବନାଥ ତ୍ରସ୍ତ ଭୟରେ କାବୁସ୍ଥ ହୋଇପଡ଼ିଥିଲା ।

"ଚୁପ୍ କର ! ତୋର ମନେ ମନେ ତୁ ସାଥୀ ଦୁଇଜଣଙ୍କୁ ମାରିଦେଇ ଥିଲୁ । କିନ୍ତୁ କେଶୁରାମ ମରି ନ ଥିଲା । ତୋର ଗୁଣାବଳୀ ମୋତେ କହିସାରି ସେ ମଲା । ଏଥର କହ, କୁକୁର ! ତୋର କଅଣ କହିବାକୁ ଅଛି ?

"ତୁମକୁ କେଶୁରାମ ଠକ ଦେଇଛି, ସର୍ଦ୍ଦାର । ମୋ ପାଖରେ ନକ୍ସା ଫକ୍ସା କିଛି ନାହିଁ । ଯାହା କିଛି ହାତେ ହାତେ ଆଣିପାରିଥିଲି ସେତିକରେ ଚଳୁଛି । ସେଇଥିରୁ ଯାହା ଖୁସି ପଛେ ନିଅ । କିନ୍ତୁ ମୋତେ—"

ପ୍ରଚଣ୍ଡ ଗୋଟାଏ ଅଟ୍ଟହାସ୍ୟରେ କୋଠାଟା ଥରିଉଠିଲା ଯେମିତି ।

—"ତୁ ବିଶ୍ୱାସଘାତକ ଆଉ ସେକଥା କହିପାରୁଛୁ ? କେତେ ଲୋକଙ୍କ ବିଶ୍ୱାସରେ ବିଷ ଢାଳିଚୁ ତୁ ! ମୁଁ ଆଜି ଆସିଛି ତୋ'ଠାରୁ ପାଇ ପାଇ ଅସୁଲ

Digitized by PPRACHIN, SOA

କରିବ । ରତ୍ନଦ୍ୱୀପ ଆଉ ରତ୍ନଗୁହାର ନକ୍ସା ନେବ । ତାହା ହେଲେ ସେମାନଙ୍କର ଘୂରିବୁଲୁଥିବା ଅତୃପ୍ତ ଆତ୍ମା ଗୁଡ଼ାକ ଟିକିଏ ଶାନ୍ତି ପାଇବ ।”

“ସର୍ଦ୍ଦାର !”—ବିକଳ ହୋଇ ହାତ ଯୋଡ଼ିପକାଇଲା ଛଦ୍ମବେଶୀ ଭବନାଥ ଗୁପ୍ତ ।

“ଧୁତ୍ !”—ସଙ୍ଗେ ସଙ୍ଗେ ପ୍ରଚଣ୍ଡ ଧକ୍କାଟାଏ ପାଇଲା ତା’ର ପ୍ରତିଦାନରେ ।

—“ରତ୍ନଦ୍ୱୀପରେ ରତ୍ନଗୁହାର ଅକଳନ୍ତ ସମ୍ପତ୍ତି ଆମ କାହାର ଅର୍ଜିତ ସମ୍ପତ୍ତି ନୁହେଁ । ସେ ସମ୍ପତ୍ତି କେଉଁ ଅଜ୍ଞାତ ଜଳଦସ୍ୟୁର ଲୁଣ୍ଠନର ସଞ୍ଚୟ । ଆମେ ଏକା ନୋହୁଁ, ଆମ ଆଗରୁ କେବଳ ତା’ର ପାଇଁ କେତେ ରକ୍ତପାତ ଯେ ହୋଇଯାଇଛି ତା’ର ସୀମା ନାହିଁ, କିନ୍ତୁ କେହି ଠିକଣା ରାସ୍ତା ପର୍ଯ୍ୟନ୍ତ ଯାଇପାରିନାହାନ୍ତି । ତୁ ବି ପାରିବୁ ନାହିଁ । ଆଜି ତୋର ହିସାବ ନିକାଶ ହେବ, ନିଷ୍ପତ୍ତି ହେବ, ହେବ , ହେବ !”

“ନା, ନା, ସର୍ଦ୍ଦାର ! ତୁମେ ମୋ କଥା ଥରେ ହେଲେ ଶୁଣ । ମୁଁ—ମୁଁ ଆଦୌ ଏ କାମ କରିନି । ମୋତେ ବିଶ୍ୱାସ କର, ରତ୍ନଦ୍ୱୀପର ନକ୍ସା—”

ଛଦ୍ମବେଶୀ ଭବନାଥ ଗୁପ୍ତର କଥା ଅବଶିଷ୍ଟ ରହିଲା ନ ସରୁଣୁ ହଠାତ୍ ଗୋଟାଏ ନିତାନ୍ତ ଅପ୍ରତ୍ୟାଶିତ ଘଟଣା ଘଟି ସବୁ ଓଲଟପାଲଟ ହୋଇଗଲା । ଆଘାତ ପାଇ ଭବନାଥ ଗୁପ୍ତର ଶଯ୍ୟାସଙ୍ଗିନୀ ତଳକୁ ପଡ଼ିଯାଇ ନିଶ୍ଚେଷ୍ଟ ନ ଥିଲା । ମାତ୍ର କେଇ ମିନିଟ୍ ମଧ୍ୟରେ ଉଭୟଙ୍କର ଆଳାପରୁ ସବୁକଥା ସେ ଠଉରାଇ ନେଇପାରିଥିଲା । ସେ ପଲଙ୍କ ତଳୁ ସମସ୍ତଙ୍କର ଅଲକ୍ଷ୍ୟରେ ଘୁସୁରି ଘୁସୁରି ଯାଇ କାନ୍ଥର ଗୋଟାଏ ସ୍ଥାନରେ ଥିବା ସ୍ୱିଚ୍‌ବୋର୍ଡ ନିକଟରେ ପହଞ୍ଚିଯାଇଥିଲା । ଭବନାଥ ଗୁପ୍ତ ତାହା ଭଲଭାବରେ ଦେଖିନେଇ ମନେ ମନେ ଖୁବ ଖୁସି ହୋଇଯାଇଥିଲା ଏବଂ ଉପଯୁକ୍ତ ସମୟ ପର୍ଯ୍ୟନ୍ତ ସର୍ଦ୍ଦାରକୁ ଅନ୍ୟମନସ୍କ କରି ରଖିବା ଉଦ୍ଦେଶ୍ୟରେ ନାନାପ୍ରକାର ଏଣ୍ଡୁଡେଣ୍ଡୁ କଥା କହି ସମୟ କଟାଉଥିଲା । ତା’ର ଦୃଷ୍ଟି ଅଲକ୍ଷିତରେ ଥରେ ଦୁଇଥର ସ୍ୱିଚ୍‌ବୋର୍ଡ ନିକଟରେ ପହଞ୍ଚିବା ତା’ର ଶଯ୍ୟାସଙ୍ଗିନୀର କାର୍ଯ୍ୟକଳାପ ଆଡ଼କୁ ଟାଣି ହୋଇଯାଉଥିଲା,

Digitized by PPRACHIN, SOA

ମାତ୍ର ସର୍ଦ୍ଦାରର ଧୂର୍ତ୍ତ ଆଖିକୁ ସେ ଫାଙ୍କି ଦେଇପାରି ନ ଥିଲା । ସେହି ଦୃଷ୍ଟିକୁ ଲକ୍ଷ୍ୟ କରି ସେ ମଧ୍ୟ ସମସ୍ତଙ୍କ ଅଲକ୍ଷ୍ୟରେ ସେତିକି ଲକ୍ଷ୍ୟ କରି ନେଇ ସୁଯୋଗର ଅପେକ୍ଷା କରୁଥିଲା ।

ଭବନାଥ ମିଶ୍ରର କଥା ସରିବା ହଠାତ୍ 'ଟକ୍' କରି ଶବ୍ଦ ହେବା ସଙ୍ଗେ ସଙ୍ଗେ ସର୍ଦ୍ଦାରର ପାଦତଳେ ଥିବା ଗାଲିଚାଟା ସାଙ୍ଗିକରି ଅପସରି ଗଲା । ସର୍ଦ୍ଦାର ବୋଧହୁଏ ପୂର୍ବରୁ ସବୁ ଜାଣିଥିଲା କି କ'ଣ, ସେ ଗୋଟାଏ ଲମ୍ଫରେ ପଲଙ୍କ ଉପରକୁ ଚଢ଼ିପଡ଼ିଲା । ତଳେ ବିରାଟ ଗହ୍ୱର । ଭିତରର ଗଭୀରତା କଳନା କରିବା ମୁସ୍କିଲ । ସେହି ମୁହୂର୍ତ୍ତରେ ତାର ହାତର ରିଭଲଭର ଗର୍ଜିଉଠିଲା । ଆଉ ସ୍ତ୍ରୀଲୋକଟା ଭୟଙ୍କର ଚିତ୍କାରଟାଏ କରି ସେଇଠି ପଡ଼ି ଛଟପଟ ହେବାକୁ ଲାଗିଲା । ସର୍ଦ୍ଦାର ଗୋଟାଏ ଘୃଣା ଏବଂ ତାଚ୍ଛଲ୍ୟପୂର୍ଣ୍ଣ ଦୃଷ୍ଟି ତା ଉପରେ ପକାଇ ଦେଖିଲା—ଦ୍ୱିତୀୟ ଗୁଳିର ଆବଶ୍ୟକତା ନାହିଁ । ଲକ୍ଷ୍ୟ ଠିକ୍ ହୃତ୍‌ପିଣ୍ଡ ଭେଦ କରିଛି ।

ନାଥୁ ମିଶ୍ର ହଠାତ୍ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଥିଲା ; ମାତ୍ର ପରମୁହୂର୍ତ୍ତରେ ନିଜର ମୃତ୍ୟୁ ଆସନ୍ନ ଜାଣି କୁଦିପଡ଼ିଲା ସର୍ଦ୍ଦାର ଉପରକୁ । ସେହି ସଙ୍ଗେ ସଙ୍ଗେ ସେ ସର୍ଦ୍ଦାରର ରିଭଲଭର ସହିତ ହାତଟାକୁ ମୁଠାଇ ଧରିଲା । ସର୍ଦ୍ଦାରର ଶତଚେଷ୍ଟା ସତ୍ତ୍ୱେ ବି ସେ ହାତଟାକୁ ମୁକୁଳାଇ ପାରିଲା ନାହିଁ ତା'ଠାରୁ । ଭୀଷଣ ଧସ୍ତାଧସ୍ତି ଶବ୍ଦରେ ସାରା ମହଲଟା କମ୍ପି ଗଲା । ଭବନାଥ ମିଶ୍ର ପ୍ରାଣପଣେ ଚେଷ୍ଟା କରୁଥାଏ କିପରି ସର୍ଦ୍ଦାରକୁ ସେହି ଗହ୍ୱର ଭିତରେ ପକାଇବ । କିନ୍ତୁ ସର୍ଦ୍ଦାରର ପ୍ରାଣମୂର୍ଚ୍ଛା ଉଦ୍ୟମ—କିପରି ହାତଟା ମୁକୁଳାଇବ । ଏଣେ ତଳ ମହଲାର ଲୋକବାକ ବି ଉଠିପଡ଼ିଲେଣି ରିଭଲଭର ଶବ୍ଦ ଚିତ୍କାର ଆଉ ଧସ୍ତାଧସ୍ତି ଆବାଜରେ । ତଳ ମହଲାରେ ବିଜୁଳିବତୀଗୁଡ଼ା ଜଳିଉଠିଲାଣି । ଉପରମହଲା ସିଡ଼ିରେ ଲୋକମାନଙ୍କର ପାଦଶବ୍ଦ ଶୁଭୁଛି । ଶୀଘ୍ର ଏଠାରୁ ଖସି ନ ଗଲେ ଧରାପଡ଼ିବା ସୁନିଶ୍ଚିତ । ଏଣେ କାର୍ଯ୍ୟ ହାସଲ କରି ନ ଗଲେ ନାଥୁମିଶ୍ର ହାତରୁ ରକ୍ଷା ନାହିଁ । ସର୍ଦ୍ଦାର ପକ୍ଷରେ ମହା ସନ୍ଦ ସମସ୍ୟା ଏଇଟା—ସେକଥା ସେ ବେଶ୍ ହୃଦୟଙ୍ଗମ କରିପାରୁଥିଲା । ମାତ୍ର ନାଥୁମିଶ୍ର କବଳରୁ ମୁକ୍ତି ନାହିଁ ?

Digitized by PPRACHIN, SOA

ଶେଷଥର ପାଇଁ ନିଜର ସକଳ ସାମର୍ଥ୍ୟ ଲଗାଇ ପ୍ରଚଣ୍ଡ ଗୋଟାଏ ଧକ୍କା ଦେଲା ନାଥୁସିଂକୁ । ନାଥୁସିଂର ହାତ ଢିଲା ହୋଇଗଲା ଏଥିରେ । ସର୍ଦ୍ଦାରର ରିଭଲଭର ଧରା ହାତଟା ମୁକ୍ତ ହୋଇଗଲା । ଏଣେ ଲୋକଗୁଡ଼ାଙ୍କର ପାଦଶବ୍ଦ ଖୁବ୍ ପାଖରେ । ସେହି ମୁହୂର୍ତ୍ତରେ ସର୍ଦ୍ଦାରର ରିଭଲଭର ଗୁଳିରେ ସେ କୋଠରୀର ଝୁଲନ୍ତା ନୀଳବର୍ଣ୍ଣ ବଲବଟି ଚୂର୍ଣ୍ଣ ବିଚୂର୍ଣ୍ଣ ହେଲା । ନାଥୁସିଂ ପୁନଶ୍ଚ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଥିଲା । ସେଥିରେ ମଧ୍ୟ ସାମାନ୍ୟ ବ୍ୟତିକ୍ରମ ହେଲା । ଏହି ଅବସରରେ ସର୍ଦ୍ଦାରର ରିଭଲଭର କୋଠରୀ ଭିତରକୁ ଲକ୍ଷ୍ୟ କରି ପୁଣି ଥରେ ଅଗ୍ନି ଉଦ୍‌ଗାର କରି ଗର୍ଜି ଉଠିଲା । ତା ସଙ୍ଗେ ସଙ୍ଗେ ନାଥୁସିଂର ବିକଟ ଚିତ୍କାର ଆଉ ଦୁମ୍‌କରି ପଡ଼ିଯିବାର ଶବ୍ଦ ଶୁଣା ଗଲା । ଅପେକ୍ଷା କରି ବିପଦ ବରଣ କରିବାକୁ ଧୈର୍ଯ୍ୟ ନ ଥିଲା ସର୍ଦ୍ଦାରର । ସେ ଲୁଚିପଡ଼ିଲା ଦ୍ୱାର ପାଖକୁ । ଛଅ ସାତଟା ଲୋକ ଧାଇଁ ଆସୁଛନ୍ତି ସେ କୋଠରୀଆଡ଼କୁ । ସେମାନଙ୍କ ହାତରେ ବି ଆଗ୍ନେୟାସ୍ତ୍ର ଅଛି । କୌଣସି ପ୍ରକାରେ ସେମାନଙ୍କର ଗତି ଟିକିଏ ରୋଧ କରିଦେଇ ନିଜେ ପଳାଇବାର ସୁଯୋଗ ସୃଷ୍ଟି କରିବାପାଇଁ ଲକ୍ଷ୍ୟ କରି ରିଭଲଭର ଫାୟାର କରିଦେଲା । ଏହାଦ୍ୱାରା ସେମାନଙ୍କର ଗତି ଅବଶ୍ୟ ଟିକିଏ ରୋଧ ହେଲା ; ମାତ୍ର ଆଉ ଗୋଟିଏ ମହାବିପଦର ସୃଷ୍ଟି ହେଲା । ସେଥି ସଙ୍ଗେ ସଙ୍ଗେ ସେହି ମହଲର ଆଲୋକଗୁଡ଼ା ଜଳିଉଠିଲା । ଫଳରେ ଲୋକମାନେ ତାକୁ ଲକ୍ଷ୍ୟ କରିନେଲେ ।

ପ୍ରାଣ ନେଇ ପଳାୟନ ବ୍ୟତୀତ ଅନ୍ୟ ଉପାୟ ନ ଥିଲା । ସର୍ଦ୍ଦାର ପୁନର୍ବାର ପାରାପେଟ୍ ଅଭିମୁଖେ ଧାଇଁବାକୁ ଲାଗିଲା । ଲୋକଗୁଡ଼ାକ 'ଧର ଧର' ହଲ୍ଲା କରି ପଛେ ପଛେ ଧାଇଁଆନ୍ତି ତା'ର । ପଛଆଡ଼ୁ ଆଉ ଦୁଇଟା ଫାୟାର କରି ସେମାନଙ୍କୁ କିଛି ସମୟ ଅଟକାଇ ଦେଇ ସେ କିଛି ଦୂର ଆଗେଇ ଯାଇପାରିଥିଲା । ଏତିକି-ବେଳେ 'ଗୁଡ଼ୁମ୍' ଆବାଜ ହେବା ସଙ୍ଗେ ସଙ୍ଗେ ସାଇଁ କରି ଗୋଟାଏ ଗୁଳି ତା'ର ବାଁ ପାଖ ଦେଇ ଚାଲିଗଲା ।

ସେ ସେତେବେଳକୁ ପାରାପେଟ୍ ପାଖରେ ପହଞ୍ଚିସାରିଥିଲା । କୌଣସି ପ୍ରକାରେ ପାଣି ପାଇପ୍‌ଟାକୁ ଧରି ବିଜୁଳି ପରି ତଳକୁ ଖସିବାକୁ ଲାଗିଲା । ହଠାତ୍ ଉପରୁ 'ଧାଏଁ ଧାଏଁ' କରି ଦୁଇଟି ଗୁଳି ଆସି ବାମ ବାହୁରେ ବିଦ୍ଧ ହେଲା ତା'ର ।

Digitized by PPRACHIN, SOA

ହାତ ତା'ର ଅବଶ ହୋଇପଡ଼ିଲା । ଚତୁର୍ଦ୍ଦିଗ ଅନ୍ଧକାରମୟ ଦେଖାଗଲା ତାକୁ । ପାଇପ୍ ଦେହରୁ ମୁଠା ଦୁଇଟା କୋହଳ ହୋଇଆସିଲା । 'ଭୁସ୍' କରି ତଳେ ଖସିପଡ଼ିଲା ସେ; ମାତ୍ର ପଡ଼ିବା ସଙ୍ଗେ ସଙ୍ଗେ ସେ ସଚେତନ ହୋଇଉଠିଲା । ବାହୁରୁ ଆଜସ୍ର ରକ୍ତସ୍ରାବ ଆରମ୍ଭ ହେଲାଣି । ଏଣେ ପାଦର ଯନ୍ତ୍ରଣା ଅସହ୍ୟ । ତଥାପି ମୁକ୍ତି ପାଇବାପାଇଁ ସର୍ବଶେଷ ଉଦ୍ୟମ କରିବାକୁ ସେ ଘୁସୁରି ଘୁସୁରି ଫାଟକଆଡ଼କୁ ଧାଇଁଲା । ସେହି ମୁହୂର୍ତ୍ତରେ ବଗିଚାର ବିଜୁଳିବତ୍ତିଗୁଡ଼ା ଜଳିଉଠିଲା । ଉପର ମହଲାର ପାରାପେଟ ଉପରୁ ଭବନାଥ ରାୟର ଲୋକମାନେ ଦେଖିଲେ, କେହି ଗୋଟାଏ ଫାଟକ ଉପରେ ଚଢ଼ି ବାହାରିଯାଉଛି ତତ୍‌କ୍ଷଣାତ୍ ତାକୁ ଲକ୍ଷ୍ୟ କରି ଛୁଟିଆସିଲା କେତୋଟି ଗୁଳି ।

ସେତେବେଳକୁ ଫାଟକ ଅତିକ୍ରମ କରିସାରିଥିଲା ସର୍ଦ୍ଦାର ।

ଲୋକଗୁଡ଼ାକଙ୍କର ହୈ ଚୈ କ୍ରମେ ଅଧିକରୁ ଅଧିକ ହେବାକୁ ଲାଗିଲା ।

ସେଇ ଗୋଳମାଳଟା ଥିଲା ପ୍ରାସାଦ ପାଖରେ । କିନ୍ତୁ ନିର୍ଜନ ରାସ୍ତାମୁଣ୍ଡରୁ ଜିପ୍‌ଟାଏ ଖୁବ୍ ଦ୍ରୁତଗତିରେ ଛୁଟି ଚାଲିଗଲା ସହର ଆଡ଼କୁ—ସେତିକିବେଳେ ସମସ୍ତଙ୍କ ଅଲକ୍ଷ୍ୟରେ ।

ଦୁଇ

ରାତି ଭଲକରି ପାହିନି; ପାହି ପାହି ଆସୁଛି । ଏବେ ବି ଚଉପାଶ ସବୁ ଅଲ୍ପ ଅନ୍ଧାରୁଆ ଅଛି । ଅଧିକାଂଶ ଲୋକ ନିଦ୍ରାଦେବୀଙ୍କ ଅଙ୍କ ତ୍ୟାଗ କରି ନାହାନ୍ତି । ଠିକ୍ ଏତିକିବେଳେ କେତେଟା ପୋଲିସ ଭ୍ୟାନ୍ ସଶସ୍ତ୍ର ପୋଲିସଙ୍କୁ ବହନ କରି ଆସି ବ୍ରେକ କଲା ସହରତଳି ସେହି ବସ୍ତି ମୁଣ୍ଡରେ ।

ଏଇଟା ଗୋଟାଏ ମାମୁଲି ଘଟଣା । କାହାର ମନରେ ଟିକିଏ ହେଲେ କୌତୂହଳ ସୃଷ୍ଟି କଲା ନାହିଁ । ବର୍ଷ ମଧ୍ୟରେ କେତେଥର ଯେ ଏହିପରି ଖାନତଲାସ ପୋଲିସ ପହରା, ଜୋର ଜୁଲୁମ, ଧରପଗଡ଼ ହୁଏ ଏ ବସ୍ତିରେ । ଏଟା ସାଧାରଣ କଥା । ତେଣୁ ଆଜିକାର ଘଟଣାରେ ପୋଲିସ ବା ବସ୍ତିବାଲା, କାହାର କିଛି କୌତୂହଳ କରିବାର ନ ଥିଲା ।

Digitized by PPRACHIN, SOA

ଜମିଦାର ଭବନାଥ ରାୟଙ୍କ ପ୍ରାସାଦକୁ ବଡ଼ କଡ଼ାକଡ଼ି ଭାବରେ ପୋଲିସ ଘେରାଉ କରିଥିଲେ । କେତେଜଣ ସୁଦକ୍ଷ ଅଫିସର ଏବଂ ଗୋଏନ୍ଦା ଭିତରେ ଚିକିନିଖି ଅନୁସନ୍ଧାନ କରୁଥିଲେ । ବାହାରେ ମଧ୍ୟ ପୋଲିସ ଅଫିସରମାନେ ତଦନ୍ତରେ ହେଳା ପ୍ରଦର୍ଶନ କରି ନ ଥିଲେ । ବସ୍ତିକୁ ଘେରି ରହିଥିବା ଜଙ୍ଗଲର ପ୍ରତ୍ୟେକ ଅଂଶ ତନ୍ନ ତନ୍ନ କରି ଖୋଜାଗଲା । ପ୍ରତ୍ୟେକ ଘର ତଲାସ କରାଗଲା । କିନ୍ତୁ ହତ୍ୟାର କାରଣ ବା ହତ୍ୟାକାରୀର ସନ୍ଧାନ ମିଳିଲା ନାହିଁ । ପୋଲିସ-ବାହିନୀର ବହୁ ଆୟାସ ଫଳରେ କେତେଗୁଡ଼ାଏ ଗ୍ରେଟ ଗ୍ରେଟ ଚୋର, ଅସାମାଜିକ କାର୍ଯ୍ୟକଳାପର ସନ୍ଧାନ ମିଳିଥିଲା । କିନ୍ତୁ ଅସଲ ଘଟଣା ରହିଗଲା ଘୋର ଅନ୍ଧକାରରେ । ତଥାପି ପୋଲିସ ଅଫିସରମାନେ ମୂଳ ଘଟଣାର ସୂତ୍ର ଯେକୌଣସି ପ୍ରକାରେ ବାହାର କରିବାକୁ ଦୃଢ଼ପରିକର ହୋଇ ରହିଲେ ।

ଜମିଦାର ଭବନାଥ ରାୟଙ୍କର ହାତଟା ଭଲଭାବରେ ତଲାସି ନିଆଯାଇଥିଲା । ତାଙ୍କର ପ୍ରତ୍ୟେକ କର୍ମଚାରୀଙ୍କୁ ଜଣ ଜଣ କରି ଜେରା କରିସାରିଥିଲେ ପୋଲିସ ଅଫିସର ଅଜୟବାବୁ । କେବଳ ଯେଉଁ ଘରେ ଭବନାଥ ରାୟଙ୍କୁ ହତ୍ୟା କରାଯାଇଥିଲା ସେ ଘରଟା ଅସ୍ପର୍ଶ ଥିଲା । ତା ଭିତରକୁ କେହି ପାଦ ସୁଦ୍ଧା ପକାଇ ନ ଥିଲେ । ଅଜୟବାବୁ ଖୁବ୍ ସକାଳୁ ଫୋନ୍ କରିଥିଲେ ଡିଟେକଟିଭ ପ୍ରଦୀପ ଦାସଙ୍କୁ । ଅନ୍ତତଃ ଘଣ୍ଟାଏ ଦେଢ଼ ଘଣ୍ଟା ଭିତରେ, ସେ ଆସି ଘଟଣାସ୍ଥଳରେ ପହଞ୍ଚିବାର ଆଶା କରାଯାଉଥିଲା ।

ଡିଟେକଟିଭ୍ ପ୍ରଦୀପକୁମାର ଦାସଙ୍କ ବୟସ ତିରିଶ ବର୍ଷରୁ କିଛି ଅଧିକ ହେଲେ ବି କାର୍ଯ୍ୟତତ୍ପରତାରେ କୌଣସି ଯୁବକ ସୁଦ୍ଧା ତାଙ୍କର ସମକକ୍ଷ ହୋଇପାରିବ ନାହିଁ । ସେ ଅବିବାହିତ । ଅଟୁଟ ସତ୍ୟ । ବ୍ୟାୟାମପୁଷ୍ଟ ମାଂସପେଶୀଗୁଡ଼ିକରେ ଅସମ୍ଭବ ପ୍ରକାରର ଶକ୍ତି ପରିପୂର୍ଣ୍ଣ । ଶାରୀରିକ ସାମର୍ଥ୍ୟ ଛଡ଼ା ତାଙ୍କର ତୀକ୍ଷ୍ଣ ବୁଦ୍ଧି ଅଦ୍ୱିତୀୟ । ଖୁବ୍ ଜଟିଳ କେସରେ ଅତି ସୂକ୍ଷ୍ମ ବୁଦ୍ଧି ପ୍ରୟୋଗ ଦ୍ୱାରା କିଛି ନା କିଛି ସଫଳ ସନ୍ଧାନ କରିବାରେ ତାଙ୍କ ପରି ଦ୍ୱିତୀୟ ବ୍ୟକ୍ତି ଗୋଏନ୍ଦା ବିଭାଗରେ ଆଉ କେହି ନାହାନ୍ତି କହିଲେ ଚଳେ । ତେଣୁ କେତେକ ବଡ଼ ବଡ଼ କେସରେ ତାଙ୍କୁ ରାଜ୍ୟ ବାହାରକୁ ବି ଯିବାକୁ ପଡ଼େ ଅନ୍ୟ ରାଜ୍ୟ ସରକାରଙ୍କୁ ସାହାଯ୍ୟ କରିବା ପାଇଁ ।

Digitized by PPRACHIN, SOA

ସେଥିଯୋଗୁ ସେ ଖାଲି ଓଡ଼ିଶାରେ ନୁହନ୍ତି, ସାରା ଭାରତରେ ମଧ୍ୟ ଜଣେ ଗଣ୍ୟମାନ୍ୟ ଗୋଏନ୍ଦା ଭାବରେ ସୁଖ୍ୟାତି ଅର୍ଜନ କରିଛନ୍ତି ।

ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ସୁଦ୍ଧା ପ୍ରଦୀପବାବୁଙ୍କର ଦେଖା ନାହିଁ । ବାହାର କାମ ସବୁ ଶେଷ କରିସାରି ଅଜୟବାବୁ ବହୁତ ସମୟ ହେଲା ଅପେକ୍ଷା କରି ବସି ଅତିଷ୍ଠ ହୋଇ ଉଠିଲେଣି । ଠିକ ଏତିକିବେଳେ ଫାଟକ ପାଖରେ ଆସି ଦେଖାଦେଲେ ପ୍ରଦୀପବାବୁ ଆଉ ତାଙ୍କର ସହକାରୀ ବିଜୟବାବୁ । ପ୍ରଦୀପବାବୁଙ୍କ ପାଖେ ପାଖେ ଚାଲିଥିଲା ତାଙ୍କର ଅତି ପ୍ରିୟ କୁକୁର ଟାଇଗର୍ ।

ଟାଇଗର ଗୋଟାଏ ଆଲ୍‌ସେସିଆନ୍ ଜାତିର କୁକୁର । ବେଳେବେଳେ ପ୍ରଦୀପବାବୁ ପରିହାସ କରି କହନ୍ତି—'ବିଜୟ ମୋର ପ୍ରଥମ ସହକାରୀ ଆଉ ଟାଇଗର ଦ୍ୱିତୀୟ ।' କଥାଟା ବିଚାର କରି ଦେଖିଲେ ଜଣାଯାଏ, ନିତାନ୍ତ ଭୁଲ ନୁହେଁ । ଟାଇଗର ବି ଜଣେ ଗୋଏନ୍ଦା । ସେ ମୂକ ସହକାରୀ । ଶୁଙ୍ଘି ଶୁଙ୍ଘି ସେ ଆତତାୟୀର ସନ୍ଧାନ ଦିଏ ପ୍ରଦୀପବାବୁଙ୍କୁ । ଯଥାର୍ଥରେ ପ୍ରଦୀପବାବୁ ଏବଂ ବିଜୟବାବୁ ଦୁହେଁ ସେ ମୂକ ପଶୁଟାର ଭାଷା ବୁଝନ୍ତି । ଖାସ ଟାଇଗର ପାଇଁ ଗୋଟାଏ ଘରର ଖଞ୍ଜା ଥିଲେ ବି ପ୍ରଦୀପବାବୁ ତା ଖବର ନିଜେ ବୁଝନ୍ତି । ତାଙ୍କ ଅନୁପସ୍ଥିତିରେ ବିଜୟବାବୁ ସେ କାମ କରନ୍ତି । ପ୍ରାୟ ପ୍ରତ୍ୟେକ ତଦନ୍ତ ସ୍ଥଳକୁ ପ୍ରଦୀପବାବୁ ଟାଇଗରକୁ ଧରନ୍ତି ସାଥିରେ । ଟାଇଗର ଯେପରି ବିରାଟକାୟ ସେହିପରି ହୃଷ୍ଟପୁଷ୍ଟ । ଦେହରେ ତା'ର ଗୋଟାଏ ସିଂହର ବଳ ।

ପାରିପେଟ ଉପରୁ ଆଇ ଅଜୟବାବୁ ଡାକ ପକାଇଲେ ପ୍ରଦୀପବାବୁଙ୍କୁ । ଜଣେ ସିପାହୀ ଉପର ମହଲାକୁ ରାସ୍ତା ଦେଖାଇ ଆଣିଲା ପ୍ରଦୀପବାବୁ ଆଉ ସହକାରୀଙ୍କୁ । ପ୍ରଦୀପବାବୁ ଆସି ଦେଖିଲେ, ହତ୍ୟାକାଣ୍ଡ ଘଟିଥିବା ଘରଟା ଖୋଲା ଅଛି । ଦ୍ୱାର ପାଖରେ ଠିଆ ହେଲେ ବି ଶବ ଦିଟା ପରିଷ୍କାର ଦେଖାଯାଉଛି ।

'ଏ କୋଠରିଟାର କିଛି ଜିନିଷ ସ୍ଥାନାନ୍ତରିତ ହୋଇନାହିଁ ତ ଅଜୟବାବୁ ?'—ଦ୍ୱାର ପାଖରେ ଠିଆହୋଇ ପ୍ରଶ୍ନକଲେ ପ୍ରଦୀପବାବୁ ।

[କ୍ରମଶଃ

Digitized by PPRACHIN, SOA

'ନା, ନା ! ମୁଁ ଖବର ପାଇଲା ମାତ୍ରେ ରୁମ୍‌ଟାକୁ ଅଟକ କରିଦେଇଥିଲି । ତା ପୂର୍ବରୁ ବି ସ୍ୱା ଭିତରେ କେହି ପଶି ନ ଥିଲେ ।

'ତେବେ ଠିକ୍ ଅଛି ।'—କହି ପ୍ରଦୀପବାବୁ ଘରଭିତରକୁ ଗୋଟାଏ ପାହୁଣ୍ଡ ଆଗେଇଗଲେ । ତାଙ୍କର ଦୃଷ୍ଟି ସମୁଦାୟ ଘରର ଚାରିକାନ୍ଥ ଭିତରେ ଥରେ ବୁଲିଗଲା । ପଲଙ୍କ ପାଖରେ ବିରାଟ ଗଡ୍ରେଜ୍‌ଟା ଖୋଟାଏ ଦାନବର ପାଟି ପରି ମେଲା ହୋଇ ରହିଥିଲା । ସେ ଚାହିଁଲେ ସ୍ୱୀଚ ବୋର୍ଡ଼କୁ । ସେଥିରେ ଯୋଡ଼ାଏ ସ୍ୱୀଚ ଅନ୍ ହୋଇ ରହିଛି । ମାତ୍ର ଗୋଟାଏ ଆଲୋକ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଇଛି । କୋଠରି ଭିତରେ ଆଉ କେତୋଟି ଶକ୍ତିଶାଳୀ ବଲ୍ବ ଅକ୍ଷତ ଅବସ୍ଥାରେ ଅଛି, ମାତ୍ର ସେଗୁଡ଼ିକ ଜଳୁନାହିଁ । ତେଣୁ ଅନ୍ୟ ସ୍ୱୀଚ୍‌ଟାର କାମ କେଉଁଠି ତାହା ବି ଗୋଟାଏ ପ୍ରଶ୍ନବାଚକ ସୃଷ୍ଟି କଲା ତାଙ୍କ ମନରେ । ସ୍ୱୀଚ୍ ବୋର୍ଡ଼ଟାର ଅବସ୍ଥିତି ତାଙ୍କଠାରୁ ଅଧିକ ଦୂରରେ ନ ଥିଲା । ସେ ସେଠାକୁ ନ ଯାଇ କିମ୍ବା ସେଥିରେ ହାତ ନ ଲଗାଇ ହାତକଣ୍ଢ଼ ସାହାଯ୍ୟରେ ପ୍ରଥମ ସ୍ୱୀଚ୍‌ଟାକୁ ଅଫ୍ କରିଦେଲେ । ଏଥିରେ ପ୍ରତିକ୍ରିୟା ସୃଷ୍ଟି ହେଲା ନାହିଁ କିଛି । ତା ପରେ ଖୁବ୍ ସାବଧାନତା ସହକାରେ ଦ୍ୱିତୀୟ ସ୍ୱୀଚ୍‌ଟା ଅଫ୍ କରିଦେଲେ । ତତ୍‌କ୍ଷଣାତ୍ ଘଡ଼୍ ଘଡ଼୍ ଶବ୍ଦ କରି ଗଡ୍ରେଜ ଦ୍ୱାରଟା ଯୋଡ଼ିହୋଇ ସମତଳ ଚଟାଣରେ ପରିଣତ ହୋଇଗଲା । ତାହା ଏପରି ନିଖୁଣ୍ଟଭାବରେ ଯୋଡ଼ିହୋଇଗଲା ଯେ, ସେଠାରେ ଯେ ଯୋଡ଼ ଅଛି ତାହା ସହଜରେ ଜାଣିବାର ଉପାୟ ରହିଲା ନାହିଁ । ଗୃହ ଛମୀଣର ଏ କୌଶଳ ଏବଂ ଏହାର ଉଦ୍ଦେଶ୍ୟ ବା କଣ ତାହା ଚିନ୍ତା କରି ବିସ୍ମିତ ହେଲେ ପ୍ରଦୀପବାବୁ ।

ଏଥର ନିର୍ଭୟରେ ସେ କୋଠରି ଭିତରକୁ ପାଦ ପକାଇଲେ । ପ୍ରଥମେ ସେ ଶବ ଦୁଇଟା ନିକଟକୁ ଯାଇ ଦେଖିଲେ—ରକ୍ତଗୁଡ଼ା ବହୁ ପରିମାଣରେ ବହି ଗାଲିଚା ଉପରେ ଜମାହୋଇ ରହିଛି । ସମ୍ପୂର୍ଣ୍ଣ ଶୁଖିଯାଇନି ଯଦିଓ, ତେବେ ବହଳିଆ ଧରିଆସୁଛି । ଅବ୍ୟର୍ଥ ଲକ୍ଷ୍ୟ ଠିକ୍ ହୃତ୍‌ପିଣ୍ଡ ଭେଦ କରିଛି । ସ୍ତ୍ରୀ ଲୋକଟାର ଶବକୁ ଭଲଭାବରେ ଲକ୍ଷ୍ୟକରି ସେ ଦେଖିଲେ, ତା'ର ମୁହଁଉପରେ ମାତ୍ର ଗୋଟାଏ ଆଘାତରେ ଚିହ୍ନ ଅଛି; କିନ୍ତୁ ଉଦନାଅଗ୍ରସ୍ତର ଦେହସାରା ଦାଗରହିଛି—ପରିଷ୍କାର ଧସ୍ତାଧସ୍ତି ଚିହ୍ନ । ଶବ ପାଖରୁ ଉଠିଆସିଲେ ପଲଙ୍କ ପାଖକୁ ।

Digitized by PPRACHIN, SOA

ପଲଙ୍କ ଉପରେ ଶୋଇ ଇତସ୍ତତଃ ଏବଂ ବିକ୍ଷିପ୍ତ । ତେଣୁ ଧସ୍ତାଧସ୍ତି ଯେ ତା'ରି ଉପରେ ହୋଇଥିଲା, ଏଥିରେ ଆଉ କିଛି ସନ୍ଦେହ କରିବାର ନ ଥିଲା ତାଙ୍କ ପକ୍ଷରେ । ପାଖ ଟେବୁଲ ଉପରେ ମଦ୍ୟପାତ୍ର । ମାଗ୍ନିଫାଇଂ ଗ୍ଲାସ ଦ୍ୱାରା ସେ କେତେଗୁଡ଼ିଏ ଅଙ୍ଗୁଳିର ଦାଗ ସ୍ପଷ୍ଟ ଦେଖିପାରିଲେ । ତତ୍‌କ୍ଷଣାତ୍ ବଳସ୍ତୁବାବୁଙ୍କୁ ତାଙ୍କ ସେଗୁଡ଼ିକର ଫଟୋଗ୍ରାଫ୍ ଉଠାଇନେବାକୁ ନିର୍ଦ୍ଦେଶ ଦେଲେ । କୋଠରି ଭିତରେ ଆଉ କିଛି ବ୍ୟତିକ୍ରମ ଥିଲା ପରି ବୋଧ ହେଲାନାହିଁ ତାଙ୍କୁ । ଆଇରନ୍ ଚେଷ୍ଟ ଅବଶ୍ୟ ଦୁଇ ଉନଟା ଥିଲା ଗୋଟାଏ କଡ଼ରେ । ମାତ୍ର ସେଥିରେ କେହି ହାତ ଦେଇଥିଲା ପରି ମନେ ହେଲା ନାହିଁ ତାଙ୍କର । ବାକି ରହିଲା ସେ ଗହ୍ୱରଟା ସେଟା ଏତେ ସହଜ ଭାବରେ ଦେଖିବାକୁ ଉଚିତ ମନେକଲେ ନାହିଁ ସେ । ଅଜୟବାବୁଙ୍କ ସହ କଣ ପରାମର୍ଶ କରିବାପାଇଁ ଦ୍ୱାରପାଖକୁ ଚାଲିଆସିଲେ । କିଛି ସମୟ କଣ ପରାମର୍ଶ କଲାପରେ ଅଜୟବାବୁ ଓ ବଳସ୍ତୁବାବୁଙ୍କୁ ସାଥିରେ ଧରି ପ୍ରତାପବାବୁ ଆସିଲେ ଗହ୍ୱର ଥିବା ସ୍ଥାନକୁ ।

ସମସ୍ତଙ୍କୁ ନିରାପଦ ସ୍ଥାନରେ ରଖାଇ ସେ ସୁଇଚଟାକୁ ଅନ୍ କରିଦେଲେ । ତତ୍‌କ୍ଷଣାତ୍ ସଶବ୍ଦେ ଗହ୍ୱରଟା ଖୋଲି ହୋଇଗଲା । ତା ଭିତରେ ଯେ ଏତେ କୌଶଳ ଅଛି ସେକଥା ଧାରଣା କରି ନ ଥିଲେ ଅଜୟବାବୁ । ଗହ୍ୱର ଭିତରେ ଗଭୀରତା କେତେ ତା'ହା ଜାଣିବାପାଇଁ ଖୁବ୍ ଶକ୍ତିଶାଳୀ ଟର୍ଚ୍ଚଟାଏ ଆଣି ଭିତରକୁ ପକାଗଲା । ତଥାପି ଭିତରଟା ଅନ୍ଧକାର ଦେଖାଯାଉଛି । ତଳଦେଶ ସମ୍ବନ୍ଧରେ ସୂଚନା ମିଳୁନାହିଁ କିଛି । ଅଜୟବାବୁ ପରାମର୍ଶ ଦେଲେ—ଭଗବାନ ରାୟଙ୍କ ଲୋକଙ୍କୁ ଡାକି ପଚାରିଯାଉ, କାଳେ ଗହ୍ୱର ସମ୍ବନ୍ଧରେ ସେମାନଙ୍କଠାରୁ କିଛି ତଥ୍ୟ ମିଳିପାରେ ।

ତାହାହିଁ ହେଲା । ଅଜୟବାବୁ ପୁଣି ଥରେ ଜମିଦାର ଭବନାଥ ରାୟଙ୍କ ଲୋକମାନଙ୍କୁ ଡକାଇ ଗହ୍ୱର ବିଷୟରେ ପ୍ରଶ୍ନ କଲେ । ମାତ୍ର ଏ କକ୍ଷରେ ଗହ୍ୱରଟାଏ ଅଛି ବୋଲି ଦେଖି ସେମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଅଜୟବାବୁ ବୁଝିଲେ—ସମସ୍ତେ ଜମିଦାର ଭବନାଥ ରାୟଙ୍କର ଚାକର ସତ; କିନ୍ତୁ ସେମାନେ ଏ କୋଠରିକୁ ପଶିବାର ସୁବିଧା ପାଉନାହାନ୍ତି କେବେହେଲେ । ତେଣୁ ଏଠାରେ ଯେ ଗହ୍ୱରଟାଏ ଥିଲା, ସେକଥା ସେମାନେ ଜାଣନ୍ତି ନାହିଁ ।

Digitized by PPRACHIN, SOA

ପ୍ରତାପବାବୁଙ୍କ ମନରେ ଏ କଥାଟା ବଡ଼ ଗମ୍ଭୀର ଭାବରେ ରେଖାପାତ କଲା । ସେ ଚିନ୍ତା କଲେ—ଲୋକମାନେ ଯଦି ସତ କହୁଥାନ୍ତି, ତେବେ ଜମିଦାର ଭବନାଥ ନିଜର ଶୟନ କକ୍ଷରେ ଗୋଟାଏ ଗହ୍ୱର ରଖି ତାହା ସମସ୍ତଙ୍କର ଅଜ୍ଞାତ ରଖିଥାଆନ୍ତେ କାହିଁକି ? ନିଶ୍ଚୟ କିଛି ନା କିଛି ରହସ୍ୟ ଜଡ଼ିତ ଅଛି ସ୍ଥା ପଛରେ ତେଣୁ ଗହ୍ୱର ଭିତରଟା ଦେଖିବା ପାଇଁ ତାଙ୍କର କୌତୂହଳ ବହୁ-ଗୁଣିତ ହୋଇଉଠିଲା । ସେ ଗୋଟାଏ ଖୁବ୍ ଶକ୍ତ ଏବଂ ଲମ୍ବା ରସି ଆଣି ଶକ୍ତ ଭାବରେ ବାନ୍ଧିଦେଲେ ଘଞ୍ଜଗ୍ରୁଡ଼ କଡ଼ରେ । ସେଇଟାକୁ ଗହ୍ୱର ଭିତରକୁ ବୋଲି ଲମ୍ବାଇଦେଇ ଅନ୍ତତଃ ତିରିଶଫୁଟ୍ ଗଭୀରତା ପରେ ତଳେ ଲାଗିବାର ସୂଚନା ପାଇଲେ ।

ଏଥର ସମସ୍ୟା ହେଲା—କିଏ ଯିବ ତା ଭିତରକୁ ? ବିପଦର ଘୋର ସମ୍ଭାବନା ଅଛି ତା ଭିତରେ । କାହାର ସାହସ କୁଳାଉ ନାହିଁ । ପ୍ରଥମେ କେତେଜଣ ପୋଲିସ ପଠାଇବାକୁ ଅଜୟବାବୁ ପରାମର୍ଶ ଦେଲେ । ଅବଶ୍ୟ ନିଜର ଦୁର୍ବଳତାଟା ବାହାରେ ପ୍ରକାଶ ପାଇବାକୁ ସେ ସୁଯୋଗ ଦେଲେ ନାହିଁ; ମାତ୍ର ଚତୁର ପ୍ରତାପବାବୁ ସେତକ ଜାଣିପାରିବାରେ କିଛି କଷ୍ଟ ହେଲା ନାହିଁ । ସେ ଦେଖିଲେ ଆଦେଶ ପାଇଲେ ଗୃକସ୍ମ ଭୟରେ ପୋଲିସ କେତେଜଣ ଯାଇପାରନ୍ତି; ମାତ୍ର ବିଚରା ନିରୀହ ଲୋକ ଯଦି ତା ଭିତରେ ବିପଦ ଘଟେଇ ଆସେ ସେମାନଙ୍କ ଉପରେ, ତେବେ ?

ପ୍ରତାପବାବୁ କହିଲେ—'ଆଚ୍ଛା, ମୁଁ ଯିବ । ଆପଣ ମୋର ସଙ୍କେତକୁ ଅପେକ୍ଷା କରିଥିବେ । ମୁଁ ଦଉଡ଼ିଟା ହଲେଇଦେଲେ ଆପଣ ଯିବେ । ଯଦି ମୋର ଅଧିକ ବିଳମ୍ବ ହୁଏ ତେବେ ବନ୍ଧୁକ ଆୟୋଜନ ସହ ଭିତରେ ପଶିବେ ।”

ଅଜୟବାବୁ ଅଗେଇଆସି କହିଲେ—ମୁଁ ବି ଯିବି ଆପଣଙ୍କ ସାଙ୍ଗରେ । ଦୈବାତ୍ ଯଦି ଦରକାର ପଡ଼େ, ତେବେ ସାଙ୍ଗରେ ଜଣେ ଥିବା ତ ନିହାତି ଦରକାର ।

ପ୍ରତାପବାବୁ ଦେଖିଲେ, ଅଜୟ ଯାହା କହୁଛି, ନିହାତି ଭୁଲ ନୁହେଁ । ସେ କହିଲେ—'ବେଶ୍ ତେବେ ପ୍ରସ୍ତୁତ !

Digitized by PPRACHIN, SOA

ଏହିପ୍ରଥମେ ପ୍ରଦୀପବାବୁ ଶକ୍ତିଶାଳୀ ଟର୍ଚ୍ଚଲାଇଟଟି ଜଳାଇ ଦଉଡ଼ି ଧରି ଖସିବାକୁ ଲାଗିଲେ ତଳକୁ । ତାଙ୍କ ପଛେ ପଛେ ହାତରେ ଲୋଡେଡ୍ ରିଭଲଭର ନେଇ ବିଜୟବାବୁ । ପ୍ରଦୀପବାବୁଙ୍କର ଗୋଟାଏ ହାତ ଦଉଡ଼ିରେ ଏବଂ ଆର ହାତଟା ଟର୍ଚ୍ଚ ଉପରେ । ବିଜୟବାବୁଙ୍କର ଗୋଟାଏ ହାତ ଦଉଡ଼ି ଏବଂ ଆର ହାତଟା ରିଭଲଭର ଉପରେ ଦୃଢ଼ ଭାବରେ ରହିଥାଏ । ପ୍ରଦୀପବାବୁ ତଳକୁ ତଳକୁ ଯିବା ସଙ୍ଗେ ଗୁହାଟାର ସବୁଆଡ଼କୁ ବୁଲାଇ ଟର୍ଚ୍ଚ ପକାଉଥାନ୍ତି । ଦୃଷ୍ଟିରେ ତାଙ୍କର ଖାଲି ଗୁହା କାନ୍ଥ ବ୍ୟତୀତ ଆଉ କିଛି ପଡ଼ୁ ନ ଥାଏ । ଭିତରୁ ଗୋଟାଏ କିପରି ଅସ୍ୱାସ୍ଥ୍ୟକର ବାଷ୍ପ ଶ୍ୱାସ ରୁଦ୍ଧ କଲା ପରି ଜଣାଯାଉଥାଏ ।

ଥୋଡ଼ାଏ ଫେଥମକୁ ଖସିଗଲା ପରେ ପ୍ରଦୀପବାବୁ ଦେଖିଲେ, ଚଟାଣଟା ଦିଶିଲାଣି । ଭଲଟା ପକ୍କା । କେତେବେଳେ ଯେ କି ବିପଦ ଘଟିଯିବ ସେ ଆଶଙ୍କାରେ ଉଦ୍‌ବେଳିତ ହୋଇଉଠୁଥାଏ ଦୁହିଁଙ୍କର ମନ । ଚଟାଣ ପାଖେଇ-ଆସିବା ସଙ୍ଗେ ସଙ୍ଗେ ବିପଦର ଅଧିକ ଆଶଙ୍କା କରୁଥିଲେ ପ୍ରଦୀପବାବୁ । ମନରେ ଯଦି ଥରେ ଭୟ ବା ଆଶଙ୍କାର ଉଦୟ ହେଲା ତେବେ ସେ ନାନା ପ୍ରକାର ଭୟଙ୍କର ରୂପ ଧରି ଆଗରେ ଆସି ଠିଆ ହୁଏ । ଏ କ୍ଷେତ୍ରରେ ତାହାହିଁ ହେଲା । ପ୍ରଦୀପବାବୁଙ୍କୁ ବୋଧ ହେଲା ଯେପରି ତଳେ ଅନେକ ଗୁଡ଼ାଏ ଖୁଙ୍ଖାର ଲୋକ ନାନା ପ୍ରକାର ମାରଣାସ୍ତ୍ରରେ ସୁସଜ୍ଜିତ ହୋଇ ତାଙ୍କୁ ହତ୍ୟା କରିବାପାଇଁ ଉଦ୍ୟତ ହୋଇ ରହିଛନ୍ତି । ତାଙ୍କର ଠିକ୍ ଉପରକୁ ଖସୁଥିଲେ ବିଜୟବାବୁ । ପ୍ରଦୀପବାବୁ ଯେଉଁଆଡ଼କୁ ଟର୍ଚ୍ଚ ଲାଇଟ୍ ପକାଉଥାନ୍ତି ସେ ସେହି ଦିଗକୁ ଲକ୍ଷ୍ୟ କରୁଥାନ୍ତି ରିଭଲଭର । କିନ୍ତୁ ତାଙ୍କର ସତର୍କ ଦୃଷ୍ଟି ସେପରି କୌଣସି ସନ୍ଦେହ ଜନକ ପଦାର୍ଥ ଉପରେ ପଡ଼ୁ ନ ଥାଏ ।

ପ୍ରଦୀପବାବୁଙ୍କ ପାଦ ଚଟାଣରେ ଲାଗିଲା । ସେ ଚଟ୍ କରି ଟର୍ଚ୍ଚଟା ଲିଭାଇ ଦେଲେ । ତାଙ୍କ ପଛେ ପଛେ ନିଃଶବ୍ଦରେ ଅବତରଣ କଲେ ବିଜୟବାବୁ । ଶ୍ୱାସ ରୁଦ୍ଧ କରି ଦୁହେଁ ଅପେକ୍ଷା କଲେ କିଛି ସମୟ କୌଣସି ବିପଦର ଆଶଙ୍କାରେ । ମାତ୍ର ବିପଦ କିଛି ନ ଥିଲା ।

ବିଜୟବାବୁଙ୍କୁ ସତର୍କ ରହିବାପାଇଁ ଇଙ୍ଗିତ କରି ପ୍ରଦୀପବାବୁ ଟର୍ଚ୍ଚ ଜଳାଇ ପକାଇଲେ ଚାରିଆଡ଼କୁ । ତଳଅଡ଼କୁ ଗୁହାଟା ବିସ୍ତୃତ । ତା'ର ପ୍ରତ୍ୟେକ ଅଂଶରେ ଲାଇଟ୍ ପକାଇ ଦେଖୁଥିଲେ ପ୍ରଦୀପବାବୁ । ହଠାତ୍ ଗୋଟାଏ

Digitized by PPRACHIN, SOA

କୋଣରେ ଲାଇଟ୍ ଅଟକିଗଲା । ଆଲୋକଟା ଯାହା ଉପରେ ସ୍ଥିର ହୋଇଗଲା, ସେଟା ଗୋଟାଏ ଆୟରନ୍ ଚେଷ୍ଟ । ଆକାର ତା'ର ଅଧ ବଡ଼ ନ ହେଲେ ବି ସାନ ନୁହେଁ । ଏତେ ଗୋପନରେ ଚେଷ୍ଟଟା ରଖିବାର କାରଣ କଣ ହୋଇପାରେ ତାହା ଅନୁମାନ କରିପାରିଲେ ଦୁହେଁ ।

ଚରମ ସତର୍କତା ଅବଲମ୍ବନ କରି ଦୁହେଁ ଚେଷ୍ଟ ପାଖରେ ପହଞ୍ଚିଲେ । ପ୍ରଦୀପବାବୁ ପକେଟରୁ ଚାବି ଗୋଛାଟା କାଢ଼ି ଗୋଟାକ ପରେ ଗୋଟାଏ ଚାବି ଲଗାଇ ଖୋଲିବାକୁ ଚେଷ୍ଟା କଲେ ଚେଷ୍ଟଟା । କେତେଟା ଚାବି ଲଗାଇ ଚେଷ୍ଟା କଲାପରେ, ଖୋଲିଗଲା ଚେଷ୍ଟଟା । ପ୍ରଦୀପବାବୁ ସେଟା ମେଲା କରିଦେଲେ । ଯାହା ଦେଖିଲେ, ସେଥିରେ ସେ ଏତେଦୂର ଚମକିପଡ଼ିଲେ ଯେ, ହୁଏତ ହଠାତ୍ ଆଖି ଆଗରେ ଭୂତ ଦେଖିଥିଲେ ଲୋକ ଏତେଦୂର ଭୟଭୀତ ହୋଇ ଚମକି ପଡ଼ି ନ ଥାନ୍ତା ।

ଏତେଗୁଡ଼ାଏ ସୁନା ସେ ଆଗରୁ କେବେ ଏକାଠି ଦେଖି ନ ଥିଲେ । ଛୋଟ ଛୋଟ ଖଣ୍ଡ ସୁନାରେ ସାରା ଆଲମିରାଟା ଭର୍ତ୍ତିହୋଇ ରହିଥିଲା । ସବା ତଳ ଥାକରେ କେତେଖଣ୍ଡ ଡାଏରୀ ଖାତା । ତା ପାଖରେ ଛୋଟିଆ କାଠ ବାକ୍ସଟିଏ । ସେ ଡାଏରୀରେ ନିଶ୍ଚୟ କିଛି ଗୋପନୀୟ ଏବଂ ମୂଲ୍ୟବାନ୍ ତଥ୍ୟ ରହିଥିବ ବୋଲି ଅନୁମାନ କଲେ ପ୍ରଦୀପବାବୁ । ସେ ଯାହାହେଉ, ଆଲମିରାଟା ଉପରକୁ ନେବାକୁ ହେବ । ସେ ତ ଜଣେ ଦୁଇଜଣ ଲୋକର କାମ ମଧ୍ୟ ନୁହେ । ଅଗତ୍ୟା ଦୁହେଁଯାକ ଆଉ ଥରେ ଭଲକରି ଦେଖିନେଲେ ଗହ୍ୱରଟା । ତା'ପରେ ପ୍ରଦୀପବାବୁ ଚେଷ୍ଟଟାରେ ଚାବି ପକାଇଦେଇ ବିଜୟବାବୁଙ୍କୁ ନିର୍ଦ୍ଦେଶ ଦେଲେ ଉପରକୁ ଉଠିବାକୁ । ତାଙ୍କ ପଛେ ପଛେ ସ୍ୱୟଂ ସେ ।

ଉପରେ ତାଙ୍କୁ ବଡ଼ ବ୍ୟଗ୍ରଭାବରେ ଅପେକ୍ଷା କରିଥିଲେ ଅଜୟବାବୁ ଏବଂ ଅନ୍ୟମାନେ । ପ୍ରଦୀପବାବୁ ଅଜୟବାବୁଙ୍କୁ ସବୁକଥା ଜଣାଇ ଚେଷ୍ଟଟା ଖୁବ୍ ସାବଧାନତାର ସହିତ ଅଣାଇବାର ବ୍ୟବସ୍ଥା କରିବାକୁ କହିଗଲେ । ତାଙ୍କର ବର୍ତ୍ତମାନ ଲକ୍ଷ୍ୟ ହେଲା—ଗତ ରାତ୍ରିରେ ହତ୍ୟାକାରୀ ଯେଉଁ ବାଟେ ପଳାଇଥିଲା, ସେହି ବାଟଟା ଅନୁସନ୍ଧାନ କରିବା, କାଳେ ସେଥିରୁ କିଛି ତଥ୍ୟ ମିଳିଯାଇ ପାରେ ।

Digitized by PPRACHIN, SOA

ଜମିଦାର ଭବନାଥ ରାୟଙ୍କ ଲୋକଙ୍କ ସହାୟତାରେ ସେ ଉଦନମହଲ ଉପରେ ପଳାୟନ ପଥଟା ଦେଖି ଦେଖି ଯାଉଥିଲେ । ସେଠାରେ ବିଶେଷ କିଛି ଚିହ୍ନ ନାହିଁ; ଖାଲି କାନ୍ଥରେ କେତେଗୁଡ଼ିଏ ଗଭୀର ଗୁଳିର ଚିହ୍ନ । ଏସବୁ ହତ୍ୟାକାରୀ ଆଉ ଜମିଦାର ଭବନାଥଙ୍କ ଲୋକଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟର ଫଳ ଛଡ଼ା ଆଉ କିଛି ନୁହେଁ ।

ପାରାପେଟ୍ ପାଖରେ ପହଞ୍ଚି ସେ ଦେଖିଲେ, ସେଠାରେ ମଧ୍ୟ କିଛି ଚିହ୍ନ ନାହିଁ । ମାତ୍ର ଲୋକଙ୍କଠାରୁ ପଚାରି ବୁଝିଲେ ଯେ, ହତ୍ୟାକାରୀ ଏଇଠାରୁ ତଳକୁ ଡେଇଁପଡ଼ିଥିଲା । ପ୍ରଦୀପବାବୁ ଦେଖିଲେ—ଲୋକେ ଯାହା କହୁଛନ୍ତି ତାହା ଆଦୌ ସମ୍ଭବ ନୁହେଁ । ଏତେ ଉଚ୍ଚରୁ ଡେଇଁପାରିବ ନାହିଁ । ଯଦି ବା ସେ ପ୍ରାଣଭୟରେ ଡେଇଁ ପଡ଼ିବ ତେବେ ତା' ପରମୁହୂର୍ତ୍ତରେ ଆଉ ଉଠିପାରିବ ନାହିଁ । ଡେଇଁପଡ଼ିବା କଥାଟା କେତେଦୂର ସତ ହୋଇପାରେ ତାହା ଦେଖିବାପାଇଁ ସେ ତଳକୁ ଓହ୍ଲାଇ ପାଇପ୍ ନିକଟରେ ପହଞ୍ଚିଗଲେ ।

ଲୋକ ପଡ଼ିଥିବାର ଚିହ୍ନ ମିଳିବାରେ କଷ୍ଟ ହେଲା ନାହିଁ । କିନ୍ତୁ ତାହା ଏତେ ଉଚ୍ଚରୁ ଡେଇଁବାର ବା ପଡ଼ିବାର ଚିହ୍ନ ନୁହେଁ । ମାଟିରେ ପଡ଼ିଥିବା ଚିହ୍ନରୁ ତାହା ଯେ ଅଳ୍ପ ଉଚ୍ଚରୁ ପଡ଼ିଥିବା ଜନୈକର ଚିହ୍ନ ତାହା ସେ ନିଃସନ୍ଦେହ ଭାବରେ ବୁଝିପାରିଲେ । 'ଲୋକଟା ତେବେ ପାଇପ୍‌ରୁ ଓହ୍ଲାଇ ଓହ୍ଲାଇ ଅଧରୁ ପଡ଼ିଯାଇଥିବା ବିଶ୍ୱାସ—ଏଇ ଧାରଣା ମନରେ କରି ସେ ପାଦଚିହ୍ନ ଆଶାରେ ଆଖି ବୁଲାନ୍ତେ ବୁଲାନ୍ତେ ଗୋଟାଏ ସ୍ଥାନରେ ତାଙ୍କର ଦୃଷ୍ଟି ଆବଦ୍ଧ ହୋଇ ରହିଗଲା । ଘାସ ଉପରେ ମେଞ୍ଚାଏ ରକ୍ତ; ତା ଠାରୁ ଟିକିଏ ଗୁଣ୍ଡ ଆଉ ମେଞ୍ଚାଏ । ପରିମାଣ ତା'ର ନିତାନ୍ତ ଅଳ୍ପ ନୁହେଁ କି ସେଗୁଡ଼ିକ ବେଶି ସମୟ ତଳର ନୁହେଁ । ଏଥର ସବୁ ଘଟଣା ସ୍ପଷ୍ଟ ହୋଇଉଠିଲା ତାଙ୍କ ଆଖି ଆଗରେ । ସେ ଜାଣିଲେ ଯେ ହତ୍ୟାକାରୀ ସହିତ ଭବନାଥ ରାୟଙ୍କ ଲୋକମାନଙ୍କର ଗୁଳି ବିନିମୟ ହେବା ଫଳରେ ସେ ଆହତ ହୋଇଛି ଯାହା ଫଳରେ ସେ ପାଇପ୍‌ବାଟେ ଓହ୍ଲାଇ ଆସୁଆସୁ ଖସିପଡ଼ିଛି । ପଳାୟନ ସମୟରେ ତା'ର ଆଘାତ ସ୍ଥାନରୁ ଏ ରକ୍ତ ବହି ଏଠି ସେଠି ପଡ଼ିଛି ।

Digitized by PPRACHIN, SOA

ସାମାନ୍ୟ ମାତ୍ର ସୂତ୍ର ପାଇ ବିଜୟବାବୁ ବିଜୟ ଢଙ୍ଗରେ ହସିଉଠି ପ୍ରଦୀପବାବୁଙ୍କୁ କହିଲେ—'ତା ହେଲେ ତ ହତ୍ୟାକାରୀ ଖୁବ୍ ଶୀଘ୍ର ଧରାପଡ଼ିବା ସୁନିଶ୍ଚିତ ?'

'ଦେଖାଯାଉ କଣ ହେଉଛି'—କହି ପ୍ରଦୀପବାବୁ ପୁଣି ଆଗେଇଲେ ରକ୍ତଦାଗ ଅନୁସରଣ କରି । ଫାଟକ ପର୍ଯ୍ୟନ୍ତ ଯାଇ ଦେଖିଲେ, ଫାଟକ ଉପରେ ବି କେତେଗୁଡ଼ାଏ ରକ୍ତର ଛିଟା ଲାଗିଛି । ତେଣିକି ରାସ୍ତା । ହୁଏତ ଏ ହୁର ରକ୍ତର ଦାଗ ସେ ପାଇପାରିଥାନ୍ତେ । ମାତ୍ର ଲୋକଙ୍କ ମଡ଼ାଦଳାରେ ରାସ୍ତାଯାକ ପାଦଚିହ୍ନ ପୂରିଯାଇଥିଲା, ତେଣୁ ସେ ଦିଗରେ ବୃଥା ସମୟ ଏବଂ ଶକ୍ତି ବ୍ୟୟ କରିବାକୁ ଉଚିତ ମନେ ନ କରି ବିଜୟବାବୁଙ୍କୁ ଲକ୍ଷ୍ୟ କରି ସେ କହିଲେ—'ବିଜୟ ! ଏଥର ଟାଇଗରକୁ ଆଣ ।'

ଟାଇଗର କିନ୍ତୁ ସମସ୍ତଙ୍କ ମନରେ ବିସ୍ମୟ ସୃଷ୍ଟି କରିଥିଲା ସେତେବେଳକୁ । କାରଣ ପ୍ରଦୀପବାବୁ ତାକୁ ଯେଉଁଠାରେ ବସିବାକୁ ନିର୍ଦ୍ଦେଶ ଦେଇଥିଲେ ସେ ସେଇଠାରେ ହିଁ ବସିପଡ଼ିଥିଲା । ତାକୁ ସେଠାରୁ ଘୁଞ୍ଚାଇବାକୁ ଯେ ଯେତେ ଚେଷ୍ଟା କଲେ, ଏପରି କି ଖାଦ୍ୟର ପ୍ରଲୋଭନ ଦେଖାଇଲେ ସୁଦ୍ଧା ଟିକିଏମାତ୍ର ଟଳାଇପାରିଲେ ନାହିଁ । ନିଜେ ଅଜୟବାବୁ ମଧ୍ୟ ଚେଷ୍ଟା କରି ବିଫଳ ହୋଇଥିଲେ । ମାତ୍ର ବିଜୟବାବୁ ଇଙ୍ଗିତ କଲାମାତ୍ରେ ଟାଇଗର ଚାଲିଲା ତାଙ୍କ ପଛେ ପଛେ ।

ପ୍ରଦୀପବାବୁ ଟାଇଗରକୁ ଟିକିଏ ଆଉଁସି ଦେଇ ତଳେ ପଡ଼ିଥିବା ରକ୍ତକୁ ଶୁଙ୍ଘାଇଦେଇ ଛାଡ଼ିଦେଲେ । ଏଥର ଟାଇଗର ମାଟି ଶୁଙ୍ଘି ଶୁଙ୍ଘି ଆଗେଇ ଚାଲିଲା । କ୍ରମେ ସେ ଫାଟକ ଅତିକ୍ରମ କରି ରାସ୍ତା ଧରିଲା । ପଛେ ପଛେ ତା'ର ଚାଲିଥାନ୍ତି ପ୍ରଦୀପବାବୁ ଆଉ ଅଜୟବାବୁ । ସେ ଯାଉ ଯାଉ ମେନରୋଡ଼ ନିକଟରେ ପହଞ୍ଚି ଅଟକିଗଲା; ସେଠାରେ ଏଣିକି ତେଣିକି ଚାହିଁ ଭୁକିବାରେ ଲାଗିଲା । ପ୍ରଦୀପବାବୁ ତା'ର ଢଙ୍ଗ ବୁଝିପାରିଲେ । ସେ ଲକ୍ଷ୍ୟ କରି ଦେଖିଲେ ତେଣିକି ଗୋଟାଏ କାରର ଚକଚିହ୍ନ ପଡ଼ିଛି । ଖଣ୍ଡେ ଦୂରରେ କାର୍‌ଟା ଟର୍ଣ୍ଣିଂ ନେଇଛି । ସେ ଚିହ୍ନ ମଧ୍ୟ ସ୍ପଷ୍ଟ ରହିଛି । 'ହତ୍ୟାକାରୀ ତାକୁ ଅନୁସନ୍ଧାନ କରିବାର ସମସ୍ତ ପଥ ଏଇଠି ରୁଦ୍ଧ କରି କାରରେ ବସି ଆତ୍ମରକ୍ଷା

Digitized by PPRACHIN, SOA

କରନ୍ତୁ । ଆଉ ବୃଥା ଅନୁସନ୍ଧାନରେ ଲାଭ ନାହିଁ'—ଏହିପରି ହତାଶ ଭାବନା ନେଇ ସେ ଫେରିପଡ଼ିବାବେଳକୁ ଦେଖିଲେ, ଟାଇଗର କନା ଖଣ୍ଡେ ଦାନ୍ତରେ କାମୁଡ଼ି ଧରି ଆସୁଛି ତାଙ୍କରି ଆଡ଼େ । ତାଙ୍କ ମନରେ ପୁନରାୟ ଆଶାର ସଞ୍ଚାର ହେଲା । କାରଣ ଟାଇଗର ବୃଥାରେ କିଛି କରେ ନାହିଁ । ସେ ତା'ର ଆସିବା ପର୍ଯ୍ୟନ୍ତ ଅପେକ୍ଷା କଲେ ।

ଟାଇଗର ପ୍ରତାପବାବୁଙ୍କ ନିକଟକୁ ଆସି ତାଙ୍କ ପାଦ ପାଖରେ ପକାଇଦେଲା କନା ଖଣ୍ଡିକ । ପ୍ରତାପବାବୁ ଦେଖିଲେ କନାଟା ରକ୍ତରେ ଜୁଡ଼ୁବୁଡ଼ୁ । ସେଟା କିଛି ବାଜେ କନା ଖଣ୍ଡେ ମଧ୍ୟ ନୁହେଁ—ଗୋଟାଏ ଭଲ ରୁମାଲ୍ । ତା'ର ଗୋଟାଏ କୋଣରେ ରଙ୍ଗୀନ ସୂତାରେ ସିଲାଇ ହୋଇ ଲେଖାଅଛି ଇଂରାଜୀରେ ଦୁଇଟି ଅକ୍ଷର—ଏ. ଏସ୍. । ହଜିଯାଇଥିବା ଘଟଣାଟା ପୁଣି ଜଳଜଳ ହୋଇ ଦିଶିଗଲା ତାଙ୍କ ଆଖିରେ । ହତ୍ୟାକାରୀ ନିଜ ଆଘାତ ସ୍ଥାନରେ ରକ୍ତସ୍ରାବ ବନ୍ଦ କରିବା ପାଇଁ ହୁଏତ ଏଇ ରୁମାଲ୍ ଖଣ୍ଡିକ ବ୍ୟବହାର କରିଛି ଏବଂ ଜିପରେ ବସିବା ପୂର୍ବରୁ ଏ ଅରମା ଭିତରକୁ ସେଟା ପକାଇଦେଇ ଯାଇଛି, ଯାହାକୁ କି ଟାଇଗର ବର୍ତ୍ତମାନ ଖୋଜିଆଣିଲା ।

ସେ ଖଣ୍ଡିକୁ ସେ ଅତି ଯତ୍ନର ସହିତ କାଗଜରେ ଗୁଡ଼ାଇ ରଖିଲେ । ତା ପରେ ପୁଣି ସେ ଫେରିଲେ ଜମିଦାର ଭବନାଥ ରାୟଙ୍କ ପ୍ରାସାଦ ଆଡ଼କୁ ।

ଅଜୟବାବୁ ସେତେବେଳକୁ ଚେଷ୍ଟଟା ଉଠାଇ ଆଣିସାରିଥିଲେ ଗହ୍ୱର ଭିତରୁ । ଅନ୍ୟାନ୍ୟ ଚେଷ୍ଟ ଗୁଡ଼ାକ ଖୋଲି ଖୋଲି କରି ଦେଖିଲେ ଖାଲି କେତେ ଶହ ଟଙ୍କା ଛଡ଼ା ଆଉ କିଛି ମିଳିଲା ନାହିଁ । ଆଉ କେତେଟା ଫଟୋ ନେଇସାରି ଲାସ୍ ଦି'ଟା ପୋଷ୍ଟମର୍ଟମ ପାଇଁ ପଠାଇଦେଲେ ପ୍ରତାପବାବୁ । ଚେଷ୍ଟ୍ ଟାକୁ ନିଜ ଜିପ୍ ରେ ଲଦି ସେ ବାହାରିଲେ ପୋଲିସ୍ ହେଡ଼କ୍ୱାର୍ଟର ଅଭିମୁଖେ । ଘରଟାକୁ ବନ୍ଦ କରିଦେଇ ତାଙ୍କ ପଛେ ପଛେ ଅଜୟବାବୁ ମଧ୍ୟ ବାହାରିଲେ ।

* * * *

Digitized by PPRACHIN, SOA

ତିନି

ପ୍ରାୟ ପନ୍ଦର ଦିନ ଅତିବାହିତ ହୋଇଯାଇଛି ଏଥିମଧ୍ୟରେ । ଏହି ସୁଦୀର୍ଘ ସମୟ ଭିତରେ ବାହାରେ ସେପରି ଉଲ୍ଲେଖଯୋଗ୍ୟ ଘଟଣା ନ ଘଟିଲେ ସୁଦ୍ଧା ପୋଲିସ କର୍ତ୍ତୃପକ୍ଷ ନୀରବ ହୋଇ ରହିନାହାନ୍ତି । ବିଭିନ୍ନ ସୂତ୍ର ଧରି ଅନୁସନ୍ଧାନ କରାଯାଇଛି । ଫଳରେ କେତୋଟି ଗ୍ରେଟ ଗ୍ରେଟ ଅପରାଧ ମୂଳକ ଘଟଣା ଏବଂ ଅପରାଧୀ ଧରାପଡ଼ିଛନ୍ତି । ମାତ୍ର ପ୍ରକୃତ ଏବଂ ଅସଲ ଘଟଣା ସହିତ ତା'ର କିଛି ସମ୍ପର୍କ ନାହିଁ । ଏତେ ବଡ଼ ହତ୍ୟାକାଣ୍ଡଟା ଯେ ବାଏ ବାଏ "ଲୁଚିଯିବ, ତାହାବି କମ୍ ଚିନ୍ତାର କଥା ନୁହେଁ । ପ୍ରଦୀପବାବୁ ସବୁବେଳେ ଚିନ୍ତିତ ସେଥିପାଇଁ । ତାଙ୍କ ନିଜ ଉପରୁ ମଧ୍ୟ ବିଶ୍ୱାସ ହରାଇବସିଲେଣି ସେ । ସବୁବେଳେ ମନରେ ଗୋଟିଏ ଆଶଙ୍କା—ହତ୍ୟାକାରୀ କ'ଣ ପବନରେ ମିଳାଇଗଲା ? କ୍ରମେ କ୍ରମେ ସେ ହତୋତ୍ସାହିତ ହୋଇପଡ଼ୁଥିଲେ ।

ପ୍ରଦୀପବାବୁଙ୍କ ପରି ବିଖ୍ୟାତ ଡିଟେକ୍ଟିଭ ଯେତେବେଳେ କେଶ୍ଟାର ଦାୟିତ୍ୱ ଆରମ୍ଭରୁ ନେଇଛନ୍ତି, ସେତେବେଳେ ଖୁବ୍ ଶୀଘ୍ର ସେ ଏହାର ସମାଧାନ କରିଦେବେ—ଏପରି ଆଶା ଖାଲି ପୋଲିସ କର୍ମକର୍ତ୍ତା ନୁହନ୍ତି, ଜନସାଧାରଣ ମଧ୍ୟ କରୁଥିଲେ । ମାତ୍ର ଏତେ ଦିନ ମଧ୍ୟରେ ନୂଆ କିଛି ଆଶାଜନକ ପ୍ରଚେଷ୍ଟା ଦେଖା ନ ଯିବାରୁ କ୍ରମେ ଜନସାଧାରଣଙ୍କ ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ସୃଷ୍ଟି ହେଲା । ସମ୍ବାଦପତ୍ରମାନଙ୍କରେ ପୋଲିସ ବିଭାଗର ଅପାରଗତା ସମ୍ବନ୍ଧରେ ନାନା ପ୍ରକାର କଟୂକ୍ତି ଓ ସମାଲୋଚନା ପ୍ରକାଶ ପାଇବାରେ ଲାଗିଲା, ଯେଉଁଟା କି ପ୍ରଦୀପବାବୁଙ୍କ ପକ୍ଷରେ ନିତାନ୍ତ ଅସହ୍ୟ ହେଲା । ଚାକିରିକାଳ ଭିତରେ ସେ କେବଳ ସୁନାମ ଅର୍ଜନ କରିଆସିଛନ୍ତି । ଏବେ ସମାଲୋଚନା ଗୁଡ଼ିକ ତାଙ୍କ କଲିଜାରେ ଛୁରୀ ଚଳାଇଦେବା ପରି ଜଣାଗଲା । ଲଜ୍ଜାରେ ମ୍ରିୟମାଣ ହୋଇ ସେ ଆଉ ବାହାରକୁ ଯିବାକୁ ସାହସ କରି ପାରିଲେ ନାହିଁ ।

ସେ ଦିନ ତାଙ୍କ ବାସଭବନରେ କେତେଜଣ ଉଚ୍ଚ ପୋଲିସ କର୍ମ କର୍ତ୍ତାଙ୍କ ସହ ଉପସ୍ଥିତ ହେଲେ ସ୍ୱୟଂ ପୋଲିସକମିଶନର ମି: ବ୍ରାଉନ । ମି: ବ୍ରାଉନ ବଡ଼ କର୍ତ୍ତବ୍ୟପରାୟଣ ଏବଂ ନିୟମାନୁବର୍ତ୍ତୀ ଅଫିସର । ସେଥିପାଇଁ ନିମ୍ନସ୍ଥ କର୍ମଚାରୀମାନେ ତାଙ୍କୁ ଖୁବ କଡ଼ା ଲୋକ ବୋଲି ଅଭିହିତ କରନ୍ତି । ମି: ବ୍ରାଉନ ଗମ୍ଭୀର ଶ୍ରଦ୍ଧାକରନ୍ତି

Digitized by PPRACHIN, SOA

ପ୍ରଦୀପବାବୁଙ୍କୁ । ଦୀର୍ଘଦିନ ଧରି ତାଙ୍କଠାରୁ କୌଣସି ଖବର ନ ପାଇବାରୁ ସେ ଖବରଟା କ'ଣ ବୁଝିବାପାଇଁ ଧାଇଁଆସିଥିଲେ କେତେଜଣ ଅଫିସରଙ୍କୁ ସାଥିରେ ଧରି ।

ସେମାନେ ସେଠାରେ ପହଞ୍ଚିଲାବେଳକୁ ପ୍ରଦୀପବାବୁ ଆଉ ବିଜୟବାବୁ ଦୁହେଁ ଥିଲେ ପ୍ରଦୀପବାବୁଙ୍କ ବାସଭବନର ତୃତୀୟ ମହଲା ମନ୍ତ୍ରଣା କକ୍ଷରେ । ଏଇ କକ୍ଷଟି ଖାଲି ମନ୍ତ୍ରଣା କକ୍ଷ ନୁହେଁ, ଗୁପ୍ତ କୋଠରି ମଧ୍ୟ । ପ୍ରଦୀପବାବୁଙ୍କ ବାସ-ଭବନ ଏକ ଆଧୁନିକ ଢାଞ୍ଚାରେ ନିର୍ମିତ ଦ୍ୱିତଳ ପ୍ରାସାଦ । ମାତ୍ର ଦ୍ୱିତଳ ସହିତ ଏ ପ୍ରସ୍ଥଟି ଏପରିଭାବରେ ନିର୍ମିତ ଯେ କେହି ସେଠାରେ ଗୋଟାଏ କକ୍ଷ ଅଛି ବୋଲି ଅନୁମାନ ସୁଦ୍ଧା କରିପାରିବ ନାହିଁ । ପ୍ରଦୀପବାବୁଙ୍କ ଦ୍ୱିତଳସ୍ଥ ଶୟନକକ୍ଷରୁ ଏ ମହଲାକୁ ଗୁପ୍ତଦ୍ୱାର ରହିଛି । କେବଳ ବିଜୟବାବୁଙ୍କ ବ୍ୟତୀତ ସେ ପଥ କାହାକୁ ଜଣାନୁହେଁ । ଯେତିକି ଅତି ଗୋପନୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ଫାଇଲ, ଦଲିଲ, ତଥ୍ୟ—ସବୁ ସେହି କକ୍ଷର ବିଭିନ୍ନ ଆଲମିରାରେ ସୁସଜ୍ଜିତ ହୋଇଛି । ନିରାପତ୍ତା ଦୃଷ୍ଟିରୁ ସେହି କକ୍ଷଟିର ବ୍ୟବସ୍ଥା କରିଛନ୍ତି ପ୍ରଦୀପବାବୁ । ବିଜୟବାବୁଙ୍କ ସହିତ ତାଙ୍କର ମନ୍ତ୍ରଣା ପ୍ରାୟ ହୁଏ ସେଇଠି । ବାହାରପଟୁ ସେ କୋଠରିକୁ ଲକ୍ଷ୍ୟ କରିବା ବା ସେଠାକୁ ଆସିବା ଆଦୌ ସମ୍ଭବ ନୁହେଁ । ଭିତର ପଟ କଥା ଗୁଢ଼ । ପାଖ ପାଖ ହୋଇ ବିଜୟବାବୁ ଆଉ ପ୍ରଦୀପବାବୁଙ୍କ କୋଠରି । ସେଠି ପୁଣି ସଦା ସର୍ବଦା ଟାଇଗର ଜଗୁଆଳ । ସେ ସବୁ ଅତିକ୍ରମ କରି ପ୍ରଦୀପବାବୁଙ୍କ ଶୟନ କକ୍ଷ ଭିତରେ ଗୁପ୍ତଦ୍ୱାର ଦେଇ ପଶିବା ଏବଂ ଗୁପ୍ତ କକ୍ଷରୁ କିଛି ଜିନିଷ ହରଣଚାଳ କରିବା ଭଳି ଦସ୍ୟୁ ଜଗତରେ ଅସମ୍ଭବ । ତେଣୁ ପ୍ରଦୀପବାବୁ ସମ୍ପୂର୍ଣ୍ଣ ନିଶ୍ଚିନ୍ତ ସବୁବେଳେ ।

ଆଜି ସକାଳୁ ସେ ଏଇସବୁ ବିଷୟରେ ଆଲୋଚନା କରୁଥିଲେ ବିଜୟବାବୁଙ୍କ ସହିତ ସେହି କକ୍ଷରେ ବସି । ଏତିକିବେଳେ ତଳ ମହଲାର ଡ୍ରଇଂରୁମ୍‌ରୁ ଟେଲିଫୋନରେ ତାଙ୍କର ଘରୋଇ ଚାକର ଆଗନ୍ତୁକମାନଙ୍କର ଆଗମନ ସମ୍ବାଦ ଜଣାଇଦେଲା ଉପରକୁ । ପ୍ରଦୀପବାବୁ ସେମାନଙ୍କର ଆସିବାର ଉଦ୍ଦେଶ୍ୟ ବିଷୟ ଜାଣିପାରିଲେ ଏବଂ ବିଜୟବାବୁଙ୍କୁ ପଠାଇଦେଲେ ପାଛୋଟି ଆଣିବାପାଇଁ ।

Digitized by PPRACHIN, SOA

ପ୍ରଦୀପବାବୁଙ୍କ ବ୍ୟବସ୍ଥା ଅନୁଯାୟୀ ତାଙ୍କର ଚାକର, ପୁଝାରୀ ସୁଦ୍ଧା ଏ ମନ୍ତ୍ରଣା କକ୍ଷକୁ ଆସିବା ମନା । କେବଳ ଅତି ଆବଶ୍ୟକ ହେଲେ ଟେଲିଫୋନରେ ଉପରକୁ ଖବର ଦେଇଦଅନ୍ତି । ସେ ବ୍ୟବସ୍ଥା ମଧ୍ୟ ପ୍ରଦୀପବାବୁ କରିଦେଇଛନ୍ତି ।

ବିଜୟବାବୁଙ୍କ ପଛେ ପଛେ ସେହି କୋଠରିରେ ପ୍ରବେଶ କଲେ ସମସ୍ତେ । ପ୍ରଦୀପବାବୁ ଅଭ୍ୟର୍ଥନା କରି ବସାଇଲେ ସମସ୍ତଙ୍କୁ । କିନ୍ତୁ କେଜାଣି କାହିଁକି, ଟାଇଗରର ଅସନ୍ତୋଷ ଖୁବ୍ ବଢିଗଲା ଏଥିରେ । ବଡ ଭୀଷଣ ସ୍ୱରରେ ସେ ଗର୍ଜି ଉଠିଲା । ତାର ଶିକୁଳିକୁ ଟାଣି ଓଟାରି ସେ ଏତେ ବ୍ୟସ୍ତ ହୋଇ ପଡ଼ିଲା ଯେ ତାକୁ ସମ୍ଭାଳି ରଖିବା କଷ୍ଟକର ହୋଇପଡ଼ିଲା । ଟାଇଗରର ଏ ନୂଆ ଢଙ୍ଗ କାହିଁକି, ତାହା ବୁଝିପାରିଲେ ନାହିଁ ପ୍ରଦୀପବାବୁ । କାଳେ ବାହାରେ କିଛି ସୁରାକ ସେ ପାଇଥିବ, ଏଇ ଆଶଙ୍କାରେ ତାକୁ ଫିଟାଇ ଦେବାକୁ କହିଲେ ବିଜୟବାବୁଙ୍କୁ । ନିର୍ଦ୍ଦେଶ ମାତ୍ରେ ବିଜୟବାବୁ ତା'ର ଶିକୁଳି ଫିଟାଇ ଦେଲେ । ମାତ୍ର ସର୍ବନାଶ ! ଏକା ଲମ୍ଫରେ ବିରାଟ ଆଁ ଟାଏ କରି ସେ ଧାଇଁ ଆସିଲା କମିଶନର ମିଷ୍ଟର ବ୍ରାଉନଙ୍କ ପାଖକୁ । ପ୍ରଦୀପବାବୁ ଚଟ୍ କରି ଧରିପକାଇ ନ ଥିଲେ ବୋଧହୁଏ ଆଘାତ କରିଥାନ୍ତା । ତତ୍‌କ୍ଷଣାତ୍ ତାକୁ ଧରିନେଇ ତଳ ମହଲାରେ ବାନ୍ଧିଦେବାକୁ ନିର୍ଦ୍ଦେଶ ଦେଲେ ବିଜୟବାବୁଙ୍କୁ । କୁକୁରଟାର ଅନିଚ୍ଛା ସତ୍ତ୍ୱେ ବିଜୟବାବୁ ତାକୁ ଟାଣି ଟାଣି ନେଇଗଲେ । ମାତ୍ର ତା'ର ଭୁକିବା ବନ୍ଦ ହେଲା ନାହିଁ ।

ଟାଇଗରକୁ ନେଇ ଏପରି ଗୋଟାଏ ଅପ୍ରୀତିକର ଘଟଣା ଯେ ଘଟିବ, ଏହା ଆଦୌ ଆଶଙ୍କା କରି ନ ଥିଲେ ପ୍ରଦୀପବାବୁ । ସେ ବଡ଼ ଲଜ୍ଜିତ ହୋଇ ବିନମ୍ର କ୍ଷମା ପ୍ରାର୍ଥନା କଲେ ମିଷ୍ଟର ବ୍ରାଉନଙ୍କ ନିକଟରେ ।

ମିଷ୍ଟର ବ୍ରାଉନ ଅବଶ୍ୟ କଥାରେ ସେପରି ଗୁରୁତ୍ୱ ଦେଇ କିଛି କହିଲେ ନାହିଁ; କିନ୍ତୁ ତାଙ୍କର ମୁଖମଣ୍ଡଳ ଆରକ୍ତ ହୋଇଉଠିଲା । ସେ ମନର ସମସ୍ତ ଭାବ ଗୋପନ ରଖି କହିଲେ—'ଆପଣ ତ ଭଲ ଗୋଏନ୍ଦା କୁକୁରଟିଏ ରଖିଛନ୍ତି, ପ୍ରଦୀପବାବୁ ! ତାକୁ ଶୀଘ୍ର ଭେଟେନାରି ହସପିଟାଲକୁ ପଠାଇ ଦିଅନ୍ତୁ ।

ପ୍ରଦୀପବାବୁ ଆହୁରି ଲଜ୍ଜିତ ହୋଇପଡ଼ିଲେ ।

Digitized by PPRACHIN, SOA

ଏଣୁତେଣୁ ସାମାନ୍ୟ କଥାବାର୍ତ୍ତା ପରେ ମିଷ୍ଟର ବ୍ରାଉନ୍ କହିଲେ—"ମୁଁ ଜାଣିବାକୁ କେବଳ ଚାହୁଁଛି ପ୍ରତାପବାବୁ, ଆମର ଇନ୍‌ଭେଷ୍ଟିଗେସନ କେତେଦୂର ଗଲା । ଏ ବିଷୟରେ ପବ୍ଲିକ୍‌ରେ କିପରି ସମାଲୋଚନା ପ୍ରକାଶ ପାଇଛି, ତା'ତ ଆପଣ ଖବରକାଗଜରୁ ଦେଖୁଥିବେ ।"

ପ୍ରତାପବାବୁ ଲଜ୍ଜିତ ହୋଇ କହିଲେ—"ମୁଁ ସବୁ ଶୁଣୁଛି, କିନ୍ତୁ ମୋର ଉପାୟ ନାହିଁ । ହତ୍ୟାକାରୀ ପବନରେ ମିଳାଇଯାଇଛି ।"

—"ତେବେ ମୁଁ କ'ଣ ଧରିନେବି ଯେ ଆପଣ ଅକ୍ଷମ ?" କମିଶନର ସାହେବ ଗମ୍ଭୀର ହୋଇ କହିଲେ ।

ପ୍ରତାପବାବୁ ନୀରବ ରହିଗଲେ । ଲଜ୍ଜାରେ ତାଙ୍କର ମୁଖମଣ୍ଡଳ ଆରକ୍ତ ହୋଇଉଠିଲା । ସେ ବଡ଼ ଅପ୍ରତିଭ ହୋଇ କହିଲେ—"ମୁଁ ଅକ୍ଷମ ବୋଲି ଆଦୌ କହି ନାହିଁ । କାରଣ ମୁଁ ମୋର ସକଳ ଶକ୍ତି ସାମର୍ଥ୍ୟ ଦେଇ ତା'ର ମୁକାବିଲା କରିବାକୁ ପ୍ରସ୍ତୁତ । କିନ୍ତୁ ସେଥିକୁ ସମୟ ତ ଦରକାର । ଦସ୍ୟୁ ସାମାନ୍ୟ ନୁହେଁ ।"

—"ସାମାନ୍ୟ ନୁହେ ? ମାନେ, କ'ଣ କହିବାକୁ ଚାହୁଁଛନ୍ତି ଆପଣ ?" କପାଳରରେଖା କୁଞ୍ଚିତ କରି ପଚାରିଲେ କମିଶନର ମିଷ୍ଟର ବ୍ରାଉନ୍ ।

—"ସେ ହେଉଛି ବହୁ ପୁରାତନ ଗୋଟାଏ ଘୋର ଷଡ଼ଯନ୍ତ୍ରର ପୁନରାବୃତ୍ତି । ଯା'ର ନାୟକ ବଡ଼ ଅପ୍ରତ୍ୟାଶିତ । ଯା'ର ଘଟଣାବଳୀ ମଧ୍ୟ ତଦ୍ରୂପ ଚମତ୍କାରପ୍ରଦ ।"

—"ଆଶ୍ଚର୍ଯ୍ୟ ! କ'ଣ ତେବେ ସେ ଷଡଯନ୍ତ୍ର ।" ମିଷ୍ଟର ବ୍ରାଉନଙ୍କ ସମେତ ସମସ୍ତେ ପ୍ରଶ୍ନବାଚକ ଦୃଷ୍ଟିରେ ଚାହିଁଲେ ପ୍ରତାପବାବୁଙ୍କ ଆଡ଼େ ।

ପ୍ରତାପବାବୁ ସ୍ଥିରସ୍ୱରରେ ବସି ଧୀରେ ଧୀରେ କହିବାକୁ ଲାଗିଲେ—

"ପ୍ରାୟ ପଚାଶ ବର୍ଷ ତଳେ ଗୋଟାଏ ସଂଗଠିତ ଦସ୍ୟୁଦଳ ସମଗ୍ର ଭାରତରେ ନାନାପ୍ରକାର ଉତ୍ପାତ, ଲୁଣ୍ଠନ, ହତ୍ୟା ଚଳାଇ ଦେଶଟାକୁ ଅତିଷ୍ଠ କରିଦେଇଥିଲା । ତାର ସର୍ଦ୍ଦାର ଥିଲା ଅଙ୍ଗଦ ସିଂ । ଅଙ୍ଗଦ ସିଂ ବଡ଼

Digitized by PPRACHIN, SOA

ପରାକ୍ରମଶାଳୀ କୌଶଳୀ ଏବଂ ଫନ୍ଦିବାଜ୍ । ଛଦ୍ମବେଶ ଧରିବାରେ ସେ ଅଦ୍ୱିତୀୟ । ପୃଥିବୀର ସବୁ ଦେଶର ଭାଷା ସେ ଜାଣେ ଏବଂ ମୁକ୍ତ ଓ ଶୃଙ୍ଖଳାବଦ୍ଧରେ କଥାବାର୍ତ୍ତା କରିପାରେ । ତାର କର୍ମକ୍ଷେତ୍ର ଖାଲି ସ୍ଥଳ ନୁହେଁ, ଜଳଭାଗରେ ମଧ୍ୟ ଥିଲା । ତେଣୁ ସ୍ଥଳଭାଗରେ ବିପଦର ସୂଚନା ପାଇଲେ ସେ ଜଳଭାଗରେ ଆତ୍ମଗୋପନ କରି ରହୁଥିଲା । ଏହି କାରଣରୁ ସେ ଅଜେୟ ହୋଇଉଠିଥିଲା । ସେତେବେଳେ ଇଂରେଜ ସରକାର ବହୁ ଗୁପ୍ତଚର ନିଯୁକ୍ତ କରି, ଚୂଡ଼ାନ୍ତ ହୋଇ ତାକୁ ଧରିପାରି ନ ଥିଲେ । ତା'ର ଦଳରେ ପ୍ରାୟ ଶହେ ପଚାଶ ସଙ୍ଗୀ ଦୁର୍ଦ୍ଦାନ୍ତ ଏବଂ ସୁଦକ୍ଷ ଦସ୍ୟୁ ଥିଲେ । ଭାରତର ବିଭିନ୍ନ ସ୍ଥଳରେ ସେମାନଙ୍କର ଗୁପ୍ତ ଅଡ୍ଡା ମଧ୍ୟ ଥିଲା ।

''ଲୋଭହିଁ ମନୁଷ୍ୟର ମୃତ୍ୟୁର କାରଣ । ଅଙ୍ଗଦ ସିଂ କେଉଁ ଏକ ସୂତ୍ରରୁ ଖବର ପାଇଲା ଯେ ବହୁକାଳରୁ କେହି ଜଳଦସ୍ୟୁ ବଙ୍ଗୋପସାଗରର କୌଣସି ଏକ ଅଜ୍ଞାତ ଦ୍ୱୀପରେ କୋଟି କୋଟି ଟଙ୍କାର ସମ୍ପତ୍ତି ଲୁକ୍କାୟିତ କରି ରଖିଛି । ସେ ଦସ୍ୟୁ ଏବଂ ତା'ର ଦଳ ଲୋପ ପାଇଲେଣି, କେଉଁ କାଳରୁ; କିନ୍ତୁ ସମ୍ପତ୍ତି ସବୁ ରହିଛି । ସେଇ ଧନକୁ ସେ କିପରି ପାଇବ, ସେଥିପାଇଁ ସେ ଉନ୍ମାଦ ହୋଇଉଠିଲା । ବହୁ କଷ୍ଟରେ ସେ ତା'ର ସନ୍ଧାନ ମଧ୍ୟ ପାଇଁଲା ଏବଂ ଏଥିପାଇଁ କେତେଗୁଡ଼ିଏ ନରହତ୍ୟା ମଧ୍ୟ କଲା । ସର୍ବଶେଷରେ ସେ ସଫଳ ହେଲା । ସେହି ଅଜ୍ଞାତ ଦ୍ୱୀପର ରାସ୍ତା, ସମ୍ପତ୍ତି ଲୁକ୍କାୟିତ ଥିବାର ନିର୍ଦ୍ଦିଷ୍ଟ ସ୍ଥାନ ପ୍ରଭୃତି ଅଙ୍କାଥିବା ଖଣ୍ଡିଏ ପିତ୍ତଳର ତକ୍ତା ସେ ପାଇଥିଲା । ସେ ତକ୍ତା ଉପରେ ନକ୍ସା ଦ୍ୱାରା ସବୁ ଅଙ୍କା ଯାଇଥିଲା । ସେ ଖଣ୍ଡ ସେ ଜଳଦସ୍ୟୁମାନଙ୍କ ଦ୍ୱାରା ସମ୍ଭବତଃ ଅଙ୍କିତ ଥିଲା ।

"ସେ ଯାହାହେଉ, ଏତେ ହତ୍ୟାକାଣ୍ଡ ପରେ ହତ୍ୟାକାଣ୍ଡ ଘଟିବା ଯୋଗୁ ପୋଲିସ ଓ ଗୁପ୍ତଚର ବାହିନୀର ତତ୍ପରତା ଖୁବ୍ ବଢ଼ିଗଲା । ଅଙ୍ଗଦ ସିଂକୁ ଧରାଇଦେବାକୁ ପଚାଶ ହଜାର ଟଙ୍କା ପୁରସ୍କାର ମଧ୍ୟ ଘୋଷଣା କରାଗଲା । ଏସବୁ ଦେଖି ଅଙ୍ଗଦ ସିଂ ଦଳବଳ ଏବଂ ସକଳ ସମ୍ପତ୍ତି ସହ ଏଠାରୁ ଖସିଯାଇ ସେହି ଅଜ୍ଞାତ ଦ୍ୱୀପରେ ଆତ୍ମଗୋପନ କରିବାକୁ ସ୍ଥିର କଲା ଏବଂ ଯାହାର ଆୟୋଜନ କଲା ।''

Digitized by PPRACHIN, SOA

"ଅଙ୍ଗଦ ସିଂକୁ ଧରିବାପାଇଁ ସରକାରୀ ସ୍ତରରେ ତ ଉଦ୍ୟମ ହେଉଥିଲା । ତା'ଛଡ଼ା କେତେଜଣ ଘରୋଇ ଗୁଇନ୍ଦା ମଧ୍ୟ ଉଦ୍ୟମ କରୁଥିଲେ । ସେମାନଙ୍କ ମଧ୍ୟରେ କେବଳ ପ୍ରାଇଭେଟ ଡିଟେକଟିଭ ରୂପନାରାୟଣ ଦାସ ଅଙ୍ଗଦର ସନ୍ଧାନ ପାଇଥିଲେ । ସେ ତା'ର ଯାତ୍ରା ସମସ୍ତ ଜାଣିପାରି ପୂର୍ବରୁ ସମୁଦ୍ର ମଝିରେ ତାକୁ ଅପେକ୍ଷା କରିଥିଲେ ।"

"ଅଙ୍ଗଦ ସିଂ ଯେତେ ଗୁପ୍ତରେ ସ୍ଥଳଭାଗରୁ ଯାତ୍ରା ଆରମ୍ଭ କଲା । ଠିକ୍ ମଧ୍ୟରାତ୍ରିରେ ସାଗରବକ୍ଷରେ ପୋଲିସବାହିନୀ ସହିତ ତା'ର ଘୋର ସଂଘର୍ଷ ହେଲା । ଦସ୍ୟୁଦଳ ପୂର୍ବରୁ ସତର୍କ ନ ଥିଲେ । ତେଣୁ କେତେଜଣ ପୋଲିସ ହାତରେ ଧରାଗଲେ । ଅନ୍ୟମାନେ ଗୁଳିରେ ପ୍ରାଣ ହରାଇଲେ । ଅଙ୍ଗଦ ମଧ୍ୟ ପ୍ରାଣ ହରାଇଲା । ତା'ର ଲାସକୁ ତା'ର ଦଳର ଲୋକେ ଚାଲାଣ କଲେ । ସବୁ ଧନସମ୍ପତ୍ତି, ପିତ୍ତଳର ସେହି ତମ୍ବା ଖଣ୍ଡିକ, ଯେଉଁଥିରେ କି ନକ୍ସା ଅଙ୍କିତ ଥିଲା ସେସବୁ ସାଗରର ଅତଳଗର୍ଭରେ ବିଲୀନ ହେଲା ।"

"ବେଶ ତ ଗୋଟାଏ କାହାଣୀର ଅବସାନ ହୋଇଗଲା । ସେଥିରେ ଆଉ ରହିଲା କ'ଣ ?—କହିଲେ ମିଷ୍ଟର ବ୍ରାଉନ୍ ।

—"ନା, ଅଙ୍ଗଦ ମରି ନ ଥିଲା । ସେ ସମୁଦ୍ରଗର୍ଭରେ କେତେବେଳ ଭାସି ଭାସି କୂଳରେ ଲାଗିଲା । ତା'ପରେ ଆତ୍ମଗୋପନ କରି ପୁଣି ବୁଲିଲା ସାରା ଭାରତ । ସେ ସମ୍ପତ୍ତି ସବୁ ମଧ୍ୟ ସମୁଦ୍ରଗର୍ଭରେ ବିଲୀନ ହୋଇ ନ ଥିଲା । କେତେଜଣ ଦସ୍ୟୁ ସେ ସମ୍ପତ୍ତି ଏବଂ ପିତଳ ତମ୍ବା ଖଣ୍ଡିକୁ ଉଦ୍ଧାର କରି କୂଳକୁ ଆଣିପାରିଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ନାଥୁରାମ୍ ନାମକ ଜଣେ ଦସ୍ୟୁ ତା'ର ଅନ୍ୟ ସହକର୍ମୀକୁ ହତ୍ୟା କରି ସବୁ ହସ୍ତଗତ କରିନେଲା ଏବଂ ସେଠାରୁ ପଳାୟନ କଲା । ସେ ନାଥୁରାମ୍ ଆମର ନିହତ ଜମିଦାର ଭବନାଥ ରାମ୍ ବ୍ୟତୀତ ଆଉ କେହି ନୁହନ୍ତି । ତା'ର ଭୂଗର୍ଭସ୍ଥ କୋଠରି ଭିତରୁ ସେ ଧନର କିଛି ଅଂଶ ଏବଂ ସେ ପିତ୍ତଳ ତମ୍ବା ଖଣ୍ଡି ଉଦ୍ଧାର କରାଯାଇଛି ।"

କମିଶନର ମିଷ୍ଟର ବ୍ରାଉନଙ୍କ କପାଳରେ ବିନ୍ଦୁ ବିନ୍ଦୁ ଝାଳ ଫୁଟିଉଠୁଥିଲା । ସେ ପ୍ରଦୀପବାବୁଙ୍କୁ ଚାହିଁ କହିଲେ—"ବାଃ ! ବେଶ ରୋମାଞ୍ଚକର ତ ! ତା ପରେ ଅଙ୍ଗଦ ?"

Digitized by PPRACHIN, SOA

—"ଶେଷ ମୁହୂର୍ତ୍ତରେ ଅଙ୍ଗଦ ତା'ର କୌଣସି ଲୋକଠାରୁ ନାଥୁରାମ୍‌ର ବିଶ୍ୱାସଘାତକତା ବିଷୟ ଜାଣିପାରିଲା । ସେହିଦିନଠୁ ସେ ତାକୁ ଖୋଜିବୁଲିଲା । ନାଥୁରାମ୍ ମଧ୍ୟ ତା'ର ସୂଚନା କିଛି କିଛି ପାଇଥିଲା । ସେଥିପାଇଁ ସେ ଛଦ୍ମନାମରେ ନିତାନ୍ତ ଅଖ୍ୟାତ ସ୍ଥାନରେ ବାସ କରୁଥିଲା, ଖାସ୍ ସମସ୍ତଙ୍କ ଦୃଷ୍ଟିରୁ ଏଡ଼ାଇ ହୋଇ ରହିବାପାଇଁ । କିନ୍ତୁ ଅଙ୍ଗଦକୁ ଫାଙ୍କି ଦେଇ ପାରିଲା ନାହିଁ । ହଠାତ୍ ଦିନେ ସେ ତା'ର ବାସଭବନରେ ପହଞ୍ଚିଗଲା । ନାଥୁରାମ୍ ତାକୁ ଚକ୍ରର ଭିତରେ ପକାଇବା ପାଇଁ ଶେଷ ଉଦ୍ୟମ କରି ବିଫଳ ହେଲା । ଫଳରେ ସେ ଏବଂ ତା'ର ରକ୍ଷିତା ଉଭୟେ ମୃତ୍ୟୁ ବରଣ କଲେ । କିନ୍ତୁ ଅଙ୍ଗଦ କିଛି ଧନ ବା ସେ ତକ୍ତା ନେଇପାରିଲା ନାହିଁ । ତାହା ଥିଲା ସେ ଚକ୍ରର ଭିତରେ ।"

"ବର୍ତ୍ତମାନ ସେ ସବୁ କେଉଁଠି ? ଅଙ୍ଗଦର ଖବର ବା କ'ଣ ?"—ମିଷ୍ଟର ବ୍ରାଉନ ଆଗ୍ରହୀ ହୋଇ ପଚାରିଲେ ।

—"ବର୍ତ୍ତମାନ ସେ ତକ୍ତା ଆଉ ନାଥୁରାମ୍‌ର ଡାଏରୀ—ସବୁ ମୋ ପାଖରେ ଅଛି । ନାଥୁରାମ୍ ତା ଡାଏରୀରେ ସବୁ ଉଲ୍ଲେଖ କରିଛି । ସେ ଦ୍ୱୀପଟାକୁ ସେ ତାର ଡାଏରୀରେ "ରତ୍ନଦ୍ୱୀପ" ବୋଲି ଲେଖିଛି । ଆଉ ଅଙ୍ଗଦ ହାତଛଡ଼ା ହୋଇଯାଇଛି ।"

—"ଓ...ଟିକିଏ ହସିଲେ ମିଷ୍ଟର ବ୍ରାଉନ ଅଚ୍ଛା, ପ୍ରଦୀପ ବାବୁ ! ହତ୍ୟାକାରୀ ଯେ ଅଙ୍ଗଦ, ସେଟା ଆପଣ ଜାଣିଲେ କିପରି ? ସେ ହୁଏତ ଅନ୍ୟ କେହି ବି ହୋଇପାରେ ।"

—"ନା ! ମୁଁ ନିଃସନ୍ଦେହ ସେଥିରେ; କାରଣ ଆମେ ଯେଉଁ ରକ୍ତାକ୍ତ ରୁମାଲ୍‌ଟା ପାଇଚୁ, ସେଥିରେ ଲେଖାଅଛି—ଏ. ଏସ୍. ଏଇ ଅକ୍ଷର କେତୋଟି ଅଙ୍ଗଦ ସିଂର ନାମକୁ ସୂଚାଉଛି । ତା ଛଡ଼ା ମଦ୍ୟପାତ୍ରରୁ, ଯେଉଁ କେତୋଟି ଆଙ୍ଗୁଳି ମିଳିଛି, ସେଥିରୁ ଯୋଡ଼ାଏ ଯେ ଅଙ୍ଗଦର ଏଥିରେ ମୁଁ ନିଃସନ୍ଦେହ । ଦ୍ୱିତୀୟତଃ ଏତେ ବଡ଼ ଦୁଃସାହସିକ ପଦକ୍ଷେପ ନେବା ତା ଛଡ଼ା ଆଉ କାହାର ପକ୍ଷରେ ସମ୍ଭବ ନୁହେଁ ।"

"ଆଇ ସି" କହି ଚୁରୁଟରେ ଅଗ୍ନି ସଂଯୋଗ କଲେ ମିଷ୍ଟର ବ୍ରାଉନ । ତା'ପରେ କେତେଥର ଧୂଆଁ ଛାଡ଼ି କହିଲେ—"ସେ ଚକ୍ରଟା ଥରେ ଆଣନ୍ତୁ ତ ଦେଖିବା ।"

Digitized by PPRACHIN, SOA

ପ୍ରତାପବାବୁଙ୍କ ନିର୍ଦ୍ଦେଶ ପାଇବା ମାତ୍ରେ ବିଜୟବାବୁ ଗୋଟାଏ ଚେଷ୍ଟ ଖୋଲି ଚକ୍ରାଟା ଆଣି ରଖିଦେଲେ ଟେବୁଲ ଉପରେ । ସମସ୍ତଙ୍କର ଦୃଷ୍ଟି ଆକର୍ଷିତ ହୋଇଆସିଲା ସେଇ ଜିନିଷଟା ଉପରକୁ । ମିଷ୍ଟର ବ୍ରାଉନ ଚକ୍ରାଖଣ୍ଡି ହାତକୁ ନେଇ ଦେଖିଲେ । ତାଙ୍କର ମୁଖମଣ୍ଡଳର ଭାବ ଅସମ୍ଭବ ପ୍ରକାରେ ବଦଳିଗଲା । ସେ ଗମ୍ଭୀରସ୍ୱରରେ ପଚାରିଲେ—"ଅଚ୍ଛା ! ଆପଣ ଏ ନକ୍ସା ଅନୁସାରେ କୌଣସି ସ୍ଥାନର କିଛି ସନ୍ଧାନ ପାଇଲେ ?"

—"ନା ! ନକ୍ସଟା ଏପର୍ଯ୍ୟନ୍ତ ଅବୋଧ ମୋ ପାଖରେ । ମୁଁ ଖାଲି ଭାବୁଛି, କୌଣସି ବିଶେଷଜ୍ଞଙ୍କ ଦ୍ୱାରା ।"

—"ହଁ ତାହାହିଁ କରନ୍ତୁ ! ତେବେ ମୁଁ ଥରେ ଚେଷ୍ଟା କରି ଦେଖେଁ । ଏ ଚକ୍ରାଟା ଅନ୍ତତଃ ଆଜି ଦିନକ ପାଇଁ ଥାଉ ମୋ ପାଖରେ ।"—ସମ୍ମତିକୁ ଅପେକ୍ଷା ନ କରି ମିଷ୍ଟର ବ୍ରାଉନ ନିଜ କୋଟ୍ ପକେଟରେ ସେ ଖଣ୍ଡି ପୂରାଇଲେ ।

—"ଆପଣ ଏ କେଶ୍ ପଛରେ ଯାହା ଆବଶ୍ୟକ କରନ୍ତି, ତାହା ସରକାରୀ ସାହାଯ୍ୟ ଆକାରରେ ଯେପରି ପାଇବେ ତା'ର ବ୍ୟବସ୍ଥା ମୁଁ ଅବଶ୍ୟ କରିବି । ଆପଣ ତଦନ୍ତରେ ଲାଗିପଡ଼ନ୍ତୁ । ଆମର ଖାଲି ଅଙ୍ଗଦ ଦ୍ୱୀପ ଲୋଡ଼ା ନୁହେଁ, ବହୁଦ୍ୱୀପ ମଧ୍ୟ ଦରକାର ।"

"—ମୁଁ ମୋର ପ୍ରାଣପଣେ ଚେଷ୍ଟା କରିବି, ସାର୍" ପ୍ରତାପବାବୁ କହିଲେ ।

"—ଆପଣ ଆଜି ପାଞ୍ଚଟାବେଳେ ମୋ ସହିତ କୋଠିରେ ସାକ୍ଷାତ୍ କରିବେ । କେତେକ ଜରୁରୀ କଥାବାର୍ତ୍ତା ଅଛି । ବର୍ତ୍ତମାନ ବୋଧହୁଏ ସମୟ ହେଲାଣି ।" ମିଷ୍ଟର ବ୍ରାଉନ୍ ଚୌକି ଛାଡ଼ିଲେ । ତାଙ୍କ ସଙ୍ଗେ ସଙ୍ଗେ ଅନ୍ୟ ଅଫିସରମାନେ ମଧ୍ୟ ।

ପ୍ରତାପବାବୁ ଡାଲମହଲର ଉର୍ଦ୍ଧ୍ୱ ଭୂମି ପର୍ଯ୍ୟନ୍ତ ବଳାଇବାକୁ ଆସିଲେ ସମସ୍ତଙ୍କୁ । ତାଙ୍କ ସଙ୍ଗେ ସଙ୍ଗେ ବିଜୟବାବୁ ମଧ୍ୟ ।

ବହୁଦ୍ୱୀପରେ ତାରକନ

Digitized by PPRACHIN, SOA

ଟାଇଗର ଡ୍ରଇଁ ରୁମ ବାରଣ୍ଡାରେ ବନ୍ଧା ହୋଇ ଗ୍ରାଁ ଗର୍ଜୁଥିଲା । ମିଷ୍ଟର ବ୍ରାଉନଙ୍କ ଉପରେ ଦୃଷ୍ଟି ପଡ଼ିଲାମାତ୍ରେ ସେ ଆହୁରି ଗର୍ଜି ଉଠିଲା, କୌଣସି ଉପାୟରେ ଶିକୁଳିରୁ ଖସିଯିବା ପାଇଁ ପ୍ରାଣପଣେ ଲାଗିପଡ଼ିଲା । ତା'ର ଏ ଭୟଙ୍କର ରୂପ ଦେଖି ପ୍ରଦୀପବାବୁ ସମେତ ଅନ୍ୟମାନେ ପ୍ରମାଦ ଗଣିଲେ । ପ୍ରଦୀପବାବୁଙ୍କ ମନରେ ଆଶଙ୍କା ହେଲା—ସତେ କଣ ଟାଇଗର ପାଗଳ ହୋଇଗଲା ?

ମିଷ୍ଟର ବ୍ରାଉନ ପୁଣିଥରେ ସତର୍କ କରିଦେଲେ ପ୍ରଦୀପ ବାବୁଙ୍କୁ—'ଦେଖନ୍ତୁ ପ୍ରଦୀପବାବୁ ! ଆପଣ ଏ କୁକୁରଟାକୁ ଗୁଳି କରିଦିଅନ୍ତୁ, ନଚେତ୍ ଏହାର ପାଇଁ ଆପଣଙ୍କୁ କୋର୍ଟକୁ ଯିବାକୁ ପଡ଼ିପାରେ ।'

ପ୍ରଦୀପବାବୁଙ୍କ ମନର ଭାବନା ସେତେବେଳକୁ ଥିଲା ଅନ୍ୟପ୍ରକାର । ସେ ଶୁଣିଥିଲେ ସିନା ଉତ୍ତର ଦେଲେ ନାହିଁ ।

ଅଫିସରମାନେ ପୋଲିସ ଜିପ୍‌ରେ ଏବଂ ମିଷ୍ଟର ବ୍ରାଉନ ନିଜ କାର୍‌ରେ ବସି ଅଦୃଶ୍ୟ ହୋଇଗଲେ ରାଜପଥ ଉପରେ । ପ୍ରଦୀପବାବୁ ସେମାନଙ୍କ ଚାଲି ବାଟକୁ ଚାହିଁ ଭାବୁଥିଲେ ଟାଇଗର୍‌ର ଦୁର୍ଭାଗ୍ୟ ବିଷୟ ।

ସେ ଫେରିଆସିଲେ ଡ୍ରଇଂରୁମ ବାରଣ୍ଡାକୁ । ଦେଖିଲେ, ବିଜୟବାବୁଙ୍କ ସହିତ ଟାଇଗର ଖେଳୁଚି ସବୁଦିନେ ସ୍ୱାଭାବିକ ଢଙ୍ଗରେ ସେ ଯେପରି ଖେଳେ । ପ୍ରଦୀପବାବୁଙ୍କର ଆଶ୍ଚର୍ଯ୍ୟର ସୀମା ରହିଲାନାହିଁ । ସେ ଭାବିଲେ—ଅଥଚ ଏଇ ଟାଇଗର...

ବିଜୟବାବୁ କହିଲେ—"ସେ କିଛି ସୂଚକ ବୋଧେ ପାଇଥିଲା । ନ ହେଲେ ଆମ ଟାଇଗର ତ ସାଧାରଣ ଆଲ୍‌ସେସିଆନ୍ ନୁହେଁ ।"

ପ୍ରଦୀପବାବୁ ଗମ୍ଭୀର ହୋଇ କହିଲେ—'ସୂଚକ ପାଇଥିଲା କଣ ପୋଲିସ କମିଶନର ମିଷ୍ଟର ବ୍ରାଉନଙ୍କଠାରୁ !'

—'ହୋଇଥିବ ! କିନ୍ତୁ ଟାଇଗର ସବୁବେଳେ ଜିତିଲା ।' ହସି ହସି କହିଲେ ବିଜୟବାବୁ ।

Digitized by PPRACHIN, SOA

—'ତୁମେ ପାଗଳ ହେଲ ବିଜୟବାବୁ !'—ପ୍ରଦୀପବାବୁଙ୍କ ପାଟିରୁ କଥା ସରିଚି କି ନାହିଁ, ଡ୍ରଇଂରୁମରେ ଟେଲିଫୋନ ରିଂ କରିଉଠିଲା । ପ୍ରଦୀପବାବୁ ଯାଇ ରିସିଭର ଉଠାଇଲେ । ସେପଟରୁ ଫୋନରେ କଥାବାର୍ତ୍ତା କରୁଥିଲେ ପୋଲିସ କମିଶନର ମିଃ ବ୍ରାଉନ ।

କଥା ଆରମ୍ଭରୁ ହିଁ ପ୍ରଦୀପବାବୁଙ୍କ ମୁହଁ ବିବର୍ଣ୍ଣ ପଡ଼ିଯାଇଥିଲା । ତାଙ୍କ ହାତ ଥରୁଥିଲା । ସେ ବିସ୍ମିତ ହୋଇ କହୁଥିଲେ—

…"କହୁ, ସାର୍, ଆପଣ ?"

"..............."

—"ସର୍ବନାଶ ହୋଇଯାଇଚି, ସାର୍ ! ତକ୍ତାଖଣ୍ଡି ହାତଛଡ଼ା ହୋଇଯାଇଛି ।"

"..............."

ଟେଲିଫୋନ୍‌ରେ କଥା ସରିବା, ପ୍ରଦୀପବାବୁ ପାଗଳଙ୍କ ପରି ଚିତ୍କାର କରି ଉଠିଲେ—'ବିଜୟ' ! ଟେଲିଫୋନ ରିସିଭର୍‌ଟା ତାଙ୍କ ହାତରୁ ଛିଟିକିପଡ଼ିଲା ତଳେ ।

ବିଜୟବାବୁ ଧାଇଁଆସିଲେ ଭିତରକୁ ।

ଟେଲିଫୋନ୍ ଘନ ଘନ ରିଂ କରି ଚାଲିଥିଲା ।

ଚାରି

ପୋଲିସ କମିଶନର ମିଷ୍ଟର ବ୍ରାଉନଙ୍କ ବଙ୍ଗଳାରେ ଗୋଟିଏ ନିଭୃତ କକ୍ଷରେ ବସିଥିଲେ ପ୍ରଦୀପବାବୁ, ବିଜୟବାବୁ ଆଉ ମିଃ ବ୍ରାଉନ୍ । ପ୍ରଦୀପବାବୁ ଅତ୍ୟମାତ୍ରାରେ ଚିନ୍ତିତ ଏବଂ ଦୁଃଖିତ ଥିବା ଯୋଗୁ ତାଙ୍କ କପାଳରେ ଚିନ୍ତାର ରେଖା ସୁସ୍ପଷ୍ଟ ଦିଶୁଥିଲା । ବିଜୟବାବୁ ମଧ୍ୟ ପରାଜୟର ଗ୍ଳାନିରେ ଭାଙ୍ଗିପଡ଼ିଥିଲେ । ମିଷ୍ଟର ବ୍ରାଉନ ଚୁରୁଟ୍ ଧୂଆଁରେ କୋଠରୀଟାକୁ ପରିପୂର୍ଣ୍ଣ କରିଦେଇଥିଲେ । ସମ୍ପୂର୍ଣ୍ଣ ନୀରବତାର ରାଜୁତି ଥିଲା କୋଠରୀ ଭିତରେ । କାହାରି ମୁହଁରେ ଭାଷା ନ ଥିଲା ।

Digitized by PPRACHIN, SOA

"ଅଙ୍ଗଦ ସିଂ ଆପଣଙ୍କୁ ଯାହା 'ଫାଙ୍କିଦେଇ' ପାରିଲା, ସେଇଟାହିଁ ମୋତେ ବଡ଼ ବିସ୍ମିତ କରୁଛି । ଲୋକଟା କିଛି ଭୋଜବାଜିକର ନୁହେଁ କି ଅତିମାନବ ନୁହେଁ—"

—"ମୁଁ ବି ବଡ଼ ଆଶ୍ଚର୍ଯ୍ୟ, ସାର ! ତା'ର ସାହସ ଯେ ଏତେଦୂର ହୋଇପାରେ ସେଟା ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି । ଏତେ ଜଣ ପୋଲିସ ଅଫିସରଙ୍କୁ ଫାଙ୍କି ଦେବା ମୁଁ ଏପର୍ଯ୍ୟନ୍ତ ବିଶ୍ୱାସ କରିପାରୁନି ।"

—"ସବୁ ଦୁର୍ଭାଗ୍ୟ, ପ୍ରଦୀପବାବୁ ! ସବୁ ଦୁର୍ଭାଗ୍ୟ । ତଥ୍ୟର ଅବଶେଷ ଟିକକ ହାତଛଡ଼ା ହୋଇଯାଇଛି । ଏଥର ଉପାୟ ?"

ଅଜୟବାବୁ ଏପର୍ଯ୍ୟନ୍ତ ନୀରବରେ ବସି ରହିଥିଲେ । ସେହି ମଝିରେ ବାଧା ଦେଇ କହିଲେ—"ସେ ସମସ୍ତଙ୍କୁ ଫାଙ୍କି ଦେଇ ଯାଇପାରେ; କିନ୍ତୁ ଟାଇଗର୍ ତାକୁ ଠିକ୍ ଚିହ୍ନି ପାରିଲା ଏବଂ ସେ ଯେ ଅଙ୍ଗଦ ସିଂ, ଏକଥା ଆମକୁ ନିଶ୍ଚିତ ଭାବରେ ଜଣାଇଦେଲା ।"

ଅଜୟବାବୁଙ୍କ କଥାର ତାତ୍ପର୍ଯ୍ୟ ବୁଝି ନପାରି ମିଷ୍ଟର ବାଉନ ପ୍ରଶ୍ନବାଚକ ଦୃଷ୍ଟିରେ ଚାହିଁଲେ ଅଜୟବାବୁଙ୍କୁ ।

ଅଜୟବାବୁ କହିଲେ—'ଛଦ୍ମବେଶୀ ଅଙ୍ଗଦକୁ ଦେଖି ଟାଇଗର ଖୁବ୍ ଜୋରରେ ଗର୍ଜିଉଠିଲା ଆଉ ଧରିନେବାକୁ ଚେଷ୍ଟା କରିଥିଲା । କାହିଁକି ନା, ହତ୍ୟାକାଣ୍ଡ ସ୍ଥଳରେ ସେ ତା'ର ରକ୍ତର ଗନ୍ଧ ବାରିନେଇଥିଲା । ଆମେ ସିନା ତା'ର ଭାଷା ବୁଝିପାରିଲୁ ନାହିଁ, କିନ୍ତୁ ଆଜି ଜାଣୁଛୁଁ ଯେ ସେ 'ଏଇ ହତ୍ୟାକାରୀ' 'ଏଇ ହତ୍ୟାକାରୀ' ବୋଲି ଚିତ୍କାର କରୁଥିଲା ।

'ବାଃ ! ବଡ଼ ବୁଦ୍ଧିମାନ କୁକୁର ତ !'—ମିଷ୍ଟର ବାଉନ ସନ୍ତୋଷଜନକ ମନ୍ତବ୍ୟ ପ୍ରକାଶ କଲେ ।

ଅନ୍ୟ ସମୟ ହୋଇଥିଲେ ଟାଇଗରର ପ୍ରଶଂସାରେ ପ୍ରଦୀପବାବୁ ଯଥେଷ୍ଟ ଗର୍ବ ଅନୁଭବ କରିଥାଆନ୍ତେ । ମାତ୍ର ବର୍ତ୍ତମାନ ପରାଜୟର ଗ୍ଲାନିରେ ସେ ଏତେଦୂର ଭାଙ୍ଗିପଡ଼ିଥିଲେ ଯେ ମିଷ୍ଟର ବାଉନଙ୍କ କଥା ତାଙ୍କ କାନରେ ବାଜିଲା କି ନା ସନ୍ଦେହ । ସେ ନୀରବ ରହିଗଲେ ।

Digitized by PPRACHIN, SOA

କିଛି ସମୟ ନୀରବ ରହିଲାପରେ ମିଷ୍ଟର ବ୍ରାଉନ କହିଲେ "ଅଚ୍ଛା, ପ୍ରଦୀପବାବୁ ! ଅଙ୍ଗଦ କ'ଣ ଆମର ଚେଷ୍ଟା ଅକ୍ଷମ କରିଯାଉଛି ?"

ପ୍ରଦୀପବାବୁ ଖୁବ୍ ଦୁଃଖିତ ହୋଇ କହିଲେ—"ସେ କଥା ମୁଁ କଦାପି କହନ୍ତି ନାହିଁ; ଯଦି ସେ ଚକ୍ରା କମ୍ବା ତା'ର ପ୍ରମାଣ କିଛି ମୋ ପାଖରେ ଥାଆନ୍ତା । ଅଙ୍ଗଦର ଲେଖା କେବଳ ସେତିକି । ସେ ତାହା ପାଇଯାଇଛି । ମୋ ପାଖରେ ଆଉ କିଛି ନାହିଁ । ବର୍ତ୍ତମାନ ସେ ରତ୍ନଦ୍ୱୀପକୁ ଅଭିଯାନର ଆୟୋଜନ କରୁଥିବ । ତାକୁ ପାଇବା ହୁଏତ ଅସମ୍ଭବ ।"

—"କିନ୍ତୁ ଆମ ପାଖରେ ତା'ର ପ୍ରମାଣ ତ ଅଛି !" ମଝିରେ ବାଧା ଦେଇ କହିଲେ ବିଜୟବାବୁ ।

ବିଜୟବାବୁଙ୍କ କଥା ଶୁଣି ପ୍ରଦୀପବାବୁ ଚମକିପଡ଼ି କହିଲେ—'ଅଛି ? କଣ ଅଛି ତୁମ ପାଖରେ ?"

—"ତା'ର ଫଟୋଗ୍ରାଫ ତ ଅଛି । ଆପଣ କହୁଥିଲେ ନା ତା'ର କେତେଗୁଡ଼ିଏ ଫଟୋଗ୍ରାଫ୍ କରି ଏକ୍ସପର୍ଟମାନଙ୍କ ପାଖକୁ ପରେ ପଠାଇବେ ବୋଲି । କାଳେ କେତେବେଳେ ଜରୁରୀ ଦରକାର ହେବ, ସେଥିପାଇଁ ମୁଁ ତା'ର ଫଟୋ ଉଠାଇ ରେଡ଼ି କରି ରଖିଛି ।"

ବିଜୟବାବୁଙ୍କ କଥା ଶୁଣି ଅଥଳ, ଅକୂଳ, ସାଗରରେ ଯେପରି ନିରାପଦ ଆଶ୍ରୟ ପାଇଲେ ପ୍ରଦୀପବାବୁ । ସେ ଏକା ଡ଼ିଆଁରେ ଦୌଡ଼ିଯାଇ ବିଜୟବାବୁଙ୍କୁ କୁଣ୍ଢାଇ ପକାଇ କହିଲେ—କାହିଁ ? କାହିଁ ସେ ଫଟୋଗ୍ରାଫ୍ ?"

ବିଜୟବାବୁ କୋଟ୍ ପକେଟ୍‌ରୁ ବଡ଼ ଡାଏରୀଟାଏ ବାହାର କରି ତା ଭିତରୁ ଦୁଇଖଣ୍ଡ ଫଟୋଗ୍ରାଫ୍ ବାହାର କରି ଦେଲେ ପ୍ରଦୀପବାବୁଙ୍କ ହାତରେ । ପ୍ରଦୀପବାବୁ ଦେଖିଲେ, ପିତଳ ଚକ୍ରାରେ ଥିବା ନକ୍ସାର ଅବିକଳ ଫଟୋଗ୍ରାଫ୍ । ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ସେଥିରୁ ଖଣ୍ଡିଏ ମିଷ୍ଟର ବ୍ରାଉନଙ୍କ ହାତକୁ ବଢ଼ାଇଦେଇ ବିଜୟବାବୁଙ୍କୁ ଲକ୍ଷ୍ୟ କରି କହିଲେ—"ଅସଲ ଗୁପ୍ତ ତୁମ ପାଖରେ, ଅଥଚ ମୋତେ କିଛି କହୁନା ! ତୁମର ପିଲାଳିଆମି ଗଲା ନାହିଁ ଏଯାଏ ।"

ବିଜୟବାବୁ ବିଜୟଗର୍ବରେ ହସୁଥିଲେ ମୃଦୁ ମୃଦୁ ।

ପ୍ରଦୀପବାବୁ ଆନନ୍ଦରେ ଅଧୀର ହୋଇ କହିଲେ—“ଏଥର ଆଉ ଚିନ୍ତା ନାହିଁ । ମୁଁ ଅଙ୍ଗଦ ସିଂ ସାଙ୍ଗରେ ଅବଶ୍ୟ ଖୁବ୍ ଶୀଘ୍ର ସାକ୍ଷାତ୍ କରିବି । ମୋର ସକଳ ସାମର୍ଥ୍ୟ, ବୁଦ୍ଧି ବଳମସ୍ତରେ ତା'ର ହାତରେ ହାତକଡ଼ା ପକାଇବାକୁ ଚେଷ୍ଟା କରିବି । ତା ସଙ୍ଗେ ସଙ୍ଗେ ରତ୍ନଦ୍ୱୀପର ସନ୍ଧାନ ଅବଶ୍ୟ ଆଣିବି ।”

—“ମୁଁ ଆପଣଙ୍କ ସଫଳତା କାମନା କରୁଛି ।” ମିଷ୍ଟର ବ୍ରାଉନ୍ ହସି ହସି କହିଲେ । ହଁ, ଆମ ଡିପାର୍ଟମେଣ୍ଟରୁ ଆପଣ କାହା କାହା ସାହାଯ୍ୟ ନେବାକୁ ଚାହାନ୍ତି, ମୋତେ ଜଣାନ୍ତୁ । ମୁଁ ସେମାନଙ୍କୁ ସେଇ ଅନୁସାରେ ଅର୍ଡ଼ର ଦେବ ।”

ପ୍ରଦୀପବାବୁ କହିଲେ—‘ମୁଁ ଉପଯୁକ୍ତ ଲୋକ ସ୍ଥିର କରିସାରିଛି । ସେ ହେଉଛନ୍ତି ରୂପନାରାୟଣ ଦାସ, ପ୍ରାଇଭେଟ୍ ଡିଟେକ୍ଟିଭ୍ । ଅତୀତରେ ଥରେ ଅଙ୍ଗଦ ସହିତ ତାଙ୍କର ଘୋର ସଂଘର୍ଷ ହୋଇଥିଲା । ସେ ଇଂରେଜ ସରକାରଠାରୁ ଘୋଷିତ ପୁରସ୍କାର ଲାଭ କରିଥିଲେ ମଧ୍ୟ ।’

ମିଷ୍ଟର ବ୍ରାଉନ୍ ନାଁଟା ମନେ ପକାଇଲା ପରି ହୋଇ କହିଲେ—“ରୂପନାରାୟଣ ! ଓ, ହଁ, ମନେପଡ଼ିଲା ଏଥର । କିନ୍ତୁ ସେ ରାଜି ହେବେ ତ ?”

—‘ନିଶ୍ଚୟ ହେବ, ସାର ! ସେ ମୋର ଘନିଷ୍ଠ ବନ୍ଧୁ । ମୁଁ ତାଙ୍କୁ ଏ ବିଷୟରେ ଲେଖି ଆସିବାକୁ ଅନୁରୋଧ କରିଛି । ହୁଏତ ସେ ଏଇ ଦିନେ ଦୁଇଦିନ ମଧ୍ୟରେ ଆସିଯିବେ । ପ୍ରାଥମିକ ଅନୁସନ୍ଧାନ କାର୍ଯ୍ୟ ପରେ ଆମେ କି ଧରଣର ସାହାଯ୍ୟ ଦରକାର କରିବୁ ତାହା ଜଣାଇ ଦେବି ।’

—“ଅଚ୍ଛା, ଅଚ୍ଛା, ତେବେ ରୂପନାରାୟଣବାବୁ ଆସିଲେ ମୋ ସହିତ ତାଙ୍କର ସାକ୍ଷାତ ଯେପରି ହୁଏ । ମୁଁ ଭାବୁଛି, ଆପଣ ହିଁ ଏ କେସର ଭାର ନେବାକୁ ଏକାନ୍ତ ଉପଯୁକ୍ତ ବ୍ୟକ୍ତି । ଅଙ୍ଗଦ ମାତ୍ର ଜଣେ ବ୍ୟକ୍ତି, ସେ ଅନାୟାସରେ ଧରାପଡ଼ି ଯାଇପାରେ । କିନ୍ତୁ ଆମର ଲକ୍ଷ୍ୟ ହେବା ଉଚିତ ରତ୍ନଦ୍ୱୀପ । ଯେଉଁ ଭଣ୍ଡାର ପାଇଁ ଏତେ ଷଡ଼ଯନ୍ତ୍ର, ରକ୍ତପାତ, ହତ୍ୟା ଘଟିଚାଲିଲାଣି, ସେ ରହସ୍ୟାବୃତ ଘଟଣା ଯଦି ଉଦ୍‌ଘାଟିତ ହୁଏ, ତେବେ

Digitized by PPRACHIN, SOA

ଗୋଟାଏ ନୂତନ ଇତିହାସର ସୃଷ୍ଟି ହେବ । ଭାରତୀୟ ପୋଲିସବାହିନୀର ଏ ଅପୂର୍ବ ସଫଳତା ଅବଶ୍ୟ ବିଶ୍ୱବକ୍ଷରେ ଗୋଟାଏ ଚମକ ସୃଷ୍ଟି କରିବ । ସେଥିପାଇଁ ସମଗ୍ର ପୋଲିସ ବାହିନୀକୁ ଯଦି ନିୟୋଜିତ କରିବା ଆବଶ୍ୟକ ପଡ଼େ, ତାହାହେଲେ ମଧ୍ୟ ମୁଁ କୁଣ୍ଠିତ ହେବ ନାହିଁ । ଆଉ ଅବହେଳାର ଅବକାଶ ନାହିଁ । ଚେତନେ ଅଙ୍ଗଦ ଲାଗିପଡ଼ିବଣି । ଇଆଡ଼େ ଆପଣ ମଧ୍ୟ ଲାଗିପଡ଼ନ୍ତୁ ।"

—"ଦେଖାଯାଉ, କଣ ହେଉଛି । କର୍ତ୍ତବ୍ୟରେ ମୋ ପକ୍ଷରୁ ତ୍ରୁଟି କରାଯିବ ନାହିଁ କେବେ । ଫଳାଫଳ ତ ସବୁ ଭାଗ୍ୟ ଉପରେ ନିର୍ଭର । ଅଙ୍ଗଦ ସାମାନ୍ୟ ଦସ୍ୟୁ ନୁହେଁ । ତା'ର ସଂଗଠନ ଶକ୍ତି ଅଦ୍ଭୁତ । ସେ ଯା' ମଧ୍ୟରେ ଯଥାମତ ଗୋଟାଏ ଶକ୍ତିଶାଳୀ ଦଳ ସଂଗଠିତ କରିସାରିଥିବ । ତା'ର ମୁକାବିଲା କରିବାପାଇଁ ଆମକୁ ସେହି ତୁଳନାରେ ପ୍ରସ୍ତୁତ ହେବାକୁ ପଡ଼ିବ । ମୁଁ ଅବଶ୍ୟ ତା'ର ବ୍ୟବସ୍ଥା କରିବି ।"

—'ସେ ଭରସା ମୋର ଆପଣଙ୍କ ଉପରେ ଅଛି, ପ୍ରତାପବାବୁ ଆପଣ ରୂପନାରାୟଣବାବୁଙ୍କୁ ପୁଣି ଲେଖନ୍ତୁ, ତାଙ୍କର ଅଙ୍ଗଦର ଚରିତ୍ର, କାର୍ଯ୍ୟପଦ୍ଧତି ବିଷୟରେ ଅଭିଜ୍ଞତା ଅଛି । ସେ ଅନେକ ପରାମର୍ଶ ଦେଇପାରିବେ ।'

ପ୍ରତାପବାବୁ କହିଲେ—"ଆଜି ପୁଣି ଖବର ଦେବି ।"

ମିଷ୍ଟର ବ୍ରାଉନ ଜନୂଦ୍ୱୀପରେ ନକ୍ସା ଫଟୋଗ୍ରାଫ୍ ଖଣ୍ଡି ହାତରେ ଉଠାଇ ନେଇ ନିରେଖି ଦେଖି ଦେଖି କହିଲେ—'ଆପଣ ଏଥିରୁ କିଛି ବୁଝିପାରୁଛନ୍ତି ?

ପ୍ରତାପବାବୁ କହିଲେ—"ନିର୍ଭୁଲ ଅବଶ୍ୟ ନୁହେଁ । ତେବେ ଯାହା ଅନୁମାନ କରିପାରିଛି, ଏଇ ଯେଉଁ ଅଙ୍କା ବଙ୍କା ରେଖାଟି ଦେଖାଯାଉଛି ଏଟା ବୋଧହୁଏ ଜନୂଦ୍ୱୀପର ଉପକୂଳ ରେଖା । ଉପକୂଳ ରେଖାଠାରୁ ଏଇ ଗାରଚିହ୍ନିତ ରେଖାଟି ଜନୂଦ୍ୱୀପ ଭିତରକୁ ପଥ । ଏଇ ଯେଉଁ ଛୋଟ ଛୋଟ ରେଖାଗୁଡ଼ିକ ପଥରେଖାକୁ ଛେଦ କରି ବିଭିନ୍ନ ଦିଗରୁ ଉପକୂଳରେଖାକୁ ସ୍ପର୍ଶ କରିଛି, ଏଗୁଡ଼ିକ ନଦୀ ବା ଝରଣା ହେବ ବୋଲି ମୋର ଅନୁମାନ ।

Digitized by PPRACHIN, SOA

ଆଜ୍ଞା ଏଇ ଯେଉଁ ବୃତ୍ତ ମଝିରେ ତିନୋଟି ବିନ୍ଦୁ ଚିହ୍ନ ଦେଖାଯାଉଛି ତାହା ଗୋଟିଏ ପର୍ବତ ବା ପାହାଡ଼ ହେବ । ତାର ଠିକ୍ ମଝିରେ ଛକ ଚିହ୍ନଟି ରତ୍ନଦ୍ୱୀପର ଟଙ୍କାଘର ହୋଇପାରେ ।

ମିଷ୍ଟର ବ୍ରାଉନ ଗମ୍ଭୀର ହୋଇ କହିଲେ—"ହଁ, ଆପଣଙ୍କର ଅନୁମାନ ହୁଏତ ଠିକ୍ ତଥାପି ରୂପନାରାୟଣବାବୁଙ୍କ ପରାମର୍ଶ ନିଅନ୍ତୁ ।"

ପ୍ରତାପବାବୁ ଫଟୋଗ୍ରାଫ୍ କେତେଖଣ୍ଡି ଯତ୍ନରେ ରଖିଲେ । ଆଉ କଥାବାର୍ତ୍ତା କରିବାର କିଛି ନ ଥିଲା । ଏଣିକି ସବୁ କାମ ଉପର କଥା । ଅପେକ୍ଷା ଥିଲା କେବଳ ରୂପନାରାୟଣବାବୁଙ୍କୁ ।

ବୃଥା କାଳକ୍ଷେପଣର ଇଚ୍ଛା ମଧ୍ୟ ନ ଥିଲା ପ୍ରତାପବାବୁଙ୍କର । ସେ ବିଦାୟ ନେବାକୁ ଉଠିଲେ ।

ତାଙ୍କ ସଙ୍ଗେ ସଙ୍ଗେ ବିଜୟବାବୁ ମଧ୍ୟ ।

* * *

ସେଦିନ ପ୍ରତାପବାବୁଙ୍କ ଡ୍ରଇଂ ରୁମରେ ବସି କଥାବାର୍ତ୍ତା ହେଉଥିଲେ ପ୍ରତାପବାବୁ ବିଜୟବାବୁ ଏବଂ ରୂପନାରାୟଣବାବୁ ।

ପ୍ରତାପବାବୁଙ୍କ ଅନୁରୋଧ ଏଡ଼ାଇ ନ ପାରି ଛୁଟି ପାଇଲାମାତ୍ରେ ଧାଇଁ ଆସିଛନ୍ତି ରୂପନାରାୟଣବାବୁ । ପ୍ରତାପବାବୁ ତାଙ୍କ ସ୍କୁଲ ଜୀବନରୁ ସାଥୀ । କଲେଜରେ ମଧ୍ୟ ଦୁହେଁ ସହପାଠୀ ଥିଲେ । ଶିକ୍ଷା ଶେଷରେ ଦୁହେଁଯାକ ମଧ୍ୟ ସାଥୀ ହୋଇ ସ୍କଟ୍ଲଣ୍ଡ ୟାର୍ଡ଼ରେ ଟ୍ରେନିଂ ପାଇଥିଲେ । ସେଠାରୁ ଫେରି ପ୍ରତାପବାବୁ କଲେ ସରକାରୀ ଚାକିରୀ । କିନ୍ତୁ ରୂପନାରାୟଣବାବୁ ଚାକିରୀ ନ କରି ସ୍ୱାଧୀନତାଭାବରେ ଗୋଇନ୍ଦାଗିରି କଲେ । ଧନର କିଛି ଅଭାବ ନ ଥିଲା ତାଙ୍କର । ବାପା ତାଙ୍କର କେଉଁ ଏକ ଦେଶୀୟ ରାଜ୍ୟର ରାଜାଙ୍କ ଅଧୀନରେ ଉଚ୍ଚ ପୋଲିସ କର୍ତ୍ତାରୂପେ କାମ କରୁଥିଲେ । ସେହି ଦୃଷ୍ଟିରୁ ରୂପନାରାୟଣବାବୁ ମଧ୍ୟ ରାଜ ଅନୁଗ୍ରହରୁ ବଞ୍ଚିତ ନ ଥିଲେ ।

ପ୍ରାଇଭେଟ୍ ଡିଟେକ୍ଟିଭ ଜୀବନରେ ବହୁ ଜଟିଳ କେସ୍‌ର ସମାଧାନ କରିଛନ୍ତି ସେ ନିଜର ଜୀବନକୁ ବିପନ୍ନ କରି । ପ୍ରତି କ୍ଷେତ୍ରରେ ସମସ୍ତ ବିପଦ ଏଡ଼ାଇ

Digitized by PPRACHIN, SOA

କୃତକାର୍ଯ୍ୟ ହୋଇଛନ୍ତି । ଦୁର୍ଦ୍ଧର୍ଷ ଦସ୍ୟୁ ଅଙ୍ଗଦକୁ ମଧ୍ୟ ଥରେ ଉଚିତ ପରାଭବ ଦେଇ ତା'ର ଦଳକୁ ଛିନ୍ନ ଭିନ୍ନ କରିଦେଇଛନ୍ତି । ତେଣୁ ଅଙ୍ଗଦର ପରାକ୍ରମ, ଦଳବଳ ଏବଂ କାର୍ଯ୍ୟକଳାପ ସମ୍ବନ୍ଧରେ ତାଙ୍କର ବିଶେଷ ଜ୍ଞାନ ଏବଂ ଅଭିଜ୍ଞତା ଅଛି । ବିଷୟ ଦୃଷ୍ଟିରୁ ପ୍ରଦୀପବାବୁଙ୍କର ସମବୟସ୍କ ହେବେ ସେ । ସ୍ୱାସ୍ଥ୍ୟ ମଧ୍ୟ ଅତ୍ରୁଟ ଠିକ୍ ପ୍ରଦୀପବାବୁଙ୍କ ପରି ।

ସେଦିନ ଆଲୋଚନା ଥିଲା କେବଳ ସେଇ ବିଷୟରେ । ପ୍ରଦୀପବାବୁ ଟିକିନିଖି କରି ସବୁ ଘଟଣା ତାଙ୍କ ଆଗରେ ବର୍ଣ୍ଣନା କରୁଥିଲେ । ଚଞ୍ଚଳ ମନଯୋଗ ସହିତ ରୂପନାରାୟଣବାବୁ ତାହା ଶୁଣିଯାଉଥିଲେ ।

ପ୍ରଦୀପବାବୁଙ୍କ କଥା ଶେଷରେ ରୂପନାରାୟଣବାବୁ କହିଲେ—"ଆପଣଙ୍କ ସାମ୍ନାରେ ଛଦ୍ମବେଶଧାରି ଚନ୍ଦ୍ରଦ୍ୱୀପର ନକ୍ସା ହରଣଚାଲ କରିନେବାରେ କିଛି ଆଶ୍ଚର୍ଯ୍ୟ ମୁଁ ଦେଖୁନି । କାରଣ ଅଙ୍ଗଦ ସିଂ ଏପରି କୌଶଳୀ ଏବଂ ଛଦ୍ମବେଶ ଧାରଣରେ ସକ୍ଷମ ଯେ, କୌଣସି ବୁଦ୍ଧିମାନ ଡିଟେକ୍‌ଟିଭ ଆଖିରେ ଧୂଳି ଫିଙ୍ଗି ଚାଲିଯିବା ତା' ପାଖରେ ପିଲାଖେଳ ସହିତ ସମାନ । ତେବେ ସୌଭାଗ୍ୟର କଥା ଯେ, ଆପଣ ତା'ର ଫଟୋ ନକଲଗୁଡ଼ାଏ ନେଇପାରିଥିଲେ । ନ ହେଲେ ଖାଲି ଅନ୍ଧାରରେ ବାଡ଼ି ବୁଲାଇବା କଥା ।"

ପ୍ରଦୀପବାବୁ ଏବଂ ବିଜୟବାବୁ ରୂପନାରାୟଣବାବୁଙ୍କଠାରୁ ତାଙ୍କ ଅଭିଜ୍ଞତାର କାହାଣୀ ଶୁଣିଥିଲେ । ରୂପନାରାୟଣବାବୁ ଟିକିଏ ପରେ ଗଳା ପରିଷ୍କାର କରି କହିଲେ —"ନାଥୁରାମ୍, ଯେ କି ଜମିଦାର ଭବନାଥ ରାୟଙ୍କ ଛଦ୍ମବେଶରେ ନିହତ ହୋଇଛି, ସେ ଖାଲି ତା' ଦଳର ଜଣେ କର୍ମୀ ନୁହେଁ, ଅଙ୍ଗଦର ସହକାରୀ ସେ । ଅଙ୍ଗଦ ସିଂ ଠାରୁ ସେ ଆହୁରି ଦୁର୍ଦ୍ଦାନ୍ତ ଏବଂ ଧୂର୍ତ୍ତ । ତା' ନ ହୋଇଥିଲେ ଚନ୍ଦ୍ରଦ୍ୱୀପର ନକସାଟା ହାତ କରି ଗୁଡ଼ାଏ ରକ୍ତପାତ ଏବଂ ଘୋର ବିଶ୍ୱାସଘାତକତା କରି ନ ଥାନ୍ତା । ଭାଗ୍ୟ ଭଲ, ଅଙ୍ଗଦ ତାକୁ ହତ୍ୟା କରିଛି । ନ ହେଲେ ଯଦି ନାଥୁରାମ୍ ବର୍ତ୍ତମାନ ତା' ସହିତ ସାଲିସ ମିଳାମିଶା କରିନେଇଥାନ୍ତା, ତେବେ ସେମାନଙ୍କୁ ଜୟ କରିବା ଦେବତାଙ୍କର ମଧ୍ୟ ଅସାଧ୍ୟ ହୋଇଥାନ୍ତା ।"

Digitized by PPRACHIN, SOA

"ଆଚ୍ଛା, ରୂପନାରାୟଣବାବୁ ! ଏଇ ରତ୍ନଦ୍ୱୀପଟାର ଅବସ୍ଥିତି ସମ୍ବନ୍ଧରେ ଆପଣଙ୍କର ଧାରଣା କଣ ?"—ପ୍ରଦୀପବାବୁ ପଚାରିଲେ ।

—"ଆପଣଙ୍କର ଆଉ ମୋର ଅନୁମାନ ଭିତରେ ବିଶେଷ ପ୍ରଭେଦ ନାହିଁ । ରତ୍ନଦ୍ୱୀପ ବୋଲି ଗୋଟାଏ ଦ୍ୱୀପ ଯେ ଅସୁମାର ଧନରତ୍ନ ଗର୍ଭରେ ଧରି ସମୁଦ୍ର ମଧ୍ୟରେ ଲୁଚିରହିଛି—ତା'ର କିଛି ସତ୍ୟତା ନାହିଁ । ତେବେ ଖାଲି କଳ୍ପନାର ବିଷୟ ନୁହେଁ ସେଟା । ରତ୍ନଦ୍ୱୀପ ବୋଲି ବଙ୍ଗୋପସାଗର ବକ୍ଷରେ ଗୋଟାଏ ଦ୍ୱୀପ ଯେ ଅଛି ଏକଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ । ନ ହେଲେ ଗୋଟାଏ ଦୁର୍ଦ୍ଦାନ୍ତ ଦସ୍ୟୁଦଳ କ'ଣ ଖାଲି ବର୍ଷ ବର୍ଷ ଧରି ଅଜସ୍ର ଉଦ୍ୟମ କରିଆସୁଛି ?"

—"ଅବସ୍ଥିତି ?"

—"ସେ ତ ହେଲାଣି ପ୍ରାୟ ପଚିଶ ବର୍ଷ ତଳର ଘଟଣା, ଯେତେବେଳେ କି ଅଙ୍ଗଦର ଦଳ ସହିତ ମୋର ସଂଘର୍ଷ ହୋଇଥିଲା । ତାହା ଶୁଣି ରତ୍ନଦ୍ୱୀରେ ନୁହେଁ । ଉପକୂଳଠାରୁ ମାତ୍ର ପାଞ୍ଚ ଛଅ ମାଇଲ ସମୁଦ୍ର ଭିତରେ ଅଙ୍ଗଦ ସହିତ ଆମର ସଂଘର୍ଷ ହୋଇଥିଲା । ତାକୁ ରତ୍ନଦ୍ୱୀପ ପର୍ଯ୍ୟନ୍ତ ଯିବାକୁ ସୁବିଧା ଦେବା ପାଇଁ ସାହସ ନ ଥିଲା ମୋର । କାରଣ ପ୍ରତିମୁହୂର୍ତ୍ତରେ ସେ ହାତଛଡ଼ା ହୋଇଯିବାର ଆଶଙ୍କା ଥିଲା । ସେତେବେଳେ ଯଦି ଏ ନକ୍ସା ମୋ ହାତରେ ପଡ଼ିଥାନ୍ତା, ତେବେ ମୁଁ କଦାପି ତାକୁ ଛୁଟି ଦେଇ ନ ଥାନ୍ତି ।"

—"ଉପକୂଳଠାରୁ ରତ୍ନଦ୍ୱୀପ ଅନ୍ତତଃ କେତେ ମାଇଲ ହୋଇପାରେ ।"

—"ପ୍ରଥମ ଅବସ୍ଥାରେ ମୁଁ ଅନୁମାନ କରିଥିଲି, ହୁଏତ ଦଶ ପନ୍ଦର ମାଇଲ ହୋଇପାରେ । କିନ୍ତୁ ଅଙ୍ଗଦର ଦଳକୁ ଧ୍ୱସ୍ତବିଧ୍ୱସ୍ତ କଲାପରେ ପୋଲିସବାହିନୀ ସାହାଯ୍ୟରେ ମୁଁ ପ୍ରାୟ ପଚିଶ ମାଇଲ ଦୂର ପର୍ଯ୍ୟନ୍ତ ସମୁଦ୍ର ଭିତରେ ତନ୍ନ ତନ୍ନ କରି ଖୋଜିଚି, କିନ୍ତୁ ରତ୍ନଦ୍ୱୀପର ଚିହ୍ନବର୍ଣ୍ଣ ଦେଖିନି । କେତେଦିନ ପର୍ଯ୍ୟନ୍ତ ଏ ଦ୍ୱୀପର ସନ୍ଧାନ ବି ନେଇଛି ନାବିକମାନଙ୍କଠାରୁ । କିନ୍ତୁ ବିଫଳ ହୋଇଛି । ଶେଷକୁ ଏଟା ଗୋଟାଏ ପ୍ରହେଳିକା ଭାବି ଆଉ ସେ ଦିଗରେ ମନ ଦେଇନି, ବିତିଗଲାଣି ପଚିଶ ବର୍ଷ । ପୁଣି ଏ ଘଟଣାର ପୁନରାବୃତ୍ତି

Digitized by PPRACHIN, SOA

ଏବଂ ରତ୍ନଦ୍ୱୀପର ନକସା ଦେଖି ସ୍ପଷ୍ଟ ଯେ ରତ୍ନଦ୍ୱୀପ କଳ୍ପନା ନୁହେଁ ବାସ୍ତବ ଜିନିଷ । ନକସାରୁ ଦେଖି ମୁଁ ଯାହା ଧାରଣା କରୁଛି—ଉପକୂଳଠାରୁ ଦ୍ୱୀପର ଦୂରତା ପଚାଶ ମାଇଲରୁ କିଛି କମ୍ ହେବ ନାହିଁ, ବରଂ ଅଧିକ ହୋଇ-ପାରେ ।"

"ବର୍ତ୍ତମାନ ତେବେ ଆମକୁ କେଉଁ ସୂତ୍ରରୁ ଅନୁସନ୍ଧାନ କରିବାକୁ ହେବ, ସେ କଥା ପୂର୍ବରୁ ସ୍ଥିର କରିବା ଦରକାର—"ପ୍ରତାପବାବୁ କହିଲେ ।

—"ଖାଲି ସେତିକି ବି ନୁହେଁ, ସୁଚିନ୍ତିତ ଯୋଜନା ଏବଂ ଉତ୍ତମ ବ୍ୟବସ୍ଥା ଦରକାର । ଅଙ୍ଗଦ ଖୁବ୍ ମାରାତ୍ମକ ଏବଂ ଦୁର୍ଦ୍ଦାନ୍ତ । ସବୁ କାମ ଯଦି ଗୋପନରେ ହୋଇଥାନ୍ତା ତେବେ କିଛି ଚିନ୍ତା ନ ଥିଲା । କିନ୍ତୁ ତା' ପିଛୁରେ ଯେ ପୋଲିସ ଲାଗିଗଲେଣି ଏ ଖବର ବୁଝିବାରେ ଆଉ କିଛି ବାକି ନାହିଁ ତା'ର । ତେଣୁ ସମ୍ମୁଖ ସମର ପାଇଁ ସେ ସକଳ ଆୟୋଜନ କରିସାରିଥିବ । ଆମର ତତ୍ପରତାରେ ଯେତିକି ବିଳମ୍ବ ହେଉଛି, ତା'ର ସେତିକି ସୁବିଧା ହେଉଛି । ଦୈବାତ୍ ଯଦି ରତ୍ନଦ୍ୱୀପରେ ତା'ର ଆମର ଭେଟ ହୁଏ, ତେବେ ତା'ର ବିଜୟ ସୁନିଶ୍ଚିତ । ସେଠାରୁ ତା' କବଳରୁ ଆମର ମୁକ୍ତି ମଧ୍ୟ ଅସମ୍ଭବ । ମୋର ସେତେଦୂର ଅନୁମାନ ସେ ଅନୁକୂଳ କରିସିବଣି । ତା'ର ଆମର ସାକ୍ଷାତ ହେବ ସେଇଠି – ରହସ୍ୟାବୃତ-ରତ୍ନଦ୍ୱୀପରେ ।"

"କୁହନ୍ତୁ ତେବେ ଆମର କ'ଣ ବ୍ୟବସ୍ଥା କରିବା"—ଅଗ୍ରହୀ ହୋଇ ପଚାରିଲେ ପ୍ରତାପବାବୁ ।

ରୂପନାରାୟଣବାବୁ କହିଲେ—"ଆୟୋଜନର ବ୍ୟବସ୍ଥା ସମ୍ପର୍କରେ ଚିଠା ମୁଁ କରିସାରିଛି । ଖାଲି ଯୋଡ଼ାଏ ଜିନିଷ ଆମକୁ ପାଖକୁ ଆଣିବାକୁ ହେବ । ସେ ହେଉଛି ମହାପରାକ୍ରମଶାଳୀ ଚାରକନ୍ ଆଉ ତାର ସାଥୀ ସୁଲତାନ୍ । ସେ ଦୁଇଟିର ଅଭାବରେ ଆମେ ହୁଏତ ରତ୍ନଦ୍ୱୀପରେ ଅଙ୍ଗଦର ସମ୍ମୁଖୀନ ହେବାକୁ ସକ୍ଷମ ହୋଇପାରିବା ନାହିଁ ।"

ଅଦ୍ଭୁତ ନା ଦୁଇଟା ଶୁଣି ନ ଥିଲେ କେବେ ପ୍ରତାପବାବୁ । ସେ ବିସ୍ମିତ ହୋଇ ପଚାରିଲେ—"ଚାରକନ୍ ଆଉ ସୁଲତାନ ! କି ଜିନିଷ ସେ ?"

Digitized by PPRACHIN, SOA

ଜନୟବାବୁ ମଧ୍ୟ ଚିତ୍ତୁ ନାଁ ଦୁଇଟି ଶୁଣି ବିସ୍ମୟଭରା ଦୃଷ୍ଟିରେ ଚାହିଁ ରହିଲେ ରୂପନାରାୟଣବାବୁଙ୍କ ଆଡ଼େ ।

ରୂପନାରାୟଣବାବୁ ଚେୟାର ଉପରେ ସଜାଡ଼ି ହୋଇ ବସି କହିଲେ— "ତାରଜନ୍, ଆଉ ସୁଲତାନ୍, ଏ ଦୁହେଁ ହେଲେ ଏ ଯୁଗର ଆଶ୍ଚର୍ଯ୍ୟ । ଏଥିରୁ ପ୍ରଥମଟି ହେଉଛି ମନୁଷ୍ୟର ଆଉ ଦ୍ୱିତୀୟଟି ହେଉଛି ପଶୁ—ଗୋଟିଏ ଗ୍ରୀଷଣକାୟ ଗରିଲା । ତାରଜନ୍, ଦକ୍ଷିଣେଶ୍ୱରତର ଜବଡ଼ ପାର୍ବତ୍ୟ ଅରଣ୍ୟ ମଧ୍ୟରେ ସୁଲତାନ୍ ଦ୍ୱାରା ପାଳିତ । ପରାକ୍ରମ ତା'ର ଗୋଟାଏ ଗରିଲା ପରି । ନୁଛ ବାଘ ସହିତ ସମ୍ମୁଖ ଯୁଦ୍ଧ କରିବାର ସାହସ ମଧ୍ୟ ତା'ର ଅଛି । ଗରିଲା ସୁଲତାନ୍ ହିଁ ତା'ର ମାତା,ପିତା, ବନ୍ଧୁ, ଗୁରୁ—ସବୁ କିଛି । ତାରଜନ୍ ସେ ଗରିଲାର କଥା ବୁଝେ । ଗରିଲା ପରି ସେ ଡେଇଁପାରେ ଗଛଚଢ଼ିପାରେ, ଯୁଦ୍ଧ ମଧ୍ୟ କରିପାରେ । ଏକା ତାରଜନ୍ ସହିତ ଯୁଦ୍ଧ କରିବା ଅଙ୍ଗର ପରି ସାମର୍ଥଶାଳୀ ଦସ୍ୟୁ ପକ୍ଷରେ ମଧ୍ୟ ଅସମ୍ଭବ । ଆମେ ବଡ଼ ଆକସ୍ମିକଭାବରେ ତାର ସାକ୍ଷାତ ପାଇଥିଲୁ ଏବଂ ତାହାର ଉପକୃତ ମଧ୍ୟ ହୋଇଥିଲୁ । ସେ ବର୍ତ୍ତମାନ ଆମ ରାଜାସାହେବଙ୍କ ଅତିଥିଭାବରେ ଅଛି । ଅଗ୍ନେୟାସ୍ତ୍ର ଚାଳନାରେ ମଧ୍ୟ ଅଦ୍ୱିତୀୟ । ଗରିଲା ସୁଲତାନ୍ ମଧ୍ୟ ତା ସାଥିରେ ଅଛି । ରାଜାସାହେବଙ୍କୁ ଅନୁରୋଧ କରି ତାରଜନ୍କୁ ମୁଁ ସାଥିରେ ଆଣିବି ନିଶ୍ଚୟ । ତାରଜନ୍କୁ ଆମେ କିପରି ପାଇଲୁ ଏବଂ ତାର ପରିଚୟ କ'ଣ, ସେ କଥା ମୁଁ ଆପଣଙ୍କୁ ଅନ୍ୟ ସମୟରେ ଶୁଣାଇବି ।"

—"ଆପଣ କ'ଣ କାଲି ଚାଲି ଯିବେ ?

—"ଆଉ ରହିବାରେ ଲାଭ କ'ଣ ? ଆପଣ ଆୟୋଜନରେ ଲାଗିପଡ଼ନ୍ତୁ । ବଡ଼ ବଡ଼ ଲଞ୍ଚ୍; ବୋଟ ଢଆଣ କମ୍ପାନୀରୁ ଖବର ନିଅନ୍ତୁ ଯା' ମଧ୍ୟରେ କଏ କି ପ୍ରକାରର ଲଞ୍ଚ ବା ବୋଟ କେତେଟା ନେଇଛୁ ଏବଂ କେଉଁଠାରେ ତାହା ଡେଲିଭରି ଦିଆଯାଉଛି । ମୁଁ ତାରଜନ୍ ସହିତ ଠିକ୍ ଦୁଇ ଦିନ ପରେ ଆସି ପହଞ୍ଚିବି ।"

ପ୍ରତାପବାବୁ ସମ୍ମତି ଜଣାଇଲେ ।

Digitized by PPRACHIN, SOA

ରଜସ୍ବବାବୁ ହାତ ଘଣ୍ଟାକୁ ଚାହିଁ ବ୍ୟସ୍ତ ହୋଇ କହିଲେ—"ମିଷ୍ଟର ବ୍ରାଉନଙ୍କ କୋଠିକୁ ଯିବାର ସମୟ ହୋଇଯାଇଛି ।"

ସମସ୍ତେ ତରତର ହୋଇ ଉଠିଲେ ।

ପାଞ୍ଚ

ବୁଦ୍ଧିମାନ ଲୋକ ସତର୍କତା ସହିତ କାମ କଲେ ସୁଦ୍ଧା ତା'ର ସମ୍ଭାବନା ବାହାରେ ଏପରି ସାମାନ୍ୟ ତ୍ରୁଟି ଟିକଏ ରହିଯାଏ, ଯେଉଁଟା କି ତା'ର ଭବିଷ୍ୟତ ପତନର କାରଣରୂପେ ଠିଆ ହୁଏ । ଦୁର୍ଦ୍ଦାନ୍ତ ଦସ୍ୟୁ ଅଙ୍ଗଦ ସିଂ ପକ୍ଷରେ ତାହାହିଁ ହୋଇଥିଲା ।

ମିଷ୍ଟର ବ୍ରାଉନଙ୍କ ଛଦ୍ମବେଶରେ ପୋଲିସ କମିଶନର ସାଜି ସେ ଯେଉଁ ଦୁଃସାହସିକ ପଦକ୍ଷେପ ନେଇଥିଲା ସେଥିରେ ସଫଳତା ଲାଭ କରିବା ଦ୍ୱାରା ତା'ର ସାହସ ଖୁବ୍ ବଢ଼ିଗଲା । ତା'ଛଡ଼ା ତା'ର ବହୁଦିନର ଅଭିଳଷିତ ବସ୍ତୁ ଥିଲା ରତ୍ନଦ୍ୱୀପର ନକ୍ସାଖଣ୍ଡି । ଦୀର୍ଘକାଳ ଧରି ବହୁ ଅନୁସନ୍ଧାନ ପରେ ସୁଦ୍ଧା ତାହା ନ ପାଇ ତା' ଉପରୁ ସବୁ ଆଶାଭରସା ସେ ତୁଟାଇ ଦେଇଥିଲା । ମାତ୍ର ଆକସ୍ମିକ ଭାବରେ ସେ ଖଣ୍ଡି ଲାଭ କରିବା ଦ୍ୱାରା ତା'ର ମନ ଏତେ ଆନନ୍ଦୋତ୍ଫୁଲ୍ଲ ହୋଇଉଠିଲା ଯେ ଆଉ ସବୁ କାମଗୁଡ଼ାକୁ ସେ ଅତି ସହଜସାଧ୍ୟ ଏବଂ ସାମାନ୍ୟ ବୋଲି ମନେକଲା ।

ଅଙ୍ଗଦ ସିଂ ନିଜକୁ ଟିକଏ ସ୍ଥିତି ଭିତରକୁ ନେଇଆସିଲା ପରେ ମାର୍କାମରା ଦୁର୍ଦ୍ଦାନ୍ତ ଦସ୍ୟୁ କେତେଜଣଙ୍କୁ ନେଇ ଦଳ ସଙ୍ଗଠନ କରିନେଲା । ତା'ପରେ ସେମାନଙ୍କ ଦ୍ୱାରା ନାଥୁରାମ୍ବର ତଲାସ କଲା । କେତେକ ଗ୍ରେଟ ବଡ଼ ଡକାୟତି କରି କିଛି ପାଣ୍ଠି ମଧ୍ୟ ସଂଗ୍ରହ କରିପାରିଲା । ଶେଷ ଆଡ଼କୁ ତା'ର କପାଳରେ ସୌଭାଗ୍ୟରବି ଉଦୟ ହେଲେ । ରତ୍ନଦ୍ୱୀପର ନକ୍ସଟା ଅତି ସହଜରେ ତା ହାତରେ ପଡ଼ିଲା । ଏଣିକି ତା'ର ଉଦ୍ଦେଶ୍ୟ ହେଲା—କିପରି ରତ୍ନଦ୍ୱୀପର ଅସରନ୍ତି ରତ୍ନଭଣ୍ଡାର ଅଧିକାର କରି ତା'ର ମାଲିକ ହେବ ।

Digitized by PPRACHIN, SOA

ଚନ୍ଦ୍ରଦ୍ୱୀପର ନକ୍ସାଖଣ୍ଡ ହାତଛଡ଼ା ହେଲାପରେ ତାକୁ ଖୋଜିବାପାଇଁ ପୋଲିସ ନିକଟରେ ଯେ ଆଉ କିଛି ସୂତ୍ର ରହିବ ନାହିଁ ଏଥିରେ ସେ ଦୃଢ଼ନିଶ୍ଚିତ ଥିଲା । ସେ ଭାବିଥିଲା ଯେ ନକ୍ସାଟା ଖୋଜିବାପାଇଁ ପୋଲିସ ପକ୍ଷରୁ ନିଶ୍ଚିତ ସମଗ୍ର ଭାରତରେ ଖୁବ୍ ଖୋଜ ତଲାସ ହେବ । କିନ୍ତୁ ସେ ଯଦି ସେହି ସମୟ ମଧ୍ୟରେ ଭାରତ ତ୍ୟାଗ କରି ସମୁଦ୍ରର ଆଶ୍ରୟ ନିଏ, ତେବେ ତା'ର କେହି କିଛି କରିପାରିବେ ନାହିଁ । କାରଣ ତାକୁ ଖୋଜିଲା ପରି କୌଣସି ସୂତ୍ର ବା ଗନ୍ତା-ଘାଟର ବିବରଣୀ ପୋଲିସ ପାଖରେ ନାହିଁ । ମାତ୍ର ପୋଲିସ ଯେ ନାଥୁରାମର ଡାଏରୀରୁ ଚନ୍ଦ୍ରଦ୍ୱୀପ ସମ୍ପର୍କରେ ବିଶେଷ ବିବରଣୀ ସଂଗ୍ରହ କରିପାରିଛି ଏବଂ ଚନ୍ଦ୍ର-ଦ୍ୱୀପର ନକ୍ସାର ଅବିକଳ ଫଟୋ ନକଲ ରଖିପାରିଛି, ଏକଥା ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା । ସ୍ଥଳ ଅପେକ୍ଷା ଜଳଭାଗ ହିଁ ତା ପକ୍ଷରେ ସଂପୂର୍ଣ୍ଣ ନିରାପଦ ବୋଲି ସେ ଧରିନେଇଥିଲା ଏବଂ ନିଜର ଦଳ ସାହାଯ୍ୟରେ ଖୁବ୍ ଶୀଘ୍ର ସ୍ଥଳଭାଗ ପରିତ୍ୟାଗ କରିବାରେ ତତ୍ପର ହୋଇପଡ଼ିଲା ।

ଧୂର୍ତ୍ତଶିରୋମଣି ଅଙ୍ଗଦ ସିଂ ଗୋଟାଏ ବର୍ମିନ ବାଣିଜ୍ୟ କମ୍ପାନୀର ଜାଲ ମ୍ୟାନେଜରଭାବରେ ବମ୍ବେ ସହରରେ ଯାଇ ପହଞ୍ଚିଗଲା । ସେଠାରେ ନିଜ ଦଳ ଲୋକଙ୍କ ସହାୟତାରେ ଗୋଟାଏ ବିଦେଶୀ ବୋଟ କମ୍ପାନୀ ସହିତ କଥାବାର୍ତ୍ତା କରି ସେଠାରୁ ଚଢ଼ା ଦରରେ ଛନୋଟି ଶକ୍ତିଶାଳୀ ମଟରଲଞ୍ଚ୍ ନଗଦ ଟଙ୍କାଦେଇ ଖରିଦ କରିନେଲା । ଏଇ ଲଞ୍ଚ ଗୁଡ଼ିକୁ ସ୍ଥଳପଥରେ ସ୍ଥାନାନ୍ତରିତ କରିବା ବିପଦ-ଜନକ । ତେଣୁ ଜଳପଥରେ ସେଗୁଡ଼ିକୁ ମାନ୍ଦ୍ରାଜ ବନ୍ଦରରେ ପହଞ୍ଚାଇଦେବାକୁ ବୋଟ କମ୍ପାନୀ ସହିତ ଚୁକ୍ତି କଲା ଏବଂ ନାବିକମାନଙ୍କ ଜିମାରେ ଲଞ୍ଚ୍ ଛନୋଟିକୁ ଜଳପଥରେ ଛାଡ଼ି ଦେଇ ନିଜେ ସ୍ଥଳପଥରେ ଦଳ ସଙ୍ଗଠନ କରିବାରେ ଲାଗିପଡ଼ିଲା ।

ନାବିକମାନେ ଯଥାସମୟରେ ଲଞ୍ଚ୍ ଛନୋଟି ସହ ମାନ୍ଦ୍ରାଜ ହାରବରରେ ପହଞ୍ଚିଗଲେ । ସେଠି ଲୋକବାକ ସହ ଯାତ୍ରା କଲେ କାଳେ କେହି ସନ୍ଦେହ କରିବ ବା ଅନୁସରଣ କରିବ, ଏପରି ଆଶଙ୍କା ଥିଲା ଅଙ୍ଗଦ ମନରେ । ତେଣୁ ହାରବର ବାହାରେ ଲଞ୍ଚ ଛନୋଟିକୁ ପୁଣି ଯୋଡ଼ାଏ ଦିନ ଅଟକାଇ ରଖି ପରବର୍ତ୍ତୀ ଘଟଣା କଣ ଘଟିବାକୁ ଯାଉଛି ତାହା ପର୍ଯ୍ୟବେକ୍ଷଣ କରିବାରେ ଲାଗିଗଲା ।

Digitized by PPRACHIN, SOA

ଏଣୁ ସମସ୍ତ ମଧ୍ୟରେ ଅବଶ୍ୟ ତା'ର ପର୍ଯ୍ୟବେକ୍ଷଣରେ ସନ୍ଦେହଜନକ କିଛି ଦେଖିପାରିଲା ନାହିଁ । ଏଣେ ସମୁଦାୟ ଦଳଟା ମାଡ୍ରାଜଠାରେ ଏକତ୍ରିତ ହୋଇଗଲେଣି । ଅଧିକ ଦିନ ଗୋଟାଏ ସ୍ଥାନରେ ଏପରି ରହିଥିଲେ ସନ୍ଦେହ କରିବା ଯେକୌଣସି ବ୍ୟକ୍ତି ପକ୍ଷରେ ସ୍ୱାଭାବିକ; ତେଣୁ ମାଡ୍ରାଜରେ ସମସ୍ତଙ୍କର ସନ୍ଦେହଭାଜନ ହେବା ଅପେକ୍ଷା ସେ ଦଳର ସମସ୍ତଙ୍କୁ ଛୋଟ ଛୋଟ ଦଳରେ ଭାଗ କରିଦେଇ ପାରାଦ୍ୱୀପ ବନ୍ଦର ଅଞ୍ଚଳକୁ ପଠାଇଦେଲା ।

ପାରାଦ୍ୱୀପଟି ଥିଲା ତା' ପକ୍ଷରେ ସ୍ଥଳପଥ ପରିତ୍ୟାଗ କରିବା ପାଇଁ ପ୍ରକୃଷ୍ଟ ସ୍ଥାନ । ସେଠାରେ ବନ୍ଦର ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟାନ୍ୟ ସ୍ଥାନ ନିର୍ଜନ ବାଲୁକାପ୍ରାନ୍ତର, ଝାଉଁ ଜଙ୍ଗଲ ଏବଂ ଝାଡ଼ିବୁଦାରେ ପରିପୂର୍ଣ୍ଣ । ସେଠାରେ ଆତ୍ମଗୋପନ କରିବାରେ ଯେପରି ସୁବିଧା, ସେପରି ଅନ୍ୟତ୍ର ନାହିଁ । ସେଠାରେ ମଧ୍ୟ ଲୋକଚଳାଚଳ ବା ସାମୁଦ୍ରିକ ଯାଞ୍ଚ କଟକଣା ପ୍ରଭୃତି ବ୍ୟବସ୍ଥା ସେତେ କଡ଼ା ନୁହେଁ । ଏହିସବୁ ସୁବିଧାଜନକ କାରଣରୁ ନିଭୃତ ଝାଟିଭିତରେ କେତୋଟି ଛୋଟ ଛୋଟ ତମ୍ବୁ ଟାଣି ଅଙ୍ଗଦ ତା'ର ଦଳବଳ ସହ ରହିଲା । ଅନ୍ତତଃ କିଛିଦିନ ପାଇଁ ଖାଦ୍ୟାଦି ସଂଗ୍ରହ କରିବାପାଇଁ ତାକୁ ଦିନେ ଖଣ୍ଡେ ଅପେକ୍ଷା କରିବାକୁ ହେବ । ଏଣେ ବୋଟ୍ କମ୍ପାନୀରୁ ଆସିଥିବା ନାବିକ କେତେଜଣ ବ୍ୟସ୍ତହୋଇ ଉଠିଲେଣି । ସେମାନେ କେବଳ ବମ୍ବେରୁ ମାଡ୍ରାଜ ପର୍ଯ୍ୟନ୍ତ ଆସିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କଠାରୁ ନିର୍ଦ୍ଦେଶ ପାଇଥିଲେ । ମାତ୍ର ଅଙ୍ଗଦ ବାଧ୍ୟବାଧକତା କରି ପାରାଦ୍ୱୀପ ପର୍ଯ୍ୟନ୍ତ ଅଣାଇଲାଣି । ତଥାପି ଛାଡ଼ିବାକୁ ନାରାଜ । ତା'ର ଉଦ୍ଦେଶ୍ୟ ଯେ କଣ ସେକଥା ସେମାନେ ବୁଝିପାରୁନାହାନ୍ତି ।

ଅଙ୍ଗଦର ମତଲବ ଥିଲା ଭିନ୍ନ ପ୍ରକାରର । ନାବିକମାନଙ୍କୁ ରଖିବା ତା'ର ଉଦ୍ଦେଶ ନ ଥିଲା । କାରଣ ତା ଦଳରେ କେତେଜଣ ସୁଦକ୍ଷ ନାବିକ ଥିଲେ । ସେ ନିଜେ ଜଣେ ଭଲ ନାବିକ ମଧ୍ୟ । ସେ ଭଲଭାବରେ ଜାଣିଥିଲା ଯେ ଏମାନଙ୍କୁ ମୁକ୍ତ ଦେଲେ ଏମାନେ ସିଧା ଜାହାଜ କମ୍ପାନୀରେ ପହଞ୍ଚିବେ । ପୋଲିସ ପକ୍ଷରୁ ଦୈବାତ୍ ଯଦି ଖୋଜ ତଲାସ ହୁଏ, ତେବେ ଏମାନେ ସବୁ ଖବର ଜଣାଇଦେବେ ଏଇ ନାବିକ କେତେଜଣ ପ୍ରାୟ ସପ୍ତାହେ କାଳ ରହିଲେଣି ଅଙ୍ଗଦର ଦଳ ସହିତ । କଥାବାର୍ତ୍ତା, ଢଙ୍ଗଢାଙ୍ଗ ଏବଂ ଆୟୋଜନରୁ ସେମାନେ ଯେ ଏମାନଙ୍କର ଉଦ୍ଦେଶ୍ୟ

Digitized by PPRACHIN, SOA

ନ ଜାଣିବେ ତାହା ନୁହେଁ । ହଠାତ୍ ସେମାନେ ଯଦି ସବୁ କଥା ପ୍ରକାଶ କରି-ଦିଅନ୍ତି ତେବେ ସର୍ବନାଶ ! ସେଥିପାଇଁ ଅଙ୍ଗଦ ଚାହୁଁଥିଲା ଠିକ୍ ବଳିଦ୍ୱୀପକୁ ଯାତ୍ରା କରିବା ମୁହୂର୍ତ୍ତରେ ସେମାନଙ୍କୁ ଯଥେଷ୍ଟ ପୁରସ୍କାର ସହ ବିଦାୟ ଦେଇଦେବାକୁ; ମାତ୍ର ଦଳର ଅନ୍ୟ କେତେଜଣ ଏଥିରେ ସମ୍ମତ ନ ଥିଲେ । ସେମାନେ ଚାହିଁଥିଲେ—ସମୁଦ୍ର ମଝିରେ ଏ ତିନିଜଣଙ୍କୁ ଜଳସମାଧି ଦେଇ ସବୁପ୍ରକାର ସାକ୍ଷୀ ପ୍ରମାଣ ନଷ୍ଟ କରିଦେବାକୁ । ନାବିକମାନେ ସେମାନଙ୍କର ଉଦ୍ଦେଶ୍ୟ ଭଲ ନୁହେଁ ଜାଣି ଗୁପ୍ତରେ କିପରି ଖସି ପଳାଇବେ ତା'ର ଉପାୟ ଖୋଜୁଥାନ୍ତି । ମାତ୍ର ଖସି ପଳାଇବା ପଥରେ ସେମାନଙ୍କର କେତୋଟି ଅନ୍ତରାୟ ଥିଲା । ପ୍ରଥମ ହେଲା, ସେ ତିନିଜଣ ଥିଲେ ବିଦେଶୀ ଲୋକ, ଶ୍ୱେତାଙ୍ଗ । ଭାରତୀୟମାନଙ୍କ ମଧ୍ୟରେ ଯେଉଁଠି ରହିଲେ ସୁଦ୍ଧା ସହଜରେ ବାରିହୋଇଯିବେ । ମୁକ୍ତ ହେଲେ ମଧ୍ୟ ବମ୍ବେ ପର୍ଯ୍ୟନ୍ତ ଯିବାପାଇଁ ସେମାନଙ୍କ ନିକଟରେ ପାଥେୟ ନାହିଁ । ପାଖ ଆଖରେ କୌଣସି ଜାହାଜ ଥିଲେ ସେଥିଲେ ଥିବା ନାବିକମାନଙ୍କର ସହାୟତା ନେଇହୁଅନ୍ତା, ମାତ୍ର ସେ ସୁଯୋଗ ବି ଜୁଟୁନ ।

ଯେଉଁଆଡ଼େ ଚାହିଁଲେ ଖାଲି ସମୁଦ୍ର । ଗୋଟାଏ ପଟରେ ପାରାଦ୍ୱୀପ ବନ୍ଦର ପ୍ରାୟ ଦୁଇମାଇଲରୁ ଊର୍ଦ୍ଧ୍ୱରେ । ସେଠାକୁ ଯିବାର ବା ଖବର ଦେବାର ଉପାୟ ନାହିଁ । ଅନ୍ୟ ପଟରେ ନିବିଡ଼ ଝାଟି ଜଙ୍ଗଲ । ସେଥିରେ ଦସ୍ୟୁ ଦଳଟା ଆତ୍ମଗୋପନ କରି ରହିଛି । ସେ ବାଟରେ ମଧ୍ୟ ପଳାଇବାର ଉପାୟ ନାହିଁ । ତଳେ ଅଶାନ୍ତ ସମୁଦ୍ର । ସବୁବେଳେ ପର୍ବତାକାରର ଢେଉଗୁଡ଼ା ବାଡ଼େଇପିଟି ହୋଇ ଲଞ୍ଚ ଡଙ୍ଗାଟିକୁ ଉଦ୍‌ବେଳିତ କରୁଛି । ରାତିରେ ଦୂରରେ ବତୀଘରର ଆଲୋକ କେବଳ ସତର୍କ ସମୁଦ୍ର ପ୍ରହରୀ ପରି ଦେଖାଯାଏ । ନ ହେଲେ ଆଉ ସବୁ ପଟ ନିର୍ଜନ, ଶୂନ୍‌ଶାନ ।

ଦିନରେ କେତେଖଣ୍ଡ ନୌକାରେ ସ୍ଥାନୀୟ ଗ୍ରାମରୁ ମାଛଧରାଳିମାନେ ଯାଆନ୍ତି ସମୁଦ୍ର ଭିତରକୁ ମାଛ ମାରି । ସେମାନଙ୍କ ସହିତ ନାବିକମାନଙ୍କର ସାକ୍ଷାତ ହୁଏ; ମାତ୍ର ନାବିକମାନଙ୍କର ଭାଷା ସେମାନେ ବୁଝନ୍ତି ନାହିଁ କି ଇଙ୍ଗିତ ଉପଲବ୍ଧି କରନ୍ତି ନାହିଁ । ଅଧିକନ୍ତୁ ସରକାରୀ ଲୋକ ମନେକରି ଲଞ୍ଚ୍ ନିକଟରୁ ଦୂରେଇ ରହନ୍ତି । ଏହିପରି ମର୍ମଦାହ ମଧ୍ୟରେ ଲଞ୍ଚ୍ ଡଙ୍ଗାଟିର ନାବିକମାନେ ନିର୍ବାସିତ ହୋଇ ରହିଥାନ୍ତି ସମୁଦ୍ର ମଝିରେ ।

Digitized by PPRACHIN, SOA

ଲଞ୍ଚ୍ ଧର୍ମଗୁଣ୍ଡଙ୍କ ବିଷୟରେ ମାଛଧରାଳିମାନଙ୍କ ମନରେ ଗୋଟାଏ ସନ୍ଦେହଜନକ କିମ୍ଭୂତ ଧାରଣା ହୋଇଯାଇଥାଏ । ମାଛ ଧରସାର ଅସି ହେମନଙ୍କ ଆଖଡ଼ାଘରେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ସେ ନାବିକମାନଙ୍କ କେନ୍ଦ୍ର ମଧ୍ୟ ଆଲୋଚନା ହୁଏ । କିଏ କେଉଁ ପ୍ରକାର ମତ ମନ୍ତବ୍ୟ ବ୍ୟକ୍ତ କରନ୍ତି ସେମାନଙ୍କ ବିଷୟରେ । ଏହିପରି କେତୋଟି ଦିନ ବେଶ୍ ଦୋଦୁଲ୍ୟମାନ ଅବସ୍ଥାରେ କଟିଗଲା । ଏଣେ ଖୁବ୍ ଶୀଘ୍ର ଯାହା ଆୟୋଜନରେ ଅଙ୍ଗଦ ସିଂ ମଧ୍ୟ ବିଶେଷ ଉଦ୍ୟମରେ ଲାଗିଗଲା ।

କିନ୍ତୁ ଶିକାରୀ ଅଙ୍ଗଦ ସିଂଙ୍କୁ କାଳ ଛଞ୍ଚାଣ ପରି ପ୍ରଦୀପବାବୁ ଏବଂ ରୂପନାରାୟଣବାବୁ ଯେ ଝାମ୍ପି ଆସିଲେଣି ସେକଥା ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରିଲା ନାହିଁ ।

× × ×

ପ୍ରଦୀପବାବୁ ମଧ୍ୟ ନିଜ ଆଡ଼ୁ, ଯେପରି ସାମାନ୍ୟ ମାତ୍ର ତ୍ରୁଟି ନ ହୁଏ ସେଥିପ୍ରତି ସଜାଗ ଥିଲେ । ସେ ରୂପନାରାୟଣବାବୁଙ୍କ ପରାମର୍ଶରେ ଅତି ଶୀଘ୍ର ସବୁ ଜିଲ୍ଲାର ପୋଲିସ ହେଡ଼୍‌କ୍ୱାର୍ଟର୍ସ, ବନ୍ଦର ଅଫିସ ଗୁଡ଼ିକୁ ଖବର ଜଣାଇଦେଇଥିଲେ —ଏପରି କୌଣସି ଅନାମଧେୟ କମ୍ପାନୀର ବୋଟ୍, ଲଞ୍ଚ୍ ବା ଜାହାଜ ବନ୍ଦର ସୀମାକୁ ଆସିଲେ ତାଙ୍କୁ ତତ୍‌କ୍ଷଣାତ୍ ଜଣାଇଦେବାପାଇଁ ।

ଏତକ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ବଡ଼ ବଡ଼ ସହରର ବୋଟ୍ କମ୍ପାନୀଗୁଡ଼ିକରୁ ଖବର ନେବାରେ ଲାଗିଲେ । ଏହି ଅଳ୍ପ ଦିନ ମଧ୍ୟରେ କେଉଁ ବୋଟ୍ ବା ଲଞ୍ଚ୍ କେତୋଟା ନୂଆ କରିଛନ୍ତି ଏବଂ ତାହା ଡେଲିଭରି ଦିଆଯାଇଛି କେଉଁଠାରେ ?

ଓ୍ୱାରଲେସ ପ୍ରସ୍ତୁତ ଏଇ ଜରୁରୀବାର୍ତ୍ତାଟି ସମଗ୍ର ଭାରତର ପୋଲିସ ହେଡ଼୍‌କ୍ୱାର୍ଟର୍ସ ଏବଂ ବନ୍ଦର କର୍ତ୍ତୃପକ୍ଷଙ୍କୁ ସଜାଗ ସତର୍କ କରିଦେଇଥିଲା । ପୋଲିସ ଗୁଇନ୍ଦାଦଳ ଯେତେକ ବଡ଼ ସାନ ବୋଟ୍ ଲଞ୍ଚ୍ ବିକ୍ରେତା ଅଛନ୍ତି, ସମସ୍ତଙ୍କ ସହିତ ଯୋଗାଯୋଗ ରଖି ଏଇ ମାସକ ଭିତରେ କିଏ କି ପ୍ରକାର ବୋଟ୍ ବା ଲଞ୍ଚ୍ କିଣିଛନ୍ତି ତା'ର ଏକ ତାଲିକା ପଠାଇଦେଲେ ଓଡ଼ିଶା ପୋଲିସ ହେଡ଼୍‌କ୍ୱାର୍ଟର୍ସକୁ ।

[illegible]ନୁ: ତାରେଙ୍କନ

Digitized by PPRACHIN, SOA

ପ୍ରଦୀପବାବୁ ପୋଲିସ ହେଡ଼କ୍ୱାର୍ଟର୍ସରେ ପ୍ରତ୍ୟେକର ଫାଇଲ୍‌ଟି ତନ୍ନ ତନ୍ନ କରି ପରୀକ୍ଷା କରିନେଲେ । ଯେଉଁ କେତୋଟି ଲଞ୍ଚ ବୋଟ୍ ନମ୍ବର ଉପରେ ତାଙ୍କର ସନ୍ଦେହ ହେଲା ସେସବୁ ସେପରି ଗୁରୁତ୍ୱ ପୂର୍ଣ୍ଣ ନୁହେଁ । ସେଗୁଡ଼ିକ ପୁଣି ବଡ଼ ବଡ଼ ଜାହାଜ କମ୍ପାନୀର ମାମଲା । ସେପରି ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଯେ ଗୋଟାଏ ଦସ୍ୟୁ ସହିତ ସଂଯୁକ୍ତ ଥିବେ, ଏହା ଅସ୍ୱାଭାବିକ ବୋଧହେଲା ତାଙ୍କୁ । ତେଣୁ ସେ ବାଟରେ ମୁଣ୍ଡ ଖେଳାଇବାରୁ ନିରସ୍ତ ହେଲେ ସେ । କିନ୍ତୁ ଘୋର ସନ୍ଦେହ ତାଙ୍କର ମନରେ ଆଣିଦେଲା ବର୍ମା ଟ୍ରେଡ଼ିଂ କମ୍ପାନୀର ଛଅଟା ମଟର ଲଞ୍ଚ୍ କିଣା ବ୍ୟାପାର ।

ତାଙ୍କ ମନରେ ପ୍ରଥମ ସନ୍ଦେହର ସୂତ୍ରପାତ କରାଇଲେ ବ୍ରଜସୁବାବୁ । ନ ହେଲେ ସେ ତ ପ୍ରାୟ ଖାଲି ନାମଟାକୁ ଚାହିଁଦେଇ ଛାଡ଼ିଯାଉଥିଲେ । କିନ୍ତୁ ବ୍ରଜସୁବାବୁ ସେଇ ନାମଟାକୁ ଅଣ୍ଡରଲାଇନ୍ କରି ପ୍ରଦୀପବାବୁଙ୍କୁ କହିଲେ—"ଦେଖନ୍ତୁ ସାର୍ ଏଇଟା, ଛଅ’ର କିଣା ମାତ୍ର ତ ଘୋର ସନ୍ଦେହଜନକ ।

ପ୍ରଦୀପବାବୁ ପ୍ରଥମେ କିଛି ବୁଝି ନ ପାରି ପ୍ରଶ୍ନବାଚକ ଦୃଷ୍ଟିରେ ଚାହିଁଲେ ବ୍ରଜସୁବାବୁଙ୍କ ଆଡ଼େ ।

ବ୍ରଜସୁବାବୁ ପିଲାଙ୍କୁ ମାଷ୍ଟର ବୁଝାଇଲା ପରି ପ୍ରଦୀପବାବୁଙ୍କୁ ବୁଝାଇଲେ —"ଏଇ ଦେଖନ୍ତୁ ଏଇ ଲଞ୍ଚ୍ କମ୍ପାନୀଟା ବର୍ମାର । ବର୍ମାର ତ ବଡ଼ ବଡ଼ ଜାହାଜ, ଲଞ୍ଚ୍, ବୋଟ୍ କମ୍ପାନୀରର ଅଭାବ ନାହିଁ । ଏଗୁଡ଼ିକ ସେଠାରୁ କିଣା ନ ଯାଇ ଏଠାରୁ କିଣାଯିବାର ଅର୍ଥ ?"

"ହୁଏତ ଆଜେନ୍ସିକ ଦରକାର ପଡ଼ିପାରେ"—ପ୍ରଦୀପବାବୁ ଉତ୍ତର ଦେଲେ ।

—"ହଁ, ତା ମୁଁ ମାନୁଛି । ତେବେ ବର୍ମାର କମ୍ପାନୀ ଭାରତରୁ ଲଞ୍ଚ୍ କିଣି ତା'ର ମୂଲ୍ୟ ବାବଦକୁ ଭାରତୀୟ ଟଙ୍କା ନଗଦ ପଇଠ କରିଛି । ଏ ଟଙ୍କାଟା ତ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ବର୍ମାରେ ଡିପୋଜିଟ୍ ହୋଇ ଭାରତରୁ ଡ୍ର ହୋଇଥାନ୍ତା, କିମ୍ବା ବଡ଼ କମ୍ପାନୀ ହୋଇଥିଲେ ସେଠା ବ୍ୟାଙ୍କରେ ପୂର୍ବରୁ ଜମାଥିବା ଏକାଉଣ୍ଟରୁ ଏଠାରେ ଡ୍ର ହୋଇଥାନ୍ତା, କିନ୍ତୁ ଏଠାରେ ସେ ସବୁର ବ୍ୟତିକ୍ରମ ଦେଖିବାକୁ ମିଳୁଛି ।"

Digitized by PPRACHIN, SOA

ପ୍ରଦୀପବାବୁ କଥା ଟା ଏତେବେଳେକେ କିଛି କିଛି ହୃଦ୍‌ବୋଧ କଲେ । ତାଙ୍କ ମନରେ ସନ୍ଦେହ ଉଙ୍କି ମାରିଲା । ସେ କାଗଜଟା ଉପରେ ଦୃଷ୍ଟି ରଖି ବେଶ ଗମ୍ଭୀର ସ୍ୱରରେ କହିଲେ —'ହୁଁ' ଠିକ୍ କଥା ତ !

" ଅଦ୍ଭୁତ ମଜାର କଥା ହେଉଛି, ଲଞ୍ଚ କିଣିବା ସଙ୍ଗେ ସଙ୍ଗେ ଲଞ୍ଚ କମ୍ପାନୀରୁ କେତେଜଣ ନାବିକ ମଧ୍ୟ ଦିଆଯାଇଛି । ସେମାନଙ୍କର ଦରମା ଇତ୍ୟାଦି କମ୍ପାନୀରେ ନଗଦ ଦାଖଲ କରାଯାଇଛି ଏବଂ ମାନ୍ଦ୍ରାଜ ବନ୍ଦରରେ ଲଞ୍ଚ ପହଞ୍ଚାଇ ଦେବାପାଇଁ ଆଦେଶ ଦିଆଯାଇଛି ବର୍ମା ଟ୍ରେଡ଼ିଂ କମ୍ପାନୀ ପକ୍ଷରୁ । ଏଟା ତ ଘୋର ସନ୍ଦେହଜନକ ଘଟଣା । ନାବିକ ନାହିଁ, ଅଥଚ ଲଞ୍ଚ କିଣାଯାଉଛି ।"

"ହୁଏତ ସେମାନଙ୍କର ନାବିକମାନେ ମାନ୍ଦ୍ରାଜ ହାର୍‌ବରରେ ଅଛିପାରନ୍ତି"—ପ୍ରଦୀପବାବୁ ଯୁକ୍ତି ଦେଖାଇଲେ ।

—'ମାନିଲି । କମ୍ପାନୀ କଣ ଲାଭ ଖୁଣ୍ଟୁ ନ ଥିଲେ କି ? ନିଜର ଛଅଜଣ ନାବିକ ମାନ୍ଦ୍ରାଜ ବନ୍ଦରରେ ବସି ବସି ଦରମା ନେବେ, ଅଥଚ ବୋଟ କମ୍ପାନୀର ନାବିକଙ୍କ ଖର୍ଚ୍ଚ ଇତ୍ୟାଦି ବାବଦରେ ବାରହଜାର ଟଙ୍କା ନଗଦ ଦିଆଯାଇଛି । ସେତିକି ଟଙ୍କା ବଦଳରେ ବର୍ମା ଟ୍ରେଡ଼ିଂ କମ୍ପାନୀର ଛଅଜଣ ନାବିକ ସ୍ଥଳପଥରେ ବର୍ମ୍ମାଯାଇ ଲଞ୍ଚ ଜଳପଥରେ ସମସ୍ତ ଖର୍ଚ୍ଚ ଆଦି ସହ ଅନ୍ତତଃ ଦଶଥର ଯାଆ ଆସ କରିପାରିଥାନ୍ତେ । ଏଥିରେ ରହସ୍ୟ ଅଛି ନିଶ୍ଚୟ ।

"ବାସ୍ତବିକ ସନ୍ଦେହଜନକ ବିଷୟ !—" ପ୍ରଦୀପବାବୁ ବିସ୍ମିତ ହୋଇ କହିଲେ, ତୁମେ ବର୍ତ୍ତମାନ ହେଡ୍‌କ୍ୱାଟର ଯାଇ ଓ୍ୱାରଲେସ ଖବର ପଠାଇ ବୁଝ ଯେ, ବୋଟ୍ କମ୍ପାନୀକୁ ନାବିକ ଛଅଜଣ ଫେରିଲେଣି କି ନାହିଁ । ମାନ୍ଦ୍ରାଜ ହାର୍‌ବରକୁ ଖବର ଦେଇ ବୁଝ ଯେ ଉପକୂଳରେ ବର୍ମା ଟ୍ରେଡ଼ିଂ କମ୍ପାନୀର କୌଣସି ଲଞ୍ଚ ସେଠାରେ ଅଛି କି ନାହିଁ । ଆଉ ଗୋଟାଏ ଖବର ରେଙ୍ଗୁନକୁ ପଠାଇ ବୁଝ—ସେଠାରେ ବର୍ମା ଟ୍ରେଡ଼ିଂ କମ୍ପାନୀ ନାମରେ କୌଣସି ବ୍ୟବସାୟ ପ୍ରତିଷ୍ଠାନ ଭାରତରେ ଲଞ୍ଚ କିଣିବାକୁ ଅନୁମତି ପାଇଛି କି ନାହିଁ । ଏହି ତିନୋଟି ଖବର ସଂଗ୍ରହ କରିନେଇପାରିଲେ ଆମର ସନ୍ଦେହ ମୋଚନ ହୋଇପାରିବ । ତୁମେ

Digitized by PPRACHIN, SOA

ବର୍ତ୍ତମାନ ଏତକ କାମ ଶେଷ କର୍‌ ମୁଁ କମିଶନର ମିଷ୍ଟର ବ୍ରାଉନ୍‌ଙ୍କ ଘରେ ସାକ୍ଷାତ କରି ଆସେ ।

ପ୍ରଦୀପବାବୁ ଉଠିବା ସଙ୍ଗେ ସଙ୍ଗେ ରଜନୀବାବୁ ମଧ୍ୟ ମୁଣ୍ଡରେ ହ୍ୟାଟ୍‌ଟା ଲଗାଇ ଉଠିଲେ ।

ଛଅ

ରାତି ବାରଟା ବାଜିଯାଇଥିଲେ ବି ପ୍ରଦୀପବାବୁ ଡ୍ରଇଂ ରୁମ୍‌ରେ ବସି କେତେକ କାଗଜପତ୍ର ପରୀକ୍ଷା କରୁଥିଲେ । ରୁମ୍‌ଟାରେ ଆଉ କେହି ନ ଥିଲେ କେବଳ ଟାଇଗର ଛଡ଼ା । ସେ ପ୍ରଦୀପବାବୁଙ୍କ ଟେବୁଲ ତଳେ ଶୋଇଥିଲା । ପ୍ରଦୀପବାବୁ ବଡ଼ ବ୍ୟସ୍ତ ଏବଂ ବିବ୍ରତ ଥିଲା ପରି ଜଣାଯାଉଥିଲେ । ସେଥିପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କାଗଜପତ୍ରରେ ମନୋନିବେଶ କରି ନ ପାରି ବାରମ୍ବାର ଘଣ୍ଟାକୁ ଏବଂ ବାହାରକୁ ଚାହୁଁଥିଲେ । ପୁଟାଶ୍ରୀ ବିଚରା ସ୍ଥା ମଧ୍ୟରେ କେତେଥର ଆସି ବୁଝିଗଲାଣି ଝରକାବାଟେ । ଖାଇବା ଥଣ୍ଡା ହୋଇଯାଉଛି; କିନ୍ତୁ ତା'ର ସାହସ ହେଉନାହିଁ ଡାକିବାକୁ । ପ୍ରଦୀପବାବୁ ବେଳେବେଳେ ଏପରି ଗୁରୁଗମ୍ଭୀର ହୋଇ ବସନ୍ତି । ସେତେବେଳେ ତାଙ୍କର ଅଭିନିବେଶ ଭଙ୍ଗ କଲେ ଭୀଷଣ ବିରକ୍ତ ହୁଅନ୍ତି । ପୁଟାଶ୍ରୀ ବହୁଦିନର ପୁରୁଣା ଲୋକ । ସେ ଭଲ କରି ଏକଥା ଜାଣେ ।

କାନ୍ଥ ଘଣ୍ଟାରେ ସାଢ଼େ ବାରଟା ବାଜିବାର ସୂଚନା ଦେଲା ।

ପ୍ରଦୀପବାବୁଙ୍କ ଧୈର୍ଯ୍ୟ ସୀମା ଅତିକ୍ରମ କଲା । ସେ ଅତିଷ୍ଠ ହୋଇ ଟେଲିଫୋନ୍‌ ରିସିଭର ଉଠାଇ ଡାଏଲ୍‌ ଘୁରାଇଲେ । ଅଳ୍ପ ସମୟ ମଧ୍ୟରେ ପୋଲିସ୍‌ ହେଡ୍‌କ୍ୱାର୍ଟର୍ସ ସହିତ ଯୋଗାଯୋଗ ସ୍ଥାପିତ ହୋଇଗଲା । ପୋଲିସ ହେଡ୍‌କ୍ୱାର୍ଟର୍ସରେ ସେ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ରଜନୀବାବୁ କିଛି ଖବର ପ୍ରତ୍ୟାଶାରେ । କିନ୍ତୁ ସବୁଆଡ଼କୁ ଖବର ମଗାଇଥିଲେ ମଧ୍ୟ କେଉଁଠାରୁ କିଛି ଉତ୍ତର ପାଇ ନ ଥିଲେ । ତେବେ ଖୁବ୍‌ ଶୀଘ୍ର କିଛି ସମ୍ବାଦ ମିଳିବାର ଆଶା କରାଯାଉଥିଲା ।

Digitized by PPRACHIN, SOA

ପୋଲିସ ହେଡ୍‌କ୍ୱାର୍ଟର୍ସକୁ ରିସିଭର ଧରିଥିଲେ ବିଜୟବାବୁ । ପ୍ରଦୀପବାବୁ ତାଙ୍କ ସହିତ କଥାବାର୍ତ୍ତା କରୁଥିଲେ ! ଶେଷରେ ହତାଶ ହୋଇ ପ୍ରଦୀପବାବୁ କହିଲେ—"ଆଚ୍ଛା, ବିଜୟ । ତୁମେ ଚାଲିଆସ ଏଠିକି । ଜରୁରୀ ଦରକାର ଅଛି । କିଛି ଖବର ଆସିଲେ ଏଠିକି କନେକ୍ଟ କରିଦେବାକୁ ଅପରେଟରକୁ କହିଆସ ।" —ସେ ରିସିଭରଟା ଥୋଇଦେଇ ଶୂନ୍ୟଦୃଷ୍ଟିରେ ଚାହିଁଲେ ଝରକାବାଟେ ବାହାରକୁ । ବାହାରେ ଘୋର ଅନ୍ଧକାର ଜମି ରହିଥିଲା । ମାତ୍ର କେଉଁଠିକି ବିଜୁଳି ଆଲୁଅ ବହୁ ଦୂରରେ ଜୁଳୁଜୁଳୁ ଦିଶୁଥିଲା ।

ପ୍ରାୟ ପନ୍ଦର ମିନିଟ୍ ପରେ ବାହାରେ ମୋଟର ସାଇକେଲ ଆସିବାର ଶବ୍ଦ ଏବଂ ପରେ ପରେ ତାହା ଅଟକିବାର ଶବ୍ଦ ଶୁଣାଗଲା । ପ୍ରଦୀପବାବୁ ଦୃଷ୍ଟି ଫେରାଇଲେ ଦ୍ୱାରଆଡ଼କୁ । ଭିତରକୁ ପଶିଆସିଲେ ବିଜୟବାବୁ ।

ତାଙ୍କୁ ବସିବାକୁ ଗୋଟାଏ ଆସନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ପ୍ରଦୀପବାବୁ କହିଲେ—"ତୁମେ ପ୍ରସ୍ତୁତ ହୋଇପଡ଼ ବିଜୟ ! ଆଜି ହୁଏତ ବାହାରକୁ ଯିବାକୁ ପଡ଼ିପାରେ ।"

"ଆଜି ? କେଉଁଠିକୁ ?"—ଆଶ୍ଚର୍ଯ୍ୟ ହୋଇ ପଚାରିଲେ ବିଜୟବାବୁ ।

—"ବମ୍ବେ, ମାନ୍ଦ୍ରାଜ କିମ୍ବା ଆଉ କେଉଁ ଅଜ୍ଞାତ ସ୍ଥାନକୁ ।"

"ଅର୍ଥାତ୍ ?"—ବିଜୟବାବୁ ଏପରି କଥାରେ ଅର୍ଥ ବୁଝି ନ ପାରି ତା'ର ସ୍ପଷ୍ଟୀକରଣ ଚାହୁଁଥିଲେ ।

"ବୁଝିନ ! ଆଜି ଆମର ସମ୍ବାଦ ସରବରାହ ଯେତେବେଳେ ଏତେ ଡେରିରେ ମଧ୍ୟ ଯଥାଯଥଭାବରେ ହୋଇପାରିନ, ସେତେବେଳେ ନିଶ୍ଚିତଭାବରେ ବୁଝିବାକୁ ହେବ ଯେ କେଉଁଠି କିଛି ଗଡବଡ଼ ହେଇଯାଇଛି । କୌଣସି ଦୁର୍ଘଟଣା ଘଟି ନ ଥିଲେ ଖବର ପାଇଲାମାତ୍ରେ ଫେରିଥାନ୍ତା । ଡେରି ହେବାରୁ ଜଣାପଡୁଛି ଯେ, ସେମାନେ ଠିକ୍ ଖବର ଉପଯୁକ୍ତ ବ୍ୟକ୍ତିଠାରୁ ପାଇନାହାନ୍ତି; ଖୋଜିଖବର ନେଉଛନ୍ତି । ସେଥିପାଇଁ କହୁଥିଲି ଯେ ହୁଏତ ତୁମକୁ ଖୁବ୍ ଶୀଘ୍ର ଯିବାକୁ ପଡ଼ିପାରେ ।

Digitized by PPRACHIN, SOA

ବିଜୟବାବୁ ଢ'ଟେ କହିଥାନ୍ତେ କି ନା'ଣ, କିନ୍ତୁ ଏହି ସମୟରେ ବୁଢ଼ା ପୁଝାରୀ ଆସି ଠିଆହେଲା ସାମନାରେ । ପ୍ରଦୀପବାବୁ ଦେଖିଲେ ସେ ବିଚରା ବଡ଼ ବ୍ୟସ୍ତ ହୋଇପଡ଼ିଲାଣି । ତା'ପରେ ବିଜୟବାବୁଙ୍କୁ ଲକ୍ଷ୍ୟକରି କହିଲେ—"ଆଗ ଖାଇବା କାମ ଶେଷ କରିଯାଉ, ସେହି ସମୟ ମଧ୍ୟରେ ଯଦି କିଛି ଖବର ଆସିଯାଇପାରେ ।

ଦୁହେଁ ଉଠିଗଲେ ।

ନିତାନ୍ତ ଅନ୍ୟମନସ୍କତା ଏବଂ ବ୍ୟଗ୍ରତା ଭିତରେ ଖାଇବା କାମ ଶେଷ ହେଲା । ପ୍ରଦୀପବାବୁଙ୍କ ଅନୁମାନ ହିଁ ଯଥାର୍ଥ । ଠିକ୍ ଏମାନେ ଆସି ଡ୍ରଇଂ ରୁମରେ ପହଞ୍ଚିଲାବେଳକୁ ଟେଲିଫୋନ ରିଂ କରିଉଠିଲା । ବିଜୟବାବୁ ଧାଇଁଯାଇ ରିସିଭର ଉଠାଇ କାନରେ ଲଗାଇଲେ ।

ପୋଲିସ ହେଡ଼କ୍ୱାର୍ଟର୍ସରୁ ଖବର ଆସିଥିଲା ଯେ, ବମ୍ବେ ପୋଲିସ ଜଣାଇଛନ୍ତି ବୋଟ୍ କମ୍ପାନୀରୁ ଯାଇଥିବା ଛଅଜଣ ନାବିକ ଏ ପର୍ଯ୍ୟନ୍ତ ଫେରିନାହାନ୍ତି । ସେମାନେ ତିନି ଦିନରେ ଫେରିବାର କଥା । ମାତ୍ର ଏଗାର ଦିନ ଅତିବାହିତ ହୋଇଗଲାଣି । ସେମାନଙ୍କ ସମ୍ବନ୍ଧରେ କିଛି ଖବର ସଂଗ୍ରହ କରିବାପାଇଁ କମ୍ପାନୀ ମାନ୍ଦ୍ରାଜ ବନ୍ଦରକୁ ଫୋନ କରି ପଚାରିଥିଲେ; କିନ୍ତୁ ସେମାନେ କିଛି ଖବର ଯୋଗାଇ ପାରୁନାହାନ୍ତି ।

ପ୍ରଦୀପବାବୁ ସବୁ ଶୁଣି କହିଲେ—"ବେଶ୍ । ଗୋଟାଏ ଏଣ୍ଡୁ ଅଡ଼ୁଆଗଲା ତୁମେ ମାଡ୍ରାସକୁ ଆଉଥରେ କେବଲ୍ କର । ଦେଖିବା କଣ ହେଉଛି ।"

ପ୍ରଦୀପବାବୁ ପୁଣି କାଗଜପତ୍ର ପରୀକ୍ଷା କରି ଦେଖିବାରେ ମନୋନିବେଶ କଲେ । ବିଜୟବାବୁ ପାଖ କୋଠରିକୁ ଚାଲିଗଲେ ମାଡ୍ରାସ ପୋର୍ଟକୁ ଖବର ଦେବାପାଇଁ ।

ପ୍ରାୟ ଅଧଘଣ୍ଟାକ ପରେ ସେ ପ୍ରଦୀପବାବୁଙ୍କ ନିକଟକୁ ପୁଣି ଫେରିଆସିଲେ । କିଛି ଖବର ମିଳିଛି କି ନାହିଁ । ସେ ବିଷୟରେ ଜାଣିବାପାଇଁ ବ୍ୟଗ୍ରଭାବରେ ଚାହିଁଲେ ପ୍ରଦୀପବାବୁଙ୍କ ମୁହଁକୁ । ବିଜୟବାବୁ ନିଜକୁ ଟିକିଏ ସଜାଡ଼ି ନେଇ କହିଲେ—"ବନ୍ଦର କର୍ତ୍ତୃପକ୍ଷ ପୋଲିସ ଇନଚାର୍ଜ ଅଫିସରଙ୍କ ସହିତ ସିଧାସଳଖ କଥାବାର୍ତ୍ତା ହେଲା । ସେମାନେ କହିଲେ ଯେ 'କମ୍ପୀ ଟ୍ରେଡ଼ିଂ କମ୍ପାନୀ' ନାମରେ

Digitized by PPRACHIN, SOA

କୌଣସି ବ୍ୟବସାୟ ପ୍ରତିଷ୍ଠାନର ବୋଟ୍, ଲଞ୍ଚ ବା ଜାହାଜ ମାଡ୍ରାସ ହାର୍ବରରେ ନଙ୍ଗର କରିନାହିଁ । ଏପରି କି ସେପରି ନାମ ମଧ୍ୟ ସେମାନେ ଶୁଣି ନାହାନ୍ତି । ତେବେ ପେଟ୍ରୋଲ କରୁଥିବା ପୋଲିସ କେତେଜଣଙ୍କଠାରୁ ପ୍ରକାଶ ଯେ ସେମାନେ ତିନୋଟି ଲଞ୍ଚ୍ ବନ୍ଦରଠାରୁ ପ୍ରାୟ ମାଇଲ୍ଏ ଦୂରରେ ନଙ୍ଗର କରି ସମୁଦ୍ର ଭିତରେ ଡକେଦାଲ ଥିଲା । ସେ ଆଠଦିନ ତଳର ଘଟଣା । ସେଥିରେ ବିଦେଶୀ ଶ୍ୱେତାଙ୍ଗ ନାବିକ ଥିଲେ । ତା'ପରେ ସେ ଲଞ୍ଚ୍ ତିନୋଟି ସମୁଦ୍ର ଭିତରେ ପୂର୍ବ ଦିଗକୁ ଗତି କରନ୍ତି । ଆଉ ସେ ସମ୍ପର୍କରେ କୌଣସି ଖବର ନାହିଁ ।"

ଗମ୍ଭୀର ସ୍ୱରରେ 'ହୁଁ' ଟିଏ ମାରି ପ୍ରଦୀପବାବୁ ଚିନ୍ତିତ ମନରେ ଚହିଁରହିଲେ ଉପରକୁ ଚାହିଁ । କିଛି ସମୟ ପରେ ସେ ଚଞ୍ଚଳ ପରି ହୋଇ କହିଲେ—"ଅଚ୍ଛା, ବିଜୟ ! ରେଙ୍ଗୁନ୍‌ରୁ କ'ଣ କିଛି ଖବର ଆସିନି ?"

—"ନା, ସେମାନଙ୍କୁ ତ ଉତ୍ତର ମଗାଯାଇ ନ ଥିଲା । ଏପରି ଯଦି କୌଣସି ବ୍ୟବସାୟ ପ୍ରତିଷ୍ଠାନ ତାଙ୍କ ପୋର୍ଟ ଜରିଆରେ ଚଳାଚଳ ହେଉଥାନ୍ତା ତେବେ ସେମାନେ ଜଣାଇଥାନ୍ତେ । ବର୍ତ୍ତମାନ ସେମାନଙ୍କର ନୀରବତା ସ୍ପଷ୍ଟ ଜଣାଉଛି ଯେ, ସେପରି କୌଣସି ଜାହାଜ ସେପାଖରେ ଚଳାଚଳ ହେଉନାହିଁ କି ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ନାହିଁ ।

ପ୍ରଦୀପବାବୁ ପୁଣି ଚିନ୍ତାମଗ୍ନ ରହିଲେ କିଛି ସମୟ । ତା'ପରେ ସିଧା ହୋଇ ବସି ବିଜୟବାବୁଙ୍କୁ ଚାହିଁ କହିଲେ, "ଗତି ପାଇବାକୁ ଆଉ ମୋଟେ ତିନିଘଣ୍ଟା ବାକି ବିଜୟ ! ଏଇ ସମୟ ମଧ୍ୟରେ ତମକୁ ଆଉ ଗୋଟାଏ ବିରାଟ ଦୁଃସାହସିକ ଅଭିଯାନରେ ବାହାରିବାକୁ ହେବ । ମାଡ୍ରାସ ପୋର୍ଟ ପୋଲିସ ଯେଉଁ ଖବର ଦେଇଛି ତାହା ସମ୍ପୂର୍ଣ୍ଣ ଠିକ୍ । ସେମାନେ ଯଦି ପୂର୍ବଦିଗକୁ ଯାଇଥାନ୍ତି, ତେବେ ପାରାଦ୍ୱୀପ ପର୍ଯ୍ୟନ୍ତ ଯାଇଥିବେ କିମ୍ବା ନ ଯାଇଥିଲେ ଏହାମଧ୍ୟରେ କେଉଁଠି ଥିବେ । ତୁମେ ପାରାଦ୍ୱୀପ ଯାଇ ସେଠାରେ ଖବର ନିଅ । କ'ଣ ଯିବ ?"

'ନିଶ୍ଚୟ !' ବିଜୟବାବୁ ହସି ହସି ଉତ୍ତର ଦେଲେ ।

—"ମୁଁ ଜାଣେ, ତୁମେ କେବେହେଲେ ପଶ୍ଚାତ୍ପଦ ହେବନାହିଁ ବୋଲି । ତଥାପି କର୍ତ୍ତବ୍ୟ ବଡ଼ କଠିନ । ତୁମ ସାଥିରେ ଟାଇଗର୍ ଯିବ । ଷ୍ଟେଟ ପୋର୍ଟକୁ

Digitized by PPRACHIN, SOA

ଓସ୍କାରଲେସ ସେଟ୍‌ଟିଏ ବି ସାଙ୍ଗରେ ନଅ । ସବୁ ଖବର ନିୟମିତ ଜଣାଇ-ଦେଉଥିବ । ପାଖରେ ଟାଇଗର ଥିଲେ ଭୟ କ'ଣ ? ସେ ତ ଗୋଟାଏ ସିଂହ !"

ବିଜୟବାବୁ ହସିଲେ ।

—"ମୁଁ ତେବେ ପ୍ରସ୍ତୁତ ହୋଇପଡ଼େ ?"

ପ୍ରଦୀପବାବୁ ନୀରବରେ ସମ୍ମତି ଜଣାଇଲେ ।

ପ୍ରାୟ ଘଣ୍ଟାକ ମଧ୍ୟରେ ବିଜୟବାବୁ ପ୍ରସ୍ତୁତ ହୋଇ ବାହାରିଆସିଲେ । ପ୍ରଦୀପବାବୁ ତାଙ୍କୁ ଗୃପାକଣ୍ଠରେ କେତେକ ଉପଦେଶ ଦେଇ କହିଲେ— ରୂପନାରାୟଣବାବୁ ଆସିବାମାତ୍ରେ ତୁମଠାରୁ ଖବର ପାଇଲେ ମୁଁ ଯିବି । ଆଉ ଭୟ କରିବ ନାହିଁ । ଆମର ଜୟ ସୁନିଶ୍ଚିତ ।' ତା'ପରେ ଟାଇଗରକୁ ଟିକିଏ ଆଉଁସିଦେଇ ଛୁଡ଼ିଦେଲେ ।

ବିଜୟବାବୁ ଜିପ୍‌ରେ ଷ୍ଟାର୍ଟ ଦେଲେ । ଟାଇଗର୍ କୁଦିପଡ଼ି ତାଙ୍କ ପାଖରେ ଯାଇ ବସିପଡ଼ିଲା । ଜିପ ଆଗେଇଗଲା ରାସ୍ତା ଉପରେ ।

ପ୍ରଦୀପବାବୁ ରୁମାଲ ହଲାଇ ଯାତ୍ରାର ଶୁଭକାମନା କରୁଥିଲେ ଫାଟକ ପାଖରେ ଠିଆହୋଇ ।

ପୂର୍ବ ଆକାଶର ଦିଗ୍‌ବଳୟ ରେଖା ପାଖରୁ ସିନ୍ଦୂର ଫାଟି ଆସୁଥିଲା ।

ସାତ

ବିଜୟବାବୁ ପାରଦ୍ୱୀପରେ ପହଞ୍ଚିଲାବେଳକୁ ଦି'ପହର । ଟାଣ ଟାଣ ମୁଣ୍ଡଫଟା ଖରା । ଏଣେ ଭୀଷଣ ଭୋକ ଆଉ ଶୋଷ । ଏଇ କେତେଦିନ କ୍ରମାଗତ ପରିଶ୍ରମ କରିବା ଦ୍ୱାରା ସେ ଅନେକଟା ଦୁର୍ବଳ ଅନୁଭବ କରୁଛନ୍ତି ନିଜକୁ । ଟାଇଗରର ଅବସ୍ଥା ମଧ୍ୟ ତଦ୍ରୂପ । ଯାହା କିଛି ଜଳଖିଆ ପାଥେୟ ସ୍ୱରୂପ ଆଣିଥିଲେ, ସେତିକ ସରିଗଲାଣି । ଗାଡ଼ିରେ ଅଛି ଖାଲି ପାଣି । କିନ୍ତୁ ପାଟି, ପେଟ ଚିତ୍କାର କରୁଛନ୍ତି···ଖାଦ୍ୟ ।

Digitized by PPRACHIN, SOA

ଏଇଟା ଅବଶ୍ୟ ବନ୍ଦର ଅଞ୍ଚଳ । ଭଲ ହୋଟେଲ କି ରେଷ୍ଟୁରାଣ୍ଟଟାଏ ନଜରରେ ପଡ଼ୁନ । ଯେଉଁ କେତୋଟି ଦୋକାନ ରାସ୍ତା କଡ଼ରେ ଦୃଷ୍ଟିକୁ ଆସୁଛି, ସେଗୁଡ଼ିକ ଚା' ପାନ ଦୋକାନ । ଗୋଟାଏ ଭଲ ଜଳଖିଆ ଦୋକାନ ନହାତ ହେଲେ ମିଳନ୍ତା । ସେଇ ଆଶାରେ ସେ ଜିପ୍‌ର ଗତି ଧୀମେଇଦେଇ ଚଳାଇଛନ୍ତି ଦୁଇପଟକୁ ଚାହିଁ ଚାହିଁ ।

ଖଣ୍ଡେ ଦୂର ଚାଲିଗଲା ପରେ ଗୋଟାଏ ବଡ଼ ଦୋକାନ ତାଙ୍କ ନଜରରେ ପଡ଼ିଲା । ବଡ଼ ଅବଶ୍ୟ ଆକାରରେ । ସାମନା ପଟକୁ ଗୋଟାଏ ଶୂନ୍ୟଗର୍ଭ କାଚ ଆଲମାରି । ତା'ର କାଚ ପର୍ଯ୍ୟନ୍ତ ଚୂଲି ଧୂଆଁ ଲାଗି କଳା ପାଲଟିଗଲାଣି । ତା ଭିତରେ କି କି ଖାଦ୍ୟ ସଜ୍ଜିତ ଅଛି ତାହା ଦୃଷ୍ଟିକୁ ଆସୁନାହିଁ । ସାମନାକୁ ଦୋଇଲା ଚୂଲି ଉପରେ ଚା' କେଟଲିରେ ପାଣି ଫୁଟୁଛି । ବାମ୍ପ ଉଠୁଛି । ବିଜୟବାବୁ ଭାବିଲେ—ଯାହାହେଉ, ଏଇଠି ଅନ୍ତତଃ ଭଲ ଚା' ଟିକିଏ ମିଳି-ପାରେ ।

ଦୋକାନ ସାମନା ରାସ୍ତା କଡ଼ରେ ଜିପ୍‌ଟାକୁ ବ୍ରେକ୍ କରି ବିଜୟବାବୁ ଓହ୍ଲାଇପଡ଼ିଲେ । ଦୋକାନୀକୁ ବୁଝିବାରେ ଆଉ ବାକି ରହିଲା ନାହିଁ ଯେ ଗାଡ଼ିରୁ ଓହ୍ଲାଉଥିବା ବାବୁ ଜଣଙ୍କର ଲକ୍ଷ୍ୟ ସ୍ଥଳ ହେଉଛି ଏଇ ଦୋକାନ । ତେଣୁ ସେ ନ ପହଞ୍ଚୁଣୁ ତତ୍ପର ହୋଇ ଉଠି ଖଣ୍ଡେ ତେଲ ଚକଟା, କଳା କିଟି କିଟି ମଇଳା ଚୁଣ୍ଡା ଗାମୁଛାରେ ବେଞ୍ଚଟା ପୋଛି ପକାଇ ସ୍ୱାଗତ ଜଣାଇବାକୁ ଅପେକ୍ଷା କରି ରହିଲା ।

ବିଜୟବାବୁ ଠିକ୍ ଦୋକାନ ଉପରକୁ ପାଦ ଦେଲାକ୍ଷଣି ସେ 'ଆସନ୍ତୁ, ଆଜ୍ଞା' କହି ବେଞ୍ଚଟାକୁ ଆଉ ଥରେ ପୋଛି ପକେଇଲା । ବିଜୟବାବୁ ଗୋଡ଼ ସଳଖି ଟିକିଏ ବସିଲେ । ଦୀର୍ଘ ସମୟ ଧରି ଗୋଟାଏ ଆସନରେ ବସି ଡ୍ରାଇଭିଂ କରି ତାଙ୍କର ଅଣ୍ଟା ପିଠି ଲାଗି ଆସୁଥିଲା । ବର୍ତ୍ତମାନ ସେ ଅନେକ ପରିମାଣରେ ଆରାମ ବୋଧକଲେ । ତାଙ୍କର ପାଦତଳକୁ ଟାଇଗର୍ ଆସି ପ୍ରକାଣ୍ଡ ମୁହଁଟା ଟେକା କରି ଜିଭଟା କାଢ଼ି ଧକୋଉଥାଏ ।

ଦୋକାନୀ ମନେ ମନେ ଭାବିଲା—ସେ ବାବୁ ଜଣେ ବଡ଼ବାବୁ ହେବେ ବୋଧେ । ସେଥିପାଇଁ ଯେଉଁ ମଳଚିଆ ପ୍ଲେଟ୍‌ଖଣ୍ଡ ଥିଲା ଦୋକାନରେ, ତାକୁ

Digitized by PPRACHIN, SOA

ମାଛି ମୂଳ ସଜାଡ଼ି ରଖିଲାଣି । ବାଡ଼ି ଗୁଡ଼ିକମାନେ ସେଥିରେ ବାଡ଼ିଦେବ ବୋଲି । ଦୋକାନର ବ୍ୟବସ୍ଥା ଯାହା, ଦେଖିଲାମାତ୍ରେ ରଜନୀବାବୁଙ୍କ ଆତ୍ମାଟା ଗୁଡ଼ୁଡ଼ିଗଲା । ତାଙ୍କ ପ୍ରତି ଯେତେ ସ୍ନେହ ହେଉଥିଲା ତା'ର ଅଧା କମିଗଲା ବୋଧହୁଏ । ଯାହାହେଉ, ଦୋକାନୀ ବଡ଼ବଡ଼ ବାସୀ, ଶୁଖିଲା ମିଠା କେତୋଟି ଆଣି ପ୍ଲେଟ୍‌ରେ ବାଡ଼ିଦେଲା । ଆଉ ଗୋଟାଏ ପ୍ଲେଟ୍‌ରେ କିଛି ମିଠା ଆଉ କ୍ଷୀର ଟାଇଗରକୁ ଦେବାକୁ ବଢ଼ାଇ ଦେଲେ । ଗାଡ଼ିରେ ପାଣି ଥିଲା । ପେଟେ ପାଣି ପିଇ ରଜନୀବାବୁ କପେ ଚା' ବଢ଼ାଇ ଦେଲେ ।

ବାବୁଙ୍କ ଖାଇବାରୁ ଦୋକାନୀ ସବୁ ଉଠାଇ ନେଲା । ସେ ନଜର ଦୋଷ ତଥା ଦୋକାନର ସୁନାମ, ଉଭୟକୁ ଦୃଷ୍ଟିରେ ରଖି କହିଲା—ଅନେକ ଭଲ ଭଲ ଜିନିଷ ଥିଲା ଆଜ୍ଞା, ଆଲମାରିଟା ପୂରିଥିଲା ପରା ! ଏଇ ଦୁଇ ଘଣ୍ଟା ତଳେ ଜଣେ ଗରାଖ ଆସି ତିରିଶି ଟଙ୍କାର ମିଠା ନେଇଗଲା ।"

ଲୋକଟା ଯେ ତାହା ମିଛ କହୁଛି ତାହା ବୁଝିବାକୁ ଆଉ ବାକି ରହିଲା ନାହିଁ ରଜନୀବାବୁଙ୍କ ପକ୍ଷରେ । ତଥାପି ସେ ଟାଇଗରର ଖାଇବା ଶେଷ ହେବା ପର୍ଯ୍ୟନ୍ତ କିଛି ନା କିଛି ଗପ କରି ସମୟ କଟାଇବାକୁ ଚାହୁଁଥିଲେ । ତେଣୁ କଥା ଜମେଇ ରଖିବାପାଇଁ ସେ ଆଗ୍ରହ ପ୍ରକାଶ କରି କହିଲେ—ସତେ ! ଗୋଟାଏ ଲୋକ ତିରିଶି ଟଙ୍କାର ମିଠା ନେଲା । କ'ଣ ଭୋଜି ହେଉଥିଲା ନା କଣ ?"

"ନା, ବାବୁ ! ସେ ଲୋକ ବିଦେଶୀ ଲୋକ, ବ୍ୟବସାୟୀ ହେବେ କି କଣ, ଆସି ଅଛନ୍ତି ଏଇଠି କୋଉଠି । ତାଙ୍କର ତ ନିତି ତିରିଶ ଚାଳିଶ ଟଙ୍କାର କେବଳ ମିଠା ଦରକାର । ହେଲେ ବାବୁ, ଲୋକ ଗୁଡ଼ାଙ୍କର ମିଜାଜ୍ ଅଜୀବ ମିଜାଜ ଏକା, ଟଙ୍କା ମୁଣ୍ଡ ପୂରିବାକୁ ମିଠା ଦୁଇ ଚାରିଟା ବାକି ଥିଲେ ବି ଯାନେ ଦୋ' କହି ଟଙ୍କା ଫୋପାଡ଼ି ଦେଇଯାଆନ୍ତି । ବଡ଼ ମାରୁଆଡ଼ି ଶେଠ୍ ହେବେ ବୋଧେ । ତାଙ୍କ କଥା କ'ଣ କହିବା ଆମେ ମଲା ମୁଣ୍ଡିଆ ।"

ରଜନୀବାବୁଙ୍କ ମନକୁ ହାତୁଡ଼ିରେ ଠକ୍ ଠକ୍ କରି ଧିଟି ସନ୍ଦେହକୁ ଯେପରି କିଏ ଚିଆଁଇଦେଲା । ସେ ଭାବିଲେ—ଦୋକାନୀର କଥା ଯଦି ସତ ହୋଇଥାଏ । ତେବେ ପ୍ରଦୀପବାବୁଙ୍କ ଅନୁମାନ ମଧ୍ୟ ମିଥ୍ୟା ନୁହେଁ । ଯାହା ହେଉ, କଥାଟା ପୂରା ଆଡ଼ାସୁ ନ କରି ଯିବା ଠିକ୍ ନୁହେଁ ।

Digitized by PPRACHIN, SOA

ସେ ଦୋକାନୀର କଥାକୁ ସମର୍ଥନ କରି କହିଲେ—"ତୁମେ ଯାହା କହୁଚ, ଠିକ୍ । ସେମାନେ ଯଦି ସେଠ୍ କି ମାରୁଆଡ଼ି ହୋଇଥାନ୍ତେ ତେବେ ତାଙ୍କ ମିଜାଜର ଲୋକ ତୁମେ ଆମ ଦେଶରେ ପାଇବ ନାହିଁ । ଖାଲି ସେତିକି ତ ନୁହେଁ, ସେମାନେ ଏମିତି ମନୁଆ ଜାତି ଯେ ଯଦି ଗୋଟାଏ ଜାଗାରେ ମନ ଭଲ ପାଇଥିବ, ତେବେ ସେଇଠିକି ବରାବର ଆସିବେ । ଆଉ ଥରେ ଚଟିଗଲେ, ତେବେ ତ ଗଲା ସବୁ ଦିନକୁ ।"

—"ହଁ, ବାବୁ ! କଥାଟାଏ କହିଲ ପଚ୍ଛା । ମୋ ପାଖରୁ ଥରେ ମିଠା ନେଇ ସେମାନେ ଏତେ ଭୁଲି ଯାଇଚନ୍ତି ଯେ, ଆଜକୁ ସାତ ଆଠ ଦିନ ହେବ ରୋଜ ପଚ୍ଛ ଆସୁଚନ୍ତି । ଏଠି ଆଉ ଏତେ ଦୋକାନ ଅଛି, ତାହାର ଆଡ଼କୁ ଥରେ ଭୁଲରେ ମୁହାଁ ବୁହାନ୍ତି ନାହିଁ ।"

"ହଁ, ଭଲଲୋକ ସେମାନେ । କେତେବେଳେ ଆସନ୍ତି ସେମାନେ ତୁମ ଦୋକାନକୁ ? ରହନ୍ତି କେଉଁଠି ?" ବସନ୍ତବାବୁ ପଚାରିଲେ ।

—"ତା ମୁଁ ଜାଣିନି କି କେବେ ପଚାରିନି । ଆମେ ତ ହେଲୁଁ ଅଧା ବେପାରୀ, ତାହାର ମୂଳ କରିବାର ଦରକାର କ'ଣ ? ସେମାନେ ନିତି ସକାଳୁ ଆସନ୍ତି ।"

—"ସେ କଥା ଠିକ ।" ସଂକ୍ଷେପ ଉତ୍ତରଟିଏ ଦେଇ ବସନ୍ତବାବୁ ନୀରବ ରହିଲେ । ଅଧିକ କିଛି ଖୋଳାତାଡ଼ା କରି ପଚାରିଲେ ଭାବେ ଦୋକାନୀ କିଛି ସନ୍ଦେହ କରିବ, ସେଇଥିପାଇଁ ଅଧିକ ପଚାରିଲେ ନାହିଁ ।

ସମୟ ଅବଶ୍ୟ ହାତରେ ଥିଲା ବହୁତ । କିନ୍ତୁ ଅନୁସନ୍ଧାନ ପାଇଁ ଦିନଟି ଥିଲା ପ୍ରକୃଷ୍ଟ ସମୟ । ସମୁଦ୍ର କୂଳେ କୂଳେ ବାଲିଆ ରାସ୍ତା । ସେଇ ରାସ୍ତାରେ ଜିପ୍ ଦଉଡ଼ାଇ କିଛି ଖୋଜ ଖବର ନେବାକୁ ଚେଷ୍ଟା କଲେ ସେ । ଗୋଟାଏ ନିରୋଳା ସ୍ଥାନରେ ଜିପ୍ ଅଟକାଇ ଓ୍ୱାରଲେସ୍ ଦ୍ୱାରା ପ୍ରଦୀପବାବୁଙ୍କୁ ସେପର୍ଯ୍ୟନ୍ତ ସଂଗ୍ରହ କରିଥିବା ଖବର ଗୁଡ଼ିକ ଜଣାଇ ଦେଲେ ।

ଆଗରେ ଅଳ୍ପ ଦୂରରେ ଦିଶୁଚି ସମୁଦ୍ର କୂଳ । ମାଛ ଧରାଳିମାନେ ଛୋଟ ଛୋଟ ନୌକାରେ ମାଛ ଧରୁଛନ୍ତି । ସେମାନଙ୍କର କୋଳାହଳରେ ଉପକୂଳ

Digitized by PPRACHIN, SOA

ଫାଷ୍ଟି ପଡ଼ୁଚ । ଆଗ୍ରହ ବୃଷ୍ଟିରଶ୍ମି ନ ପାଣ ଜାଲ୍‌ରୁ ଓହ୍ଲାଇ ବିଜୟବାବୁ ଧାଇଁଗଲେ ସେଇଠିକୁ । ତାଙ୍କ ପଛେ ପଛେ ଟାଇଗର ।

ଷ୍ୟାଣ୍ଡ୍ କୋଟ୍‌ପିନ୍ଧା ବାବୁ ଜଣକୁ ଦେଖି ମାଛ ଧରାଳିମାନେ ଟିକିଏ ଅସ୍ତବ୍ୟସ୍ତ ହୋଇପଡ଼ିଲେ । ମାତ୍ର ବିଜୟବାବୁଙ୍କ ପକ୍ଷରୁ ସନ୍ଦେହଜନକ ହାବଭାବର ସୂଚନା କିଛି ମିଳିଲା ନାହିଁ ସେମାନଙ୍କୁ । ଅଳ୍ପ ସମୟ ମଧ୍ୟରେ ସେମାନେ ପୁଣି ନିର୍ଭୟ ହୋଇ ମାଛ ଗୋଟାଇବାରେ କୋଳାହଳ କରିବାରେ ଲାଗିଗଲେ ।

ମାଛରେ ନୌକା ପରିପୂର୍ଣ୍ଣ । ମସ୍ତ ପ୍ରକାଣ୍ଡ ପ୍ରକାଣ୍ଡ ମାଛ । ସବୁ ଜୀଅନ୍ତା, ଛଟପଟ ହେଉଥା’ନ୍ତି । ସେଗୁଡ଼ିକୁ ଦେଖି ବଡ଼ କୌତୁକ ବୋଧ ହେଲା ବିଜୟ-ବାବୁଙ୍କୁ । ସେ ବଡ଼ ବଡ଼ ମାଛ ଅବଶ୍ୟ ଦେଖିଛନ୍ତି ହାଟ ବଜାରରେ । କିନ୍ତୁ ଏକାବେଳକେ ଏତେଗୁଡ଼ାଏ ଜୀଅନ୍ତା ମାଛ ଦେଖିବା ତାଙ୍କ ଭାଗ୍ୟରେ ଜୁଟି ନ ଥିଲା କେବେ । ସେ ନୌକା ପାଖକୁ ଯାଇ ଗୋଟା ଗୋଟା ମାଛ ଧରି ଟେକି ପୁଣି ତାକୁ ନୌକାରେ ରଖିବାକୁ ଲାଗିଲେ । ତାଙ୍କର ଆଗ୍ରହ ଦେଖି ମାଛ ଧରାଳିମାନଙ୍କ ମନରେ ଦ୍ୱିଗୁଣ ଆନନ୍ଦ ହେଲା । ସେମାନେ କ୍ରମେ ଆପଣାର ହୋଇଆସିଲେ ତାଙ୍କ ନିକଟରେ ।

କିଛି ସମୟ ଭିତରେ ମାଛଗୁଡ଼ା ଏକାଠି କରିଦେଇ ସେମାନଙ୍କ ମଧ୍ୟରୁ କେତେଜଣ ସେଗୁଡ଼ିକୁ ପାଖ ହାଟକୁ ନେଇଗଲେ ବିକ୍ରୀ କରିବା ପାଇଁ । ବିଜୟ-ବାବୁ ଦୁଇଜଣଙ୍କୁ ଏକାଠି କରି ସେମାନଙ୍କ ମାଛଧରା ବିଷୟରେ କେତେ କଥା ପଚାରିବସିଲେ । ତାଙ୍କ ପଚାରିବାର ଅସଲ ଉଦ୍ଦେଶ୍ୟ ହେଲା—ଏଇ ମାଛ ଧରାଳିମାନେ ସାଧାରଣତଃ ସମୁଦ୍ର ଭିତରକୁ ଅନେକ ଦୂର ପର୍ଯ୍ୟନ୍ତ ମାଛ ମାରି ଯାଆନ୍ତି । ଏହା ତାଙ୍କର ଦୈନନ୍ଦିନ ବ୍ୟବସାୟ । କାଳେ କଥାବାର୍ତ୍ତା ଛଳରେ ସେମାନଙ୍କଠାରୁ ତାଙ୍କର ଇପ୍‌ସିତ ଲକ୍ଷ୍ୟର କୌଣସି ସନ୍ଧାନ ପାଇପାରନ୍ତି । ତାଙ୍କର ଉଦ୍ଦେଶ୍ୟ ମଧ୍ୟ ସମ୍ପୂର୍ଣ୍ଣ ସଫଳ ହେଲା ।

ସେମାନଙ୍କଠାରୁ ସେ ଖୋଜୁଥିବା ତଥ୍ୟର ସମ୍ପୂର୍ଣ୍ଣ ବିବରଣୀ ଜାଣି-ପାରିଲେ ଯେ, କେତେକ ଗୋରା ନାବିକ ଛଅ ଖଣ୍ଡ ଲଞ୍ଚ୍ ନେଇ ମଝି ଦରିଆରେ ଅଟକି ରହିଛନ୍ତି । ସେମାନେ ଯେ କାହିଁକି ଅଟକିଛନ୍ତି ତା’ର କାରଣ ଅବଶ୍ୟ ଭେଦି କହିପାରିଲେ ନାହିଁ । ତେବେ ଆଜକୁ ସାତ ଆଠଦିନ

Digitized by PPRACHIN, SOA

ହେବ ସେମାନେ ପ୍ରାୟ ସେଠି ଅଛନ୍ତି । ପୁଣି ସେମାନଙ୍କୁ ପ୍ରଶ୍ନ କରି ସେ ଜାଣିପାରିଲେ ଯେ ହେଇ ଦୂରରେ ଯେଉଁ ଅନ୍ଧାରିଆ ଜଙ୍ଗଲ ଦିଶୁଚି, ତା'ରି ଭିତରେ କେତେଜଣ ଲୋକ ତମ୍ବୁ ଟାଣି ଅଛନ୍ତି । ସେମାନଙ୍କ ପାଖରେ ବୋଟ୍ ଅଛି । ସେଇ ବୋଟ୍‌ରେ ସେମାନେ ଲଞ୍ଚ୍ ପାଖକୁ ଯା' ଆସ କରୁଛନ୍ତି । ଏପର୍ଯ୍ୟନ୍ତ ସେ ସରଳ ମାଛ ଧରାଳିମାନେ ଧାରଣା କରିଥିଲେ ଯେ ସେ ଲୋକମାନେ ବନ୍ଦରରେ କାମ କରୁଥିବା ଲୋକ ବୋଲି । ଜେମ୍ସବାବୁ ମଧ୍ୟ ପ୍ରକୃତ ଘଟଣାଟା ସେମାନଙ୍କୁ ଜାଣିବାକୁ ନ ଦେଇ କଥା ଉପରେ ବିଶେଷ ଗୁରୁତ୍ୱ ନ ଦେବାର ଭାବ ଦେଖାଇ ତୁନି ରହିଲେ ।

ମାଛଧରାଳିଙ୍କର ମାଛଧରା କୌଶଳ ଏବଂ ଆନନ୍ଦ ତାଙ୍କୁ ଅବଶ୍ୟ କେତେ ସମୟ ପାଇଁ ଖୁବ୍ ଆନନ୍ଦ ଦେଇଥିଲା । ମାତ୍ର ବର୍ତ୍ତମାନ ସେ ସବୁ ଭୁଲି ଚାହିଁଲେ ବହୁ ଦୂରରେ ଦିଶୁଥିବା ଜଙ୍ଗଲ ଆଡ଼କୁ । ଅପରାହ୍ନ ସମୟ ହେଲେ ବି ସାମୁଦ୍ରିକ କୁହୁଡ଼ି ଧୂଆଁଳିଆ ହୋଇ ଘେରିଚି ବଣସାରା । ତେବେ ସ୍ପଷ୍ଟ ଅନୁମାନ କଲେ ସେ, ଜଙ୍ଗଲଟା ସେଠାରୁ ତିନି ମାଇଲରୁ କମ୍ ହେବ ନାହିଁ କେବେ । ତାଙ୍କର ଏତେଦୂର ପରିଶ୍ରମ କରି ଆସିବା ଯେ ସାର୍ଥକ ହୋଇଛି ସେତିକିହିଁ ତାଙ୍କୁ ଯଥେଷ୍ଟ ଆନନ୍ଦ ଦେଇଥିଲା । ଅଙ୍ଗଦ ସିଂ ନିଶ୍ଚିତ ଭାବରେ ଏଇଠି ଲୁଚିରହିଚି ଏବଂ ନାବିକ କେତେଜଣ ଯେ ନଜରବନ୍ଦୀରେ ସମୁଦ୍ର ମଝିରେ ଅଟକ ହୋଇ ରହିଛନ୍ତି, ଏଥିରେ ତାଙ୍କର କିଛି ସନ୍ଦେହ ରହିଲା ନାହିଁ । ପ୍ରକୃତ ଘଟଣା କ'ଣ ଏବଂ ଦଳରେ କେତେ ଲୋକ ଅଛନ୍ତି, ପ୍ରସ୍ତୁତି କିପରି, ସେ ସବୁ ଦେଖିବାପାଇଁ ମନଟା ତାଙ୍କର ଛଟପଟ ହେଲା । କିନ୍ତୁ ରାତି ଅନ୍ଧକାର ନ ହେବା ପୂର୍ବରୁ ସେପରି ସ୍ଥାନକୁ ଯିବା ଆଦୌ ନିରାପଦ ନୁହେଁ ଭାବି ସେ ଜିପ୍ ନିକଟକୁ ଫେରିଆସିଲେ ଏବଂ ଯେତିକି ଖବର ପାଇଥିଲେ ତାହା ଜଣାଇଦେଲେ ପ୍ରତାପବାବୁଙ୍କୁ ଓ୍ୱାରଲେସ ସାହାଯ୍ୟରେ ।

ପ୍ରତାପବାବୁଙ୍କ ନିକଟରୁ ମଧ୍ୟ କେତେକ ଉପଦେଶ ସମ୍ବଳିତ ଖବରଟିଏ ପାଇଲେ । ସେ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଖୁବ୍ ସତର୍କତା ସହିତ ରାତିରେ ଘଟଣାସ୍ଥଳ ଦେଖିବାକୁ । ରୂପନାରାୟଣ ବାବୁ ଆସି ଯାଇଥିଲେ । ତାଙ୍କ ସହିତ ପରାକ୍ରମଶାଳୀ ତାର୍‌ଜନ ଏବଂ ତା'ର ସାଥୀ ଗରିଲା ସୁଲତାନ ମଧ୍ୟ । ପ୍ରତାପବାବୁ

Digitized by PPRACHIN, SOA

ମଧ୍ୟ ଉତ୍ତେଜିତ ଭାବରେ ଜଣାଇଥିଲେ – ଆମେ ଏଇ ସନ୍ଧ୍ୟାରେ ଜଳପଥରେ ପୋଲିସ୍ ବାହିନୀ ସହ ଯାତ୍ରା କରୁଚୁଁ । ତୁମେ କୂଳରୁ ଆଲୋକ ସଙ୍କେତ କରିବ ।'

ଖବରଟା ପାଇ ବିଜୟ ଉନ୍ମାଦନାରେ ଦେହଟା ଖୁବ୍ ଉତ୍ତେଜିତ ହୋଇ ଉଠିଲା ବିଜୟବାବୁଙ୍କର ।

ଆଠ

ସୂର୍ଯ୍ୟାସ୍ତ ହେବା ପରେ ପରେ ସନ୍ଧ୍ୟାର-ଅନ୍ଧକାର ଘନୀଭୂତ ହୋଇ-ଆସୁଥିଲା ସାଗର ବକ୍ଷରେ । ଧୂଆଁ ଲଆଁ ରଣବହୁଣ୍ଡ ସାଗରକୁ ପାଉଁଳ ଅନ୍ଧକାର କ୍ରମେ ବହଳ ହୋଇ ଆସୁଥିଲା । ବିଜୟବାବୁ ଗୋଟାଏ ନିରାପଦ ସ୍ଥାନରେ ଜିପ୍‌ଟାକୁ ରଖି ଅପେକ୍ଷା କରିଥିଲେ ସମୟ ଏବଂ ସୁଯୋଗକୁ । ଆଉ ଟିକିଏ ଅନ୍ଧାର ହୋଇଗଲେ ସେ ଉଦ୍ଦିଷ୍ଟ ପଥରେ ବାହାରିଯିବେ ।

ବନ୍ଦର ଉହୁଲଣି ଝାହିଁ କେତେ ଦୂରରେ । ସନ୍ଧ୍ୟା ହେବା ସଙ୍ଗେ ସଙ୍ଗେ ଗୋଟି ଗୋଟି ଆଲୋକ ମାଳ ମାଳ ହୋଇ ଜଳିଉଠିଲାଣି ବନ୍ଦର ଅଞ୍ଚଳର ସମୁଦ୍ର କୂଳେ କୂଳେ । ପଡ଼ିଆଛି ନିର୍ଜନ ବାଲୁକାପ୍ରାନ୍ତର । କେବଳ ଅଶାନ୍ତ ସମୁଦ୍ରର ଧୂ ଧୂ ଗର୍ଜନ ଛଡ଼ା ଆଉ କିଛି ଶବ୍ଦ ନାହିଁ ।

ବିଜୟବାବୁ କ୍ଷୁଦ୍ରାକାର ପୋର୍ଟେବଲ ଓ୍ୱାର୍‌ଲେସ୍‌ଟି କାନ୍ଧରେ ଝୁଲାଇ ଗନ୍ତବ୍ୟ ପଥରେ ବାହାରିପଡ଼ିଲେ । ସାଙ୍ଗରେ ତାଙ୍କର ଟାଇଗର । ସମୁଦ୍ରକୂଳେ କୂଳେ ବାଲିଆ ରାସ୍ତାଟା ସାପେଇ ସାପେଇ ବହୁଦୂର ପର୍ଯ୍ୟନ୍ତ ଚାଲିଯାଇଛି । ପଡ଼ିଆଛି ବାଲିର ଅସଂଖ୍ୟ ଛୋଟ ବଡ଼ ସ୍ତୂପ, ଗଡ଼ା । କେଉଁଠି ଗୋଟାଏ ଶଙ୍ଖାକାରର ବାଲିସ୍ତୂପ ରହିଛି ତ କେଉଁଠି ପାହାଡ଼ ପରି ବାଲିର କାନ୍ଥି ଲମ୍ବିଯାଇଛି ବହୁଦୂର ଯାଏ । ତା' ଉପରେ ଯାଇଛି ରାସ୍ତା । ସେଥିରେ ଯାନ-ବାହନ ଯିବା ତ ଦୂରର କଥା, ଖାଲି ଚାଲି ଚାଲି ପାଦରେ ଯିବା ଅସମ୍ଭବ । କାରଣ, ସ୍ଥାନେ ସ୍ଥାନେ ବାଲି ଯଦି ଦେବାନ୍ତି ଖସିଯାଏ, ତେବେ ଏକାବାରେ ଗୋଟାଏ ସ୍ତୂପର ତଳକୁ ଖସିଆସିବାକୁ ହେବ । ଏଥିରେ ଅବଶ୍ୟ ପ୍ରାଣହାନିର ଭୟ ନାହିଁ; ତଥାପି ଯାତ୍ରା ପକ୍ଷରେ ଅସୁବିଧା ଏବଂ ବୃଥା ସମୟ ନଷ୍ଟ ।

Digitized by PPRACHIN, SOA

ବିଜୟବାବୁ ସତର୍କତା ଅବଲମ୍ବନ କରିଥିଲେ ମଧ୍ୟ ଅନେକ ଦୁଇଥର ଏହି ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । କିନ୍ତୁ ଟାଇଗର ବାଟ ଶୁଙ୍ଘି ଶୁଙ୍ଘି ଠଉରାଇ ଠିକ୍ ଚାଲିଥାଏ । ଅନ୍ଧାରରେ ବିଜୟବାବୁ ଭଲ ଠଉରାଇ ପାରୁନଥାନ୍ତି । କିନ୍ତୁ ଟାଇଗର ଠିକ୍ ଠଉରାଇପାରୁଥାଏ ଏବଂ ବିଜୟବାବୁ ତାକୁହିଁ ଲକ୍ଷ୍ୟକରି ଚାଲିଥାନ୍ତି

ଖୁବ୍ ଦୂରରେ ଗୋଟାଏ ଆଲୋକ ଜଳିଉଠିଲା କେତେଥର । ତା'ପରେ ଆଉ କିଛି ଦେଖାଗଲା ନାହିଁ । ଆଲୋକଟା କ'ଣ ହୋଇପାରେ ତାହା ପ୍ରଥମେ ବିଜୟବାବୁଙ୍କ ମନରେ ସନ୍ଦେହ ଜାତ କରିଥିଲା । କିନ୍ତୁ ପରେ ସେ ଅନୁମାନ କଲେ ଯେ ଏଟା ବୋଧହୁଏ ଦସ୍ୟୁଦଳର ଆଲୋକ । ସେ ହୁଏତ ଜଙ୍ଗଲର ନିକଟବର୍ତ୍ତୀ ହୋଇଆସିଲେଣି । ତାଙ୍କର ଅନୁମାନହିଁ ନିର୍ଭୁଲ ଥିଲା । ଆଉ ଖଣ୍ଡେ ଦୂର ଆଗେଇ ଗଲାପରେ ସେ ଜୁଳୁଜୁଳୁ ପୋକଗୁଡ଼ା ଭେଲା ଭେଲା ହୋଇ ଉଡ଼ୁଥିବାର ଦେଖିପାରିଲେ । ଏଇଟା ଯେ ତାଙ୍କର ଉଦ୍ଦିଷ୍ଟ ଜଙ୍ଗଲ, ଏଥିରେ ସେ ନିଶ୍ଚିତ ହୋଇପଡ଼ିଲେ ।

କେଉଁ ତିଥି ହେବ କେଜାଣି, ଅନ୍ଧାର ଖୁବ୍ ଘନ ହୋଇଉଠୁଥାଏ । ଖୁବ୍ ପାଖରେ ମଧ୍ୟ କିଛି ଦେଖାଯାଉ ନ ଥାଏ । ତଥାପି ବିଜୟବାବୁଙ୍କ ମନରେ ଭରସା ଥାଏ ଯେ ଟାଇଗର ଅବଶ୍ୟ ଯଥାସ୍ଥାନରେ ତାଙ୍କୁ ପହଞ୍ଚାଇବାରେ ସାହାଯ୍ୟ କରିବ । କାରଣ ସେ ନିଜେ କିଛି ଦେଖିବାକୁ ସିନା ଅସମର୍ଥ; କିନ୍ତୁ ଟାଇଗର ତ ଅସମର୍ଥ ନୁହେଁ । ତା'ର ଶୁଙ୍ଘିବା ଶକ୍ତି ମଧ୍ୟ ଅତୁଳନୀୟ । କେବଳ ବାସନା ବାରି ବାରି ସେ ମନୁଷ୍ୟ ଥିବା ସ୍ଥାନକୁ ତାଙ୍କୁ ନେଇଯାଇପାରିବ । ତେଣୁ ତା'ରି ଉପରେ ପୂରାପୂରି ନିର୍ଭର କରି ସେ ଅନୁସରଣ କରିବାକୁ ଲାଗିଲେ ।

ଖୁବ୍ ପାଖାପାଖିରେ ବୁଦା ଗଛ ଏବଂ ଝାଉଁ ଗଛର ସାଇଁ ସାଇଁ ଶବ୍ଦରୁ ସେ ଜଙ୍ଗଲର ନିକଟ ଅବସ୍ଥିତି ବୁଝିପାରିଲେ । ଦଶ ପନ୍ଦର ପାହୁଣ୍ଡ ଗଲାପରେ ସେ ଜଙ୍ଗଲ ସୀମାରେ ପାଦ ଦେଲେ । କ୍ରମେ ଭିତରକୁ ଭିତରକୁ ଜଙ୍ଗଲ ଘଞ୍ଚ ଜଣାଯାଉଥାଏ । ଭିତରକୁ ତା'ର ପବନ ତ ଆଦୌ ପ୍ରବେଶ କରୁ ନ ଥାଏ । ତା ଛଡ଼ା କପର ଗୋଟାଏ ସନ୍‌ସନିଆ ଗନ୍ଧ ମାଟିରୁ ବାହାରି ନିଃଶ୍ୱାସ ରୁନ୍ଧ ହେଲାପରି ଲାଗୁଥାଏ ।

Digitized by PPRACHIN, SOA

ସେହି ଜନମାନବଶୂନ୍ୟ ଅନ୍ଧକାରପୂର୍ଣ୍ଣ ଜଙ୍ଗଲ ଭିତରେ ଚରମ ସତର୍କତା ଅବଲମ୍ବନ କରି ଚାଲିଥାନ୍ତି ବିଜୟବାବୁ । ବେଳେବେଳେ କର୍କଶ ଝାଉଁଡାଳ ପିଟି ହୋଇଯାଉଥାଏ ତାଙ୍କ ଦେହରେ । କେତେବେଳେ ବା ସାମନାରେ ଝାଟି ବୁଦାଟାଏ ହାବୁଡ଼ି ଯାଉଥାଏ । ପାଖରେ ଗ୍ରେଟ ଟର୍ଚ୍ଚ ଲାଇଟ୍ଟିଏ ଅବଶ୍ୟ ଅଛି । କିନ୍ତୁ ତାକୁ ଜଳେଇବାର ଉପାୟ ନାହିଁ କି ସାହାସ ମଧ୍ୟ ନାହିଁ ତାଙ୍କର । ଦସ୍ୟୁଦଳ ଦୈବାତ୍ ଯଦି ତାଙ୍କର ଅବସ୍ଥାନ ସମ୍ପର୍କରେ ସାମାନ୍ୟ ମାତ୍ର ସୂଚନା ପାଆନ୍ତି, ତେବେ କଥା ସରିଲା । ହୁଏତ ତାଙ୍କ ଉପରେ ବିପଦ ମାଡ଼ି ଆସିବ କିମ୍ବା ଦସ୍ୟୁଦଳ ସତର୍କ ହୋଇଯିବେ ।

ଆଗରେ ଚାଲିଛି ଟାଇଗର । କାନ ତା'ର ସବୁବେଳେ ସତର୍କ ଅଛି ବାହାରର ଶବ୍ଦ ପ୍ରତି ଏବଂ ଆଖି ଦୁଇଟା ସାମନାର ଜଙ୍ଗଲକୁ । କେଉଁଠୁ ଟିକିଏ କିଛି ସନ୍ଦେହଜନକ ସୂଚନା ପାଇଲେ ସେ କାନ ଟେକି ତରଙ୍ଗ ତରଙ୍ଗ ହୋଇ ଚାହିଁ ଅଟକିଯାଉଛି । ପୁଣି ଆଗେଇ ଯାଉଛି । ପ୍ରତି ମୁହୂର୍ତ୍ତରେ ବିଜୟବାବୁ ଅନୁଭବ କରୁଛନ୍ତି, ତାଙ୍କ ପାଖେ ପାଖେ ଯେପରି କିଏ ଜଣେ ଯାଉଛି ତାଙ୍କରି ପାଦ ସହିତ ପାଦ ମିଳାଇ । ବେଳେବେଳେ ଖୁବ୍ ପାଖରେ ବି ସେ କାହାର ଅସ୍ତିତ୍ୱ ଅନୁଭବ କଲାପରି ବୋଧକରୁଛନ୍ତି । ଥରେ ଦୁଇଥର ସେ ବୁଲିପଡ଼ି ଚାହିଁଲେଣି ମଧ୍ୟ ପଛକୁ । କିନ୍ତୁ କେହି ନାହିଁ । ଶେଷକୁ ସେ ଧରିନେଲେ ଯେ, ସେଇଟା କେବଳ ମନର ଦୁର୍ବଳତା । କେହି ବାହାର ଲୋକ ହୋଇଥିଲେ ଟାଇଗର ଅବଶ୍ୟ ଜାଣିନଅନ୍ତା ।

ହଠାତ୍ ତାଙ୍କର ଗତି ବନ୍ଦ ହୋଇଗଲା ଖୁବ୍ ପାଖରେ ବୁଦା ଉହାଡରେ ମିଞ୍ଜି ମିଞ୍ଜି ଆଲୁଅ ଦେଖି । ସେ ଏତେ ଅଚାନକ ଭାବରେ ଯେ ଆସି ଦସ୍ୟୁ ଶିବିର ପାଖାପାଖିରେ ପହଞ୍ଚିଯିବେ, ତା' ଆଶା କରି ନ ଥିଲେ । ଗୋଟାଏ ପ୍ରକାଣ୍ଡ ଝଙ୍କାଳିଆ ବୁଦା ଏପର୍ଯ୍ୟନ୍ତ ରହି ଆସିଥିଲା ତାଙ୍କ ସାମ୍ନାରେ । ନ ହେଲେ ସେ ପୂର୍ବରୁ ହୁଏତ ଏ ଆଲୋକ ଦେଖିବାକୁ ସମର୍ଥ ହୋଇଥାନ୍ତେ । ମାତ୍ର ବୁଦାର ଖୁବ୍ ପାଖରେ ଟିକିଏ ବଙ୍କେଇ ଆସିଲାପରେ ସେ ପରିଷ୍କାର ଦେଖିପାରିଲେ ସବୁ ।

ଆଗରେ କେତେଗୁଡ଼ାଏ ତମ୍ବୁ । କେହି ଆକାରରେ ଜମା ଛୋଟ ନୁହନ୍ତି । ପ୍ରତ୍ୟେକ ତମ୍ବୁରେ ଦସ୍ୟୁମାନେ ବସି ଆଡ୍ଡା ଲଗାଇଛନ୍ତି । ଖିଆପିଆର

Digitized by PPRACHIN, SOA

ଧୂମଧାମ ସାଙ୍ଗକୁ କିଚିରିମିଚିର ବନ୍ଧାବନ୍ଧି ବି ଲାଗିଛି ଜୋରସୋରରେ । ଗୋଟାଏ ବେତ ଚଉକିରେ ନିଶାବିଷ୍ଟ ଅଙ୍ଗଦ ସିଂ ନିର୍ଦ୍ଦେଶ ଦେଉଛି ଦଳଟାକୁ । ସମସ୍ତେ ନିର୍ଭୟ । ସେଠାରେ ଭୟ ବା କାହାକୁ ? ଅନ୍ଧକାର ଦୂର କରିବା ପାଇଁ ଯେଉଁ କେତୋଟି ମଶାଲର ବ୍ୟବସ୍ଥା କରାଯାଇଛି, ତାହା ଅନ୍ଧକାରକୁ ସମ୍ପୂର୍ଣ୍ଣରୂପେ ତଡ଼ି ପାରୁ ନ ଥିଲେ ବି ଆଶିଂକ ସମର୍ଥ ହୋଇଛି ସେ ଦିଗରେ ।

ବର୍ତ୍ତମାନ ବିଜୟବାବୁ ଯେଉଁ ସ୍ଥାନରେ ଥିଲେ ସେ ସ୍ଥାନଟା ଅଙ୍ଗଦସିଂର ବସିବା ସ୍ଥାନଠାରୁ ଟିକିଏ ଦୂରରେ ରହିଯାଇଥିଲା । ବିଜୟବାବୁ ଭାବିଲେ, ସେ ଯଦି ଆଉ ଦୁଇଟି ତମ୍ବୁ ଅତିକ୍ରମ କରି ସେ ପାଖରେ ବସିଥିବା ବୁଦାଝାଡ଼କୁ ଚାଲିଯାଇପାରନ୍ତେ ତେବେ ଅଙ୍ଗଦର ଖୁବ୍ ପାଖାପାଖିରେ ପହଞ୍ଚିଯାଆନ୍ତେ । ତା' ସଙ୍ଗ ସଙ୍ଗେ ଅନ୍ୟ ଦସ୍ୟୁମାନେ ତା' ସହିତ କ'ଣ କଥାବାର୍ତ୍ତା କରୁଛନ୍ତି ତାହା ମଧ୍ୟ ଶୁଣିପାରନ୍ତେ । ଅଉ ଯାହା ହେଉ ନ ହେଉ, ସେ କଥାବାର୍ତ୍ତାଟା ଶୁଣିବା ତାଙ୍କର ନିତାନ୍ତ ଆବଶ୍ୟକ । ଏଣେ ଟାଇଗରକୁ ନେଇ ଭୟ ମଧ୍ୟ କମ ନୁହେଁ । ଅବଶ୍ୟ ଖୁବ୍ ସତର୍କ ଏବଂ ସୁଶିକ୍ଷିତ କୁକୁର ସେ । ତଥାପି ପଶୁ ଜାତି, ତା' ଉପରେ ଏତେ ବିଶ୍ୱାସ କରିହୁଏ ନାହିଁ । ଏଠାକାର କାଣ୍ଡ କାରଖାନା ଦେଖି ଦେବାକୁ ସେ ଯଦି ଭୁକିଉଠେ, ତେବେ ସର୍ବନାଶ ।

ଯାହାହେଉ, ଯଥେଷ୍ଟ ସତର୍କତା ଅବଲମ୍ବନ କରି ସେଠାରୁ ସେ ଅପସରି ଆସିଲେ । ପୂର୍ବରୁ ଯେଉଁ ସ୍ଥାନଟାରେ ରହିବାକୁ ସୁବିଧାଜନକ ବୋଲି ଭାବୁଥିଲେ, ଏଥର ସେଇଠି ଆସି ପହଞ୍ଚିଗଲେ । ଏ ସ୍ଥାନଟା ଥିଲା ଅଙ୍ଗଦ ସିଂ ବସିବା ସ୍ଥାନର ଖୁବ୍ ପାଖାପାଖି । ତେଣୁ ଅନ୍ୟାନ୍ୟ ଦସ୍ୟୁମାନେ ମଝିରେ ମଝିରେ ଆସି ତା' ସହିତ ଯାହା କଥାବାର୍ତ୍ତା କରିଯାଉଛନ୍ତି, ସେସବୁ ଶୁଣିବାରେ ଆଉ କିଛି ଅସୁବିଧା ନାହିଁ ଏଠି । ଏଠାରେ ସେ ସବୁ ଶୁଣିପାରିବେ ଏବଂ ଦେଖିପାରିବେ ମଧ୍ୟ ।

ଏତିକିବେଳେ ଜଣେ ଖୁବ୍ ଦ୍ରୁତବେଗରେ ଧାଇଁଆସି ଅଙ୍ଗଦ ସିଂକୁ କହିଲା—"ଆମର ତ ସବୁ ପ୍ରସ୍ତୁତ ହୋଇଗଲା । ଏଥର ସେ ନାବିକଗୁଡ଼ାଙ୍କ କଥା କ'ଣ ସ୍ଥିର କରାଯିବ ?

ବିଜୟବାବୁ ଦେଖିଲେ, ଆଗନ୍ତୁକ ଦସ୍ୟୁ ମୋହିତ ଲାଲ । ପ୍ରାୟ ସ୍ୱର୍ଣ୍ଣ ବର୍ଷ ହେଲା ସେ ଜେଲଖାନା ଭାଙ୍ଗି ଫେରାର ହୋଇଥିଲା । ଯାହାହେଉ, ଏବେ

Digitized by PPRACHIN, SOA

ଅଙ୍ଗଦସିଂର ଦଳରେ ଯୋଗ ଦେଲଣି । ତା' ବନ୍ଧୁକରେ ପୋଲିସ ହୁଲିଆ ଜାରି ଅଛି ଏପର୍ଯ୍ୟନ୍ତ । ଏ ଦଳରେ କେତୋଟି ସଭ୍ୟ ଅଛନ୍ତି ସମସ୍ତେ ଗୋଟିଏ ଗୋଟିଏ ମାର୍କାମରା ଚଢ଼େଇ ହୋଇଥିବ ନିଶ୍ଚୟ । ଥରେ ଜାଲରେ ପଡ଼ିଗଲେ ଦଳେ ଜଣାଯାଆନ୍ତା ।

ମୋହିତ ଲାଲର କଥା ଅଙ୍ଗଦର ନିଶାବାରୁନ ମନରେ ପ୍ରଥମେ ପ୍ରବେଶ କରିପାରିଲା ନାହିଁ ବୋଧହୁଏ । ତେଣୁ କିଛି ସମୟ ଅପେକ୍ଷା କଲା ମୋହିତ ଲାଲ ଉତ୍ତର ପାଇବା ମାନସେ ! କିନ୍ତୁ ସର୍ଦ୍ଦାର ଅବସ୍ଥାଟା ବୁଝିପାରି ପ୍ରଶ୍ନଟାର ପୁନରାବୃତ୍ତି କଲା ସେ ଆଉଥରେ ଅପେକ୍ଷାକୃତ ଉଚ୍ଚ ସ୍ୱରରେ ।

କଥାଟା ଏଥର ଅଙ୍ଗଦ ସିଂ କାନରେ ଠିକ୍ ବାଜିଲା । ସେ ଚମକିଲା ପରି ହୋଇ କହିଲା—ହଁ, ହଁ ସେ ଛୁଆଟାକୁ ଗୁଳି କରିଦିଅ । ନା, ନା, ଗୁଳି କଲେ ଠିକ ହେବନାହିଁ। ଗୋଟାଏ ହୁଲି ଡ଼ଙ୍ଗାରେ ଛୁଆଟାଯାକୁ ହାତଗୋଡ଼ ବାନ୍ଧି ପକାଇଦିଅ । ଆଉ ଡ଼ଙ୍ଗାଟାକୁ ଖଣ୍ଡେ ଦୂରରେ ନଙ୍ଗର ପକାଇଦିଅ ।

—“ସେ ତ ଆମ ଯିବା ବେଳକୁ ! ମୋହିତ ଲାଲ କହିଲା ।”

—ହଁ ! ସେ ଆଉ କେତେ ଡ଼େରି କି ? ଆଉ ଦୁଇ ଘଣ୍ଟା । ଘାଟ ଭିତରେ ସବୁ ଜିନିଷପତ୍ର ଓହ୍ଲାଇନେଇ ଲଞ୍ଚ୍ ରେ ଲଦିଦିଅ । ଦେଖ, ଯେପରି ଚିକିଏ ହେଲେ ଚିହ୍ନବର୍ଣ୍ଣ ନ ରହେ ଏଠି । ଯାହା କିଛି ନେଇ ନ ହେଉଛି, ସବୁ ନିଆଁ ଲଗାଇ ଜାଳିଦିଅ ।

ବିଜୟବାବୁ ଚମକିପଡ଼ିଲେ ମନେ ମନେ—“ଆଉ ଦୁଇଘଣ୍ଟା ମାତ୍ର ବାକି । ଏଇ ସମୟ ମଧ୍ୟରେ ହୁଏତ ଅଙ୍ଗଦ ସିଂ ଖସିଯିବ ହାତମୁଠା ଭିତରୁ । ତେଣିକି ତା'ର ପତ୍ତା ମିଳିବା ସମ୍ଭବ ବା ଅସମ୍ଭବ । ଏଇ ସମୟ ଭିତରେ ପ୍ରଦୀପବାବୁ ଯଦି ଆସି ନ ପହଞ୍ଚନ୍ତି ତେବେ ସର୍ବନାଶ । ତାଙ୍କର ଏତେ କଷ୍ଟ ସ୍ୱୀକାର କରି ସାଗରଦ୍ୱୀପ ଧାଇଁ ଆସିବାର ଫଳ ମଧ୍ୟ କିଛି ନାହିଁ । ବରଂ ପ୍ରଦୀପବାବୁଙ୍କୁ ଥରେ ଡ଼ାକି ପଠାଇବା ଦରକାର ।” ଏହା ଭାବି ସେ ପଛେଇ ପଛେଇ ଚିକିଏ ଅଭ୍ୟନ୍ତରକୁ ଯିବାକୁ ବସିଲେ ।

Digitized by PPRACHIN, SOA

ଝଣ୍ଟେ ଦୂର ଗଲା ପରେ ଗୋଟିଏ ଝଙ୍କାଳିଆ ବୁଦା ଉହାଡ଼ରେ ସେ ଓ୍ୱାର ଲେସ୍ ଟା ଖୋଲି ଅଳ୍ପ ସମୟ ମଧ୍ୟରେ ସଂଯୋଗ ସ୍ଥାପନ କରିନେଲେ ପ୍ରଦୀପବାବୁଙ୍କ ସହିତ । ତା'ପରେ ସବୁକଥା ସଂକ୍ଷେପରେ ଜଣାଇଦେଲେ ତାଙ୍କୁ ।

ବିଜୟବାବୁଙ୍କ ସଫଳତାରେ ଅଶେଷ ଆନନ୍ଦ ପ୍ରକାଶ କରିଥିଲେ ପ୍ରଦୀପବାବୁ । ବିନାବାଧାରେ ଅଙ୍ଗଦର ଦଳକୁ ଛାଡ଼ିଦେବାକୁ ସେ ପରାମର୍ଶ ଦେଇଥିଲେ । ଖାଲି ସେମାନଙ୍କର କଥାବାର୍ତ୍ତା ଉପରେ ସତର୍କ ରହିବାକୁ ସେ ବିଶେଷ କରି ଉପଦେଶ ଦେଇଥିଲେ । ରୂପନାରାୟଣବାବୁ, ତାରକନ ଆଉ ଗଣିଲ ସୁଲତାନ ସହ ସେ ଆଜି ରାତିରେ ଯାତ୍ରା କରୁଛନ୍ତି ଏବଂ ରାତିର ଶେଷାଶେଷି ପାରାଦ୍ୱୀପ ସୀମାରେ ଆସି ପହଞ୍ଚିଯିବାର ଆଶା କରୁଥିଲେ । ବିଜୟବାବୁ ଯେପରି ତାଙ୍କର ଅବସ୍ଥିତି ତାଙ୍କୁ ଜାଣନ୍ତୁ ସଙ୍କେତ ଦ୍ୱାରା—ଏଇ ମାତ୍ର ଉପଦେଶ ଦେଇ ସେ ଓ୍ୱାରଲେସ୍ ସଂଯୋଗ ବିଚ୍ଛିନ୍ନ କଲେ ।

ବିଜୟବାବୁ ସେଇ ବୁଦା ଉହାଡ଼ରେ ଓ୍ୱାରଲେସଟି ଲୁଚାଇ ରଖି ପୁଣି ଚାଲି ଆସିଲେ ପୂର୍ବ ସ୍ଥାନକୁ—ଯେଉଁଠି ସେ ଅଙ୍ଗଦ ସିଂର କଥାବାର୍ତ୍ତା ଶୁଣୁଥିଲେ ।

ସାଧାରଣ ଜିନିଷପତ୍ର ବୁହାବୋହି କାମ ଶେଷ ହୋଇଥିଲା ସେତେବେଳକୁ । ଆଉ ଯାହା ଥିଲା, ଖାଲି ଅସ୍ତ୍ରଶସ୍ତ୍ର । ଗୋଟାଏ ତମ୍ବୁଭିତରୁ ସେଗୁଡ଼ିକ ବାହାର କରିବା ଆରମ୍ଭ ହେଲା । ଅସ୍ତ୍ରଶସ୍ତ୍ରର ଆୟୋଜନ ଦେଖି ବିଜୟବାବୁ ଚମକିପଡ଼ିଲେ । ସବୁଗୁଡ଼ିକ ଅତ୍ୟାଧୁନିକ ମାରଣାସ୍ତ୍ର । ରାଇଫଲ, ମେସିନଗନ୍, ଗ୍ରେନେଟ ଗ୍ରେନେଟ ଗୋଳା ନିକ୍ଷେପକାରୀ କମାଣ କେତୋଟି, ଆବଶ୍ୟକୀୟ ଗୁଳି ଗୋଳା ମଧ୍ୟ ବହୁ ପରିମାଣରେ ରହିଛି ବଡ଼ ବଡ଼ ପେଟି ଗୁଡ଼ାକରେ । ଅଙ୍ଗଦସିଂର ଏ ବିରାଟ ପ୍ରସ୍ତୁତି ଦେଖି ତା'ର ଉଦ୍ଦେଶ୍ୟ କ'ଣ ସେ ବିଷୟରେ ସନ୍ଦିହାନ ହୋଇପଡ଼ିଲେ ବିଜୟବାବୁ । ତା'ର ଏତେ ପ୍ରସ୍ତୁତି ବିଷୟ ପ୍ରଦୀପବାବୁ ସ୍ୱପ୍ନରେ ସୁଦ୍ଧା ଧାରଣା କରି ନ ଥିବେ । ତେଣୁ ପୋଲିସବାହିନୀର ତତୋଧିକ ଜାଗରୁଆର ହୋଇ ରହିବା ଆବଶ୍ୟକ । ନ ହେଲେ ଖାଲି ଶୋଚନୀୟ ପରାଜୟ ନୁହେଁ, ତା ସାଙ୍ଗକୁ ମୃତ୍ୟୁ ମଧ୍ୟ ଅନିବାର୍ଯ୍ୟ । ତେଣୁ ଯଥାସମୟରେ ଯଥେଷ୍ଟ ପୂର୍ବରୁ ପ୍ରଦୀପବାବୁଙ୍କୁ ଏ ଖବର ଜଣାଇଦେବା ଦରକାର । ଏହା ଭାବି ସେ ପୁଣି ଓ୍ୱାରଲେସ ନିକଟକୁ ଯିବାକୁ ଉଦ୍ୟତ ହେଲେ ।

Digitized by PPRACHIN, SOA

ଏତିକିବେଳେ ଅଙ୍ଗଦ ସିଂ ନିଜ ତମ୍ବୁ ଗୁଡ଼ାକ ଉଠାଇଦେବାକୁ ନିର୍ଦ୍ଦେଶ ଦେଇ ନିଜେ ଉଠିଲେ । ଜିନିଷପତ୍ର ସବୁ ପ୍ରାୟ ବୁହାହେଲାଣି । ଖାଲି ତମ୍ବୁଗୁଡ଼ା ଉଠିଗଲେ ଶେଷ । କେତୋଟା ତମ୍ବୁ ମଧ୍ୟ ଉଠି ସରିଲାଣି । ସିପାହୀଙ୍କ ନିକଟକୁ ଖବରଟା ଦେଇଦେଲେ ତା'ପରେ ଏମାନଙ୍କର ଗଡ଼ ଉପରେ ଟିକିଏ ଦୃଷ୍ଟି ଦେବା କଥା । ଏଇସବୁ କଥା ଭାବୁ ଭାବୁ ସେ ଏତେ ଅନ୍ୟମନସ୍କ ହୋଇପଡ଼ିଥିଲେ ଯେ ନିଜର ଅବସ୍ଥିତି ପର୍ଯ୍ୟନ୍ତ ଭୁଲିଯାଇଥିଲେ । ସେ ହଠାତ୍ ଓସ୍ତାର ଲୋକ ପାଖକୁ ଯିବାପାଇଁ ଫେରିପଡ଼ିଲାବେଳକୁ ତାଙ୍କ ପଛରେ ଥିବା ବୁଢ଼ାଟାକୁ ହାବୁଡ଼ିଯାଇ ପଡ଼ିଗଲେ ତା'ଙ୍କ ଉପରେ । ବୁଢ଼ାଟା ଖୁବ୍ ଜୋରରେ ହଲିଯିବା ସଙ୍ଗେ ସଙ୍ଗେ ଖସ୍ ଖସ୍ ଶବ୍ଦ କରିଉଠିଲା ।

ହଠାତ୍ ଗୋଟାଏ ଅସ୍ୱାଭାବିକ ଶବ୍ଦ ଶୁଣି ପ୍ରସ୍ଥାନୋଦ୍ୟତ ଅଙ୍ଗଦ ସିଂ ସମେତ ଦଳର ଆଉ ଦୁଇ ତିନି ଜଣ ଚମକିପଡ଼ି ଚାହିଁଦେଲେ ବୁଢ଼ାଆଡ଼େ । ସମୟ ଏତେ ଅଳ୍ପ ଥିଲା ଯେ ବିଜୟବାବୁ ନିଜକୁ ଲୁଚାଇ ରଖିବାକୁ ସମୟ ସୁଦ୍ଧା ପାଇଲେ ନାହିଁ । ତଥାପି ଟିକିଏ ଅବସର ପାଇଲେ ଅନ୍ତତଃ ଏ ଜଙ୍ଗଲ ଭିତରେ କେଉଁଠି ହେଲେ ଲୁଚି ପଳାଇବାକୁ ଚେଷ୍ଟା କରନ୍ତେ—ଏହି ଆଶାରେ ପକେଟରୁ ଚଟ୍ କରି ରିଭଲଭରଟା ଏମାନଙ୍କ ଆଡ଼କୁ ବାଗେଇ ଧରି କହିଲେ—"ସାବଧାନ ! ପାଦେ ଆଗେଇ ଆସିବାକୁ ଚେଷ୍ଟା କଲେ ଗୁଳି କରିଦେବି ।"

ଦସ୍ୟୁ କେତେଜଣ ଏବଂ ଅଙ୍ଗଦ ସିଂ ଗୋଟାଏ ହୋସ୍‌ରେ ଧାଇଁଆସୁଥିଲେ ତାଙ୍କଆଡ଼େ । ମାତ୍ର ବିଜୟବାବୁଙ୍କ ରୁଦ୍ରମୂର୍ତ୍ତି ଦେଖି ସେମାନଙ୍କ ଗତି ଠକ୍ କରି ବନ୍ଦ ହୋଇଗଲା । ବିଜୟବାବୁ ଏହି ସୁଯୋଗର ସଦବ୍ୟବହାର କରିବାରେ ଆଦୌ ହେଳା କଲେ ନାହିଁ, ପାଦେ ପାଦେ କରି ପଛେଇବାକୁ ଲାଗିଲେ । ମାତ୍ର ଦୁଇ ପାହୁଣ୍ଡ ଯାଏ ପଛେଇ ଯାଇଛନ୍ତି, ହଠାତ୍ ଗୋଟାଏ ଶକ୍ତ ଆଘାତରେ ତାଙ୍କ ହାତରୁ ରିଭଲଭର ଖସିପଡ଼ିଲା । ଯନ୍ତ୍ରଣାରେ ଚିତ୍କାର କରି ପଛକୁ ମୁହଁ ବୁଲାଇ ଦେଖିବା ପୂର୍ବରୁ କେତୋଟି ଲୌହଦୃଢ଼ ହାତରେ ସେ ବନ୍ଦୀ ହୋଇସାରିଥିଲେ । ତାଙ୍କୁ କାବୁ କରିବାପାଇଁ ତାଙ୍କ ଅଲକ୍ଷ୍ୟରେ କେତେଜଣ ଦସ୍ୟୁ ଯେ ପଛପଟେ ଆସୁଛନ୍ତି, ଏକଥା ତାଙ୍କର ଧାରଣା ଭିତରେ ନ ଥିଲା । ବର୍ତ୍ତମାନ ସେ ସବୁ ବୁଝିପାରିଲେ । ମାତ୍ର କରିପାରିବାର କ୍ଷମତା କିଛି ନ ଥିଲା ତାଙ୍କର !

Digitized by PPRACHIN, SOA

ଦସ୍ୟୁ କେତେଜଣ ବଳପୂର୍ବକ ତାଙ୍କୁ ଚକ୍ଷୁ ଲୁଣ୍ଠିତ ଅବସ୍ଥାରେ ଘୋଷାରି ଆଣିଲେ ବୃଦ୍ଧ ନିକଟକୁ । ଅଙ୍ଗଦ ସିଂର ନିର୍ଦ୍ଦେଶରେ ହାତଗୋଡ଼ ତାଙ୍କର ଭଲଭାବରେ ବାନ୍ଧିଦିଆଗଲା । କ୍ରମେ ସାରା ଦସ୍ୟୁଦଳଟା ଆସି ରୁଣ୍ଡ ହୋଇଗଲେ ତାଙ୍କ ଚାରିପଟେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଜୟବାବୁଙ୍କୁ ଏବଂ ବିଜୟବାବୁ ମଧ୍ୟ ଅଧିକାଂଶଙ୍କୁ ଚିହ୍ନି ପାରିଲେ । ଏତିକିବେଳେ ଦସ୍ୟୁଦଳ ମଧ୍ୟରୁ ଯିଏ ଯେମିତି ପାରିଲା ଅପମାନସୂଚକ କଥା କହି ପୂର୍ବରୁ ରାଗ, ଶେଷ ସୁଝାଇବାରେ ଲାଗିଲେ । ବିଧା ଗୋଇଠାଠାରୁ ଆରମ୍ଭ କରି ସବୁପ୍ରକାର ମାଡ଼ ବର୍ଷିତ ହୋଇଗଲା ତାଙ୍କ ସମଗ୍ର ଶରୀର ଉପରେ ।

ଏତେ ଅକଥନୀୟ ଅତ୍ୟାଚାର ସହ୍ୟ କୋଧରେ ଖାଲି ଜର୍ଜର ହୋଇଉଠୁଥାନ୍ତି ବିଜୟବାବୁ । କିନ୍ତୁ ହାତ ଗୋଡ଼ ତାଙ୍କର ଏତେ ଦୃଢ଼ଭାବରେ ବନ୍ଧା ଥିଲା ଯେ ଟିକିଏ ହଲ୍‌ଚଲ୍ ହେବାର ମଧ୍ୟ ଉପାୟ ନ ଥିଲା । ଚାରିଆଡ଼କୁ ଚାହିଁ ସେ ଖୋଜୁଥିଲେ ଟାଇଗରକୁ । କିନ୍ତୁ ଟାଇଗର ନ ଥିଲା ସେଠି । ହୁଏତ ପ୍ରାଣଭୟରେ କେଉଁଠିକୁ ପଳାଇଯାଇଛି କିମ୍ବା ଦସ୍ୟୁଦଳ ହାତରେ ଶେଷ ପାଇଗଲାଣି । ନିଜର ମୃତ୍ୟୁ ମଧ୍ୟ ସୁନିଶ୍ଚିତ । ବର୍ତ୍ତମାନ ସେ ଉପାୟହୀନ । ତାଙ୍କ ପାଇଁ କି ଭୟାବହ ମୃତ୍ୟୁର ବ୍ୟବସ୍ଥା ଅଙ୍ଗଦ ସିଂ କରୁଛି ସେତକ ଶୁଣିବାପାଇଁ ସେ ଅପେକ୍ଷା କରୁଥିଲେ । ଏ ନିର୍ଜନ ଜଙ୍ଗଲ ମଧ୍ୟରେ, ଅସହାୟଭାବରେ ତାଙ୍କର ଜୀବନଦୀପ ଧୀରେ ଧୀରେ ଲିଭିଯିବ, ବାହାର ଦୁନିଆର କେହି ସେ କଥା ଜାଣିପାରିବେ ନାହିଁ । ଜୀବନର ଅବସାନ ବିଷୟ କଳ୍ପନା କରି କପାଳରେ ବିନ୍ଦୁ ବିନ୍ଦୁ ଝାଳ ଆଉ ଆଖିରେ ଲୁହ ଜକେଇ ଆସିଲା ତାଙ୍କର ।

ସମସ୍ତଙ୍କୁ ଆଡ଼େଇଦେଇ ଅଙ୍ଗଦ ସିଂ ଆସି ଠିଆ ହେଲା ଆଗରେ । ଦୃପ୍ତକଣ୍ଠରେ ବିଜୟବାବୁଙ୍କୁ ଚାହିଁ କହିଲା—"କି ବିଜୟବାବୁ ! ତୁମର ଗୁରୁଦେବ କାହାନ୍ତି ? ଏଠି ଆଉ କାହାର ସାଧ୍ୟ ନାହିଁ ତୁମକୁ ଉଦ୍ଧାର କରିବାକୁ । ମୋତେ ଖୋଜିବାପାଇଁ ତୁମେ ଯେ ଅନାଗରେ ବାଡ଼ି ବୁଲାଇବ, ସେ କଥା ମୁଁ ଜାଣେ । ଅଳ୍ପ ମାତ୍ର ଅଧଘଣ୍ଟାଏ, ତା' ପରେ ତମର ଜୀବନ୍ତ ଦେହ ଜଳିଉଠିବ ଏଇଠି । ଆଉ ମୁଁ ଚାଲିଯାଇଥିବ ବହୁତ ଦୂରକୁ ସେତେବେଳକୁ । ଏଇ ସମୟତକ ହେଲେ ଭଗବାନଙ୍କୁ ଚିନ୍ତା କରି କଟାଇଦିଅ । ମୁଁ ତମର ଜୀବନ୍ତ ଦେହର ସଂସ୍କାର ସମ୍ବାଦ ଠିକ୍ ସମୟରେ ତୁମ ଗୁରୁଦେବଙ୍କ ପାଖରେ ପହଞ୍ଚାଇଦେବ ।"

Digitized by PPRACHIN, SOA

ସମସ୍ତ ହୋଇଯାଇଥିଲା, ଅଙ୍ଗଦ ସିଂର ଆଦେଶ ଅନୁସାରେ ଗୋଟାଏ ଶକ୍ତ ଖୁଣ୍ଟରେ ବ୍ରଜସୁବାବୁଙ୍କୁ ଦୃଢ଼ଭାବରେ ବାନ୍ଧି ଦିଆଗଲା । ତାଙ୍କ ଚାରି ପାଖରେ ଶୁଖିଲା କାଠ ବାଉଁଶ ଗୁଡ଼ାଏ ଜମା କରିଦେଇ ଦସ୍ୟୁଦଳ ତାଙ୍କ ଚାରିପଟେ ଘେରି ଠିଆହେଲେ । ଅଙ୍ଗଦ ସିଂ ଆଗକୁ ଆସି ହସ ହସ ହୋଇ କହିଲା—"ଏଥର ବିଦାୟ ଗୋଇନ୍ଦା ବାବୁ ! ବିଦାୟ !"

ଅଙ୍ଗଦ ସିଂ ଇଙ୍ଗିତ କଲାମାତ୍ରେ ଶୁଖିଲା କାଠଗୁଡ଼ାକରେ ଅଗ୍ନି ସଂଯୋଗ କରିଦିଆଗଲା । ସେହି ସଙ୍ଗେ ସଙ୍ଗେ ଗୋଟି ଗୋଟି ହୋଇ ଦସ୍ୟୁ ସେଠାରୁ ଅପସରିଗଲେ ଦୂରକୁ—ସମୁଦ୍ର କୂଳଆଡ଼କୁ ।

ନିଆଁର ଲହ ଲହ ଶିଖା ପ୍ରଥମେ ପ୍ରଥମେ ଆସ୍ତେ ଆସ୍ତେ ହୋଇ ତା' ପରେ ହୁରୁ ହୁରୁ ହୋଇ ଜଳି ଉଠିଲା ତାଙ୍କ ଚାରିପଟେ । ବ୍ରଜସୁବାବୁ ନିଆଁର ଉତ୍ତାପ ଅନୁଭବ କରିବାକୁ ଲାଗିଲେ । ପୋକ ପରି ଛଟପଟ ହୋଇ ନିଆଁ ଭିତରେ ଜୀଅନ୍ତା ପୋଡ଼ି ହୋଇ ମରିବାକୁ ତ ଙ୍କର ଆତ୍ମା 'ନାହିଁ, ନାହିଁ' କରି ଉଠୁଥିଲା । ଶେଷଥର ପାଇଁ ଦେହର ସମସ୍ତ ଶକ୍ତି ଲଗାଇ ଦେହର ବନ୍ଧା ଦଉଡ଼ି ଛିଣ୍ଡାଇ ଦେବାକୁ କିମ୍ବା ବନ୍ଧାହୋଇଥିବା ଖୁଣ୍ଟଟାକୁ ଉପାଡ଼ିଦେବାକୁ ଚେଷ୍ଟା କଲେ ସେ । କିନ୍ତୁ ବୃଥା ଉଦ୍ୟମ । ଦେହରେ ଯନ୍ତ୍ରଣା ଆହୁରି ବଢ଼ି ଉଠିଲା । ସାରା ଶରୀର ଝାଳେଇ ଉଠିଲା ।

ଅଙ୍ଗଦ ସିଂ ଦଳବଳ ଧରି ଚାଲିଗଲେଣି । ନିଆଁ ଶିଖା ଲହ ଲହ ହୋଇ ମାଡ଼ିଆସୁଛି ତାଙ୍କ ଆଡ଼କୁ । ଆଉ ମାତ୍ର କେତୋଟି ମିନିଟ, ତା'ପରେ ସବୁ ଶେଷ । ଗୋଟାଏ ଶୋଚନୀୟ ଏବଂ ଅସହାୟ ମୃତ୍ୟୁ ବରଣ କରିବା ପୂର୍ବରୁ ଆଖିରୁ ଲୁହ ବୋହିଆସିଲା ତାଙ୍କର-ଦୁଃଖରେ ।

ନିଆଁର ମଣ୍ଡଳାକାର ଲେଲିହାନ ଶିଖା ତାଙ୍କ ଆଡ଼କୁ ମାଡ଼ି ଆସୁଥିବାବେଳେ ସେ ଦେଖିପାରିଲେ, ନିଆଁର ଆରପଟେ ଖୁବ୍ ବ୍ୟସ୍ତ ଭାବରେ ଦୌଡ଼ା ଦୌଡ଼ି କରୁଚ ଟାଇଗର । ବିଚରା ଶେଷମୂହୂର୍ତ୍ତରେ ବ୍ରଜସୁବାବୁଙ୍କୁ ଦେଖିପାରୁଛି ତାହା ହେଲେ । ତାଙ୍କ ପାଖକୁ ଧାଇଁଆସିବାକୁ ତା'ର ଏ ବ୍ୟାକୁଳତା । କିନ୍ତୁ ଟାଇଗରକୁ ଦେଖି ବ୍ରଜସୁବାବୁଙ୍କ ମନରେ ଆଶାର ସଞ୍ଚାର ହେଲା । ସେ ସୁଶିକ୍ଷିତ କୁକୁର । ସମୟ ଓ ପରିସ୍ଥିତି ଦେଖି ସେ କାମ କରେ ।

Digitized by PPRACHIN, SOA

ଏତିକିବେଳେ ଖପ୍ କରି ଗୋଟାଏ ଟପରୁ କୁଦିପଡ଼ିଲା ସେ ନିଆଁ ଭିତରକୁ । ମଝି ଅଂଶଟାରେ ନିଆଁ ଲାଗି ନ ଥିଲା ସେ ପର୍ଯ୍ୟନ୍ତ । ଜଳି ଜଳି ଆସୁଥିଲା କ୍ରମେ । ନିଆଁ ଧାସ ଲାଗି ଟାଇଗରର ବହୁତ ଲୋମ କେତେ ଜାଗାରେ ପୋଡ଼ି ଯାଇଥିଲେ ବି ତାର ତିଳେ ହେଲେ ଭ୍ରୂକ୍ଷେପ ନ ଥିଲା ସେଥିପ୍ରତି । ସେ ଲୁଟିଯାଇ ବିଜୟବାବୁଙ୍କ ପୃଷ୍ଠପଟେ ଥରେ ଘୂରିଆସି ତାଙ୍କର ହାତରେ ବାନ୍ଧିଥିବା ଫାଶଟାକୁ ନିଜର ଦାନ୍ତର ସମସ୍ତ ଶକ୍ତି ଲଗାଇ ଛିଣ୍ଡାଇବାରେ ଲାଗିଗଲା । ଅଳ୍ପ କେତେ ସମୟ ମଧ୍ୟରେ ଫାଶଟା ତାର ତୀକ୍ଷ୍ଣ ଦାନ୍ତ ଦ୍ୱାରା କାଟିଦେଲା । ହାତ ଦୁଇଟା ମୁକ୍ତ ହେବା ସଙ୍ଗେ ସଙ୍ଗେ ବିଜୟବାବୁଙ୍କ ମନରେ ଆଶାର ସଞ୍ଚାର ହେଲା । ସେ ଅନ୍ୟ ଦଉଡ଼ିଗୁଡ଼ା ଫିଟାଇ ପକାଇ ଖୁବ୍ ଶୀଘ୍ର ନିଜକୁ ମୁକ୍ତ କରିନେଲେ । ସେତେବେଳକୁ ନିଆଁ ପାଦ ପର୍ଯ୍ୟନ୍ତ ଆସି ଲାଗିଗଲାଣି । ବିଜୟବାବୁ ଟାଇଗରକୁ କୋଳରେ ଧରି ଜଳନ୍ତା ନିଆଁ ଉପରେ ଚଢ଼ି ଚାଲିଆସିଲେ । ଭାଗ୍ୟ ଭଲ ! ଦସ୍ୟୁଦଳ ସବୁ ଖାନ୍‌ତଲାସ କରିନେଇଥିଲେ । କିନ୍ତୁ ଜୋତା ହଳକ ଥିଲା ପାଦରେ ।

ଟାଇଗର ପ୍ରତି ବିଜୟବାବୁ ଏତେ କୃତଜ୍ଞ ହୋଇପଡ଼ିଥିଲେ ଯେ, କିପରି ତାକୁ କୃତଜ୍ଞତା ଜଣାଇବେ ବୁଝିପାରିଲେ ନାହିଁ, ଖାଲି ଛାତିରେ ତାକୁ ଭିଡ଼ି ଧରିଲେ । ତା'ର ପୋଡ଼ିଯାଇଥିବା ଦେହକୁ ପରୀକ୍ଷା କରି ଦେଖିଲେ—ଆଘାତ କିଛି ହୋଇନି, ଖାଲି ଲୋମ କେତେଗୁଡ଼ିଏ ପୋଡ଼ି ଯାଇଛି । ତାଙ୍କର ମନେପଡ଼ିଲା ଓ୍ୱାରଲେସ୍ ମେସିନ୍‌ଟା କଥା । ସେଇଟାକୁ ସେ ବୁଦାପଛରେ ରଖିଦେଇଥିଲେ । ଭାଗ୍ୟ ଭଲ, ପାଖରେ ରଖି ନ ଥିଲେ । ନ ହେଲେ ସେଇଟି ମଧ୍ୟ ଦସ୍ୟୁମାନଙ୍କ ହାତରେ ପଡ଼ିଥାଆନ୍ତା ।

ମରଣ ମୁହଁରୁ ରକ୍ଷା ପାଇ ବିଜୟବାବୁ ଅପାର ଆନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ଭଗବାନଙ୍କୁ ଅଶେଷ ଧନ୍ୟବାଦ ଦେଉଥିଲେ । ନିଜର ଶାରୀରିକ କଷ୍ଟ ଅନୁଭବ କରିବାର ସମୟ ନ ଥିଲା ତାଙ୍କର । ସେ ତରବର କରି ଧାଇଁଲେ ସମୁଦ୍ରକୂଳ ଆଡ଼େ । ଅଙ୍ଗଦ ସିଂର ମୋଟର ଲଞ୍ଚ୍ ଛୋଟି ଆଗେଇ ଗଲାଣି ସେତେବେଳକୁ ସମୁଦ୍ର ଭିତରେ ବହୁତ ଦୂର ପର୍ଯ୍ୟନ୍ତ ।

Digitized by PPRACHIN, SOA

ଗତ ଗ୍ରାମ୍ଯ ବାରଟା ବାଜିଯାଇଥିଲା ସେତେବେଳକୁ । ନିର୍ଜନ ସମୁଦ୍ର ପ୍ରାନ୍ତରରେ ଜଳ ଉପରେ ବନ୍ଧାଯାଇଥିବା ବିପଦ ଝଣ୍ଡା ବିଷୟରେ ଜଣାଇବାକୁ ପ୍ରଦୀପବାବୁଙ୍କ ଉଦ୍ଦେଶ୍ୟରେ ୱାୟାରଲେସ ଖୋଲିଲେ ବିଜୟବାବୁ । ଅଳ୍ପ ସମୟ ମଧ୍ୟରେ ସଂଯୋଗ ସ୍ଥାପିତ ହୋଇଗଲା । ସାଙ୍କେତିକ ଭାଷାରେ କିଛି ସମୟ କଥାବାର୍ତ୍ତା ବିନିମୟ କଲେ ସେ ତାଙ୍କ ସହିତ ।

ପ୍ରଦୀପବାବୁ ସମୁଦ୍ରଗର୍ଭରେ ସଦଳବଳେ ଯାତ୍ରା ଆରମ୍ଭ କରିସାରିଥିଲେ ।

ରାତ୍ରିର ଶେଷ ପ୍ରହର ସମୟକୁ ସେ ହୁଏତ ଏଇ ଅଞ୍ଚଳ ନିକଟରେ ପହଞ୍ଚିବେ । ତାଙ୍କୁ ନିଜର ଅବସ୍ଥିତି ଜଣାଇବାକୁ ଆଲୋକ ସଙ୍କେତ ଦେଖାଇବାକୁ ହେବ । ବିଜୟବାବୁ ଭାବିଲେ—ସମୁଦ୍ର ଭିତରକୁ ସଙ୍କେତ ଦେଖାଇବାପାଇଁ ତାଙ୍କ ନିକଟରେ ଥିଲା ମାତ୍ର ଟର୍ଚ୍ଚଲାଇଟଟିଏ । ସେଇଟି ଦସ୍ୟୁଦଳଙ୍କ ହାତରେ ପଡ଼ିଯାଇଛି । ବର୍ତ୍ତମାନ ଆଉ ଉପାୟ ନାହିଁ । କ'ଣ କରିବେ, କଣ କରିବେ, ଭାବୁ ଭାବୁ ତାଙ୍କର ମନେପଡ଼ିଲା ଯେ, ଜିପ୍‌ଟା ଅଛି ସମୁଦ୍ରକୂଳରେ । ତାର ହେଡ଼ଲାଇଟରେ ମଧ୍ୟ ସଙ୍କେତ ଦିଆଯାଇ ପାରେ, କିନ୍ତୁ ଜିପ୍ ରହିଲାଣି ଯାଇ ଦୁଇ ମାଇଲରୁ ଅଧିକ ଦୂରରେ ।

ଯେକୌଣସି ପ୍ରକାରେ ହେଉ, ସେଠାରେ ପହଞ୍ଚିବାକୁ ହେବ । ଯଥେଷ୍ଟ କ୍ଳାନ୍ତ ଲାଗୁଥିଲେ ବି ସେ ଊର୍ଦ୍ଧ୍ୱଶ୍ୱାସରେ ଛୁଟିଲେ ଜିପଗାଡ଼ିକୁ ଧରି ।

ନଅ

ପ୍ରଦୀପବାବୁ ଯେତେବେଳେ ହାତ ଧରି ବୋଟ୍ ଉପରୁ ଲଞ୍ଚ୍ ଉପରକୁ ତାଙ୍କୁ ଉଠାଇନେଲେ, ସେତେବେଳେ ଯାଇ ବିଜୟବାବୁ ବିଶ୍ୱାସ କଲେ ଯେ, ସେ ମୁକ୍ତି ପାଇ ଆସିଛନ୍ତି । ନ ହେଲେ ଶେଷ ପର୍ଯ୍ୟନ୍ତ ତାଙ୍କର ଜୀବନ ପ୍ରତି ମମତା ନ ଥିଲା ଆଦୌ । ପ୍ରତି ମୁହୂର୍ତ୍ତରେ ସେ ନିଜକୁ ବିପଦାପନ୍ନ ଏବଂ ଅସହାୟ ମନେ କରୁଥିଲେ । ଜୀବନରକ୍ଷା ମୋହରେ ସେ ଯେ କିପରି ଊର୍ଦ୍ଧ୍ୱଶ୍ୱାସରେ କ୍ଳାନ୍ତ ଅବସ୍ଥାରେ ଧାଇଁ ଆସିପାରିଲେ ଏବଂ ପ୍ରଦୀପବାବୁଙ୍କ ଆଲୋକ ସଙ୍କେତକୁ ଲକ୍ଷ୍ୟ କରି ସଙ୍କେତରେ ପ୍ରତ୍ୟୁତ୍ତର ଦେଇପାରିଲେ ତାହା ବର୍ତ୍ତମାନ ଭାବି ଆଶ୍ଚର୍ଯ୍ୟ ହେଉଥିଲେ

Digitized by PPRACHIN, SOA

ସେ । ଅବଶ୍ୟ ସଙ୍କେତ ପାଇଲାମାତ୍ରେ ପ୍ରଦୀପବାବୁ ଗୋଟାଏ ବୋଟ ଆଉ ଦଶଜଣ ସୁଦକ୍ଷ ନାବିକ ସିପାହୀ ପଠାଇଦେଇଥିଲେ କୂଳକୁ । ସେମାନଙ୍କ ସାହାଯ୍ୟରେ ବିଜୟବାବୁ ଯାଇପାରିଲେ ସମୁଦ୍ର ଭିତରେ ଥିବା ଲଞ୍ଚ୍ ନନ୍ଦନଟକୁ ।

ଲଞ୍ଚ୍‌ର ଗୋଟିଏ ବିସ୍ତୃତ ପ୍ରକୋଷ୍ଠରେ ରୂପନାରାୟଣବାବୁ, ତାରକନାଥ ଆଉ ଗରିଲା ସୁଲତାନ ଥିଲେ । ବିଜୟବାବୁ ପ୍ରଦୀପବାବୁଙ୍କ ସହିତ ଯାଇ ସେଠାରେ ପହଞ୍ଚିଗଲେ । ଅଳ୍ପ ସମୟ ମଧ୍ୟରେ ପରିଚୟ ଆଦାନ ପ୍ରଦାନ ଏବଂ ଆଳାପ ହୋଇଗଲା । ବିଜୟବାବୁ ଦେଖିଲେ—ଯାହା କହୁନ୍ତୁ ତାରକନାଥ ଜଣେ ଅତିମାନବ । ବ୍ୟାୟାମପୁଷ୍ଟ ବଳିଷ୍ଠ ମାଂସପେଶୀବହୁଳ ସୁଠାମ ଦେହ । ଦେଖିଲାକ୍ଷଣି ନିଃସନ୍ଦେହରେ ଜାଣିହେଉଛି ଯେ, ସେଥିରେ ଶକ୍ତି ଗୁଡ଼ିହୋଇଛି । ସରଳ, ଅମାୟିକ ବ୍ୟବହାର । ଆଉ ଗରିଲା ସୁଲତାନ···ପଶୁ ହେଲେ ବି ସେ କ'ଣ ହେଲା, ମନୁଷ୍ୟ ପରି କଥା ସେ କହିପାରେ ନାହିଁ; ନ ହେଲେ ଚାଲିଚଳନ, ହାବଭାବ ତାର ମନୁଷ୍ୟ ପରି । ଟାଇଗର ପ୍ରଥମେ ପ୍ରଥମେ ସୁଲତାନକୁ ଦେଖି ଟିକେ ଥରଥର ହେଉଥିଲା । କିନ୍ତୁ ସୁଲତାନ ଗୋଟାଏ ଝାମ୍ପରେ ତାକୁ ପାଖକୁ ଟାଣିନେଇ ଖେଳିଲାଣି । ଗୋଟିଏ ସୁଖୀ ପରିବାର ପରି ଏମାନେ ସବୁ ଚାଲିଛନ୍ତି ସମୁଦ୍ର ବକ୍ଷରେ । ଏମାନଙ୍କର ଲଞ୍ଚକୁ ଘେରି ଆଗ ପଛ ହୋଇ ଚାରିଟି ପୋଲିସ ଲଞ୍ଚ୍ ଚାଲିଛି । ପ୍ରତ୍ୟେକରେ ସୁଶିକ୍ଷିତ ସିପାହୀ, ଅସ୍ତ୍ରଶସ୍ତ୍ର ପରିପୂର୍ଣ୍ଣ, ଭୟ ନାହିଁ । ଦିନ ହେବା ପୂର୍ବରୁ ଦୂରର କୌଣସି ପଦାର୍ଥ ଲକ୍ଷ୍ୟ କରିବା ସମ୍ଭବ ନୁହେଁ । ତେଣୁ ଧୀରମନ୍ଥର ଗତିରେ ଚାଲିଛନ୍ତି । ସକାଳ ହେଲେ ଯାହାହେବ ।

ସକାଳୁ ସକାଳୁ ଯେ ଘୋର ସଂଘର୍ଷର ସୂତ୍ରପାତ ହୋଇ ନ ଯିବ ତାହା କିଏ କହିବ ? ତେଣୁ ପ୍ରଦୀପବାବୁ ଆଉ ରୂପନାରାୟଣବାବୁଙ୍କ ଉପଦେଶାନୁଯାୟୀ ବିଜୟବାବୁ ସାମାନ୍ୟ କିଛି ଆହାର କରି ବିଶ୍ରାମ କରିବାକୁ ଚାଲିଗଲେ ଅନ୍ୟ କୋଠରୀକୁ । ଅଳ୍ପ ସମୟ ମଧ୍ୟରେ ଅବସନ୍ନ ଦେହ ତାଙ୍କର ଗଭୀର ନିଦ୍ରାରେ ଅଭିଭୂତ ହୋଇପଡ଼ିଲା ।

× × × ×

Digitized by PPRACHIN, SOA

ବଳସ୍ତୁବାବୁଙ୍କ ନିଦ ଭାଙ୍ଗିଲାବେଳକୁ ପ୍ରାୟ ନଅଟା ବାଜିଗଲାଣି । ଲଞ୍ଚ୍ କେତେଖଣ୍ଡ ଗୁରୁଗମ୍ଭୀର ଗର୍ଜନ କରି ତୀବ୍ର ଗତିରେ ଚାଲିଥାଏ ସେତେବେଳକୁ । ସମୁଦ୍ରର ଜଳରାଶି ସ୍ଥିର । ସେ ଏତେବେଳଯାଏ ଶୋଇପଡ଼ିଥିବାରୁ ମନେ ମନେ ଟିକିଏ ଲଜ୍ଜିତ ହୋଇପଡ଼ିଲେ । କିନ୍ତୁ ଯଥେଷ୍ଟ ବିଶ୍ରାମ ଫଳରେ ଦେହରେ ନୂତନ ତେଜ, ବଳ ଓ ସାହସ ଉପଲବ୍ଧି କରୁଥିଲେ । ଆଉ ସମୟ ନଷ୍ଟ ନ କରି ଖୁବ୍ ଶୀଘ୍ର ନିତ୍ୟକର୍ମ ଶେଷ କରି ଲାଗିପଡ଼ିଲେ ।

ସେତେବେଳକୁ ସମଗ୍ର ପୋଲିସ୍ ବାହିନୀ ଡେକ୍ ଉପରେ ସଶସ୍ତ୍ର ପ୍ରସ୍ତୁତ ହୋଇ ରହିଥାନ୍ତି । ଛଅଖଣ୍ଡ ବିରାଟକାୟ ଶକ୍ତିଶାଳୀ ଲଞ୍ଚ୍ ଲଗାଲଗି ହୋଇ ଯାଉଥାଏ । ବେଳେବେଳେ ସିଗ୍ନାଲ୍ ଦ୍ୱାରା ଗୋଟିକୁ ଆଉ ଗୋଟିକ ସହିତ ସଂଯୋଗ କରିଦିଆଯାଉଥାଏ । ପୋଲିସ ଲଞ୍ଚ୍‌ବାହିନୀର ନେତୃତ୍ୱ ନେଇଥାନ୍ତି କମିଶନର ମିଷ୍ଟର ବ୍ରାଉନ । ମିଷ୍ଟର ବାଉନଙ୍କ ଆସିବା ସମ୍ବାଦ ଗତରାତ୍ରିରେ ପାଇ ନ ଥିଲେ ବଳସ୍ତୁବାବୁ ।

ପ୍ରତାପବାବୁ ଆଉ ରୂପନାରାୟଣବାବୁ ଆଖିରେ ଶକ୍ତିଶାଳୀ ଦୂରବୀକ୍ଷଣ ଲଗାଇ ଦୂର ସମୁଦ୍ରପଥକୁ ନିରୀକ୍ଷଣ କରୁଥିଲେ । ଏଇଘଣ୍ଟାକ ପୂର୍ବରୁ ପ୍ରାୟ ଚାରି-ପାଞ୍ଚ ମାଇଲ ଦୂରରେ ଦୁଇ ଖଣ୍ଡ ଲଞ୍ଚ୍ ମାତ୍ର କେତୋଟି ମୁହୂର୍ତ୍ତ ପାଇଁ ଦୃଷ୍ଟି ପଥା-ରୂଢ଼ ହୋଇଥିଲା ସେମାନଙ୍କର । ତା ପୁଣି କେତେ ମିନିଟ୍ ପାଇଁ, ତା'ପରେ ଆଉ କିଛି ନାହିଁ । ଲଞ୍ଚ୍ ଦୁଇଖଣ୍ଡି କୁଆଡ଼େ ଯେ ଗଲା ତା'ର ପତ୍ତା ନାହିଁ । ସେଥିନିମନ୍ତେ ପୋଲିସ ବାହିନୀକୁ ସଜାଗ କରି ରଖାଯାଇଛି । ଅନ୍ୟମାନେ ମଧ୍ୟ ସଜାଗ ଅଛନ୍ତି । ପୋଲିସ କମାଣ୍ଡାର ଲଞ୍ଚ୍ ଦୁଇଟି ଚାଲିଛି ଆଗରେ; ତା ପଛକୁ ଅନ୍ୟଗୁଡ଼ିକ । ମିଷ୍ଟର ବ୍ରାଉନ କମାଣ୍ଡାର ଲଞ୍ଚ୍‌ରେ ଥାଇ ଆଗକୁ ନିରୀକ୍ଷଣ କରୁଛନ୍ତି ଦୂରବୀକ୍ଷଣ ସାହାଯ୍ୟରେ । ଓ୍ୟାରଲେସ୍ ଦ୍ୱାରା ବେଳେବେଳେ ପରସ୍ପର ସହିତ କଥାବାର୍ତ୍ତା କରୁଛନ୍ତି ମଧ୍ୟ ।

ଦିନ ଗୋଟାଏ ବେଳକୁ ପୋଲିସ ବାହିନୀ ପ୍ରାୟ ତିରିଶ ମାଇଲ ପଥ ଅତିକ୍ରମ କରିସାରିଥିଲେ । ପ୍ରତାପବାବୁ ଓ୍ୟାରଲେସ୍‌ରେ ସବୁ ଲଞ୍ଚ୍‌କୁ ଡାକି ନିର୍ଦ୍ଦେଶ ଦେଲେ—'ଦକ୍ଷିଣକୁ ଚଲ ଏଥର ।' ନିର୍ଦ୍ଦେଶାନୁସାରେ ସବୁଗୁଡ଼ିକ ଦିଗ ବୁଲାଇ ଚାଲିଲେ । ଡେକ୍ ଉପରେ ସେତେବେଳେ ଆସିଥିଲେ ରୂପନାରାୟଣବାବୁ

Digitized by PPRACHIN, SOA

ଆଉ ପ୍ରଦୀପବାବୁ । ପ୍ରଦୀପବାବୁ ନକ୍ସାଟା ରୂପନାରାୟଣ ବାବୁଙ୍କୁ ଦେଖାଇ କହିଲେ—"ଆଉ ହୁଏତ କୋଡ଼ିଏ କିମ୍ବା ଖୁବ୍ ବେଶିହେଲେ ତିରିଶିମାଇଲ ଆମକୁ ଯିବାକୁ ହେବ ।"

—"ହଁ, ମୁଁ ବି ସେଇଆ ଅନୁମାନ କରୁଛି । ଯଦି ଆମେ ଠିକ୍ ରତ୍ନଦ୍ୱୀପ ଦିଗରେ ଯାଉଥିବା ତେବେ ସନ୍ଧ୍ୟା ପୂର୍ବରୁ ସେଠି ପହଞ୍ଚି ପାରୁନଥାଇଁ କେବେ ।"

ଅନ୍ୟଦିଗରେ ବିଜୟବାବୁ ଆଉ ତାରଜନ୍ ବୁଲି ବୁଲି ଆଳାପ ମଗ୍ନ ଥା'ନ୍ତି । ତାରଜନ୍ ତା'ର ଅତୀତ ଜୀବନର ରୋମାଞ୍ଚକର ଏବଂ କରୁଣ କାହାଣୀ ଗୁଡ଼ିକ ଶୁଣାଇ ଚମତ୍କୃତ କରିଦେଉଥାଏ ବିଜୟବାବୁଙ୍କୁ । ସୁଲତାନ ଡେକ୍ ଉପରେ ସ୍ଥିରଭାବରେ ବସିରହି ନୀଳ ସମୁଦ୍ରର ଅନନ୍ତ ଜଳରାଶିକୁ ଏକଧ୍ୟାନରେ ଚାହିଁ ରହୁଥାଏ ।

ଲଞ୍ଚଗୁଡ଼ିକ ଦକ୍ଷିଣାଭିମୁଖୀ ଧାଇଁଥାଏ ତୀବ୍ରଗତିରେ । ଏତିକିବେଳେ ସୂର୍ଯ୍ୟ ଅସ୍ତ ହେବାର ଉପକ୍ରମ କଲେ । ତା' ସଙ୍ଗେ ସଙ୍ଗେ ଉତ୍ତର ଆକାଶରେ ମେଘ ଖଣ୍ଡିଏ ଉଠାଇ ଆସିଲା । ରୂପନାରାୟଣବାବୁ ମନରେ ପ୍ରମାଦ ଗଣିଲେ । ଦୈବାତ୍ ଯଦି ସମୁଦ୍ର ଉପରେ ଝଡ଼ବର୍ଷା ଆରମ୍ଭ ହୋଇଯାଏ, ତେବେ ସର୍ବନାଶ । ସତର୍କ ରହିବାପାଇଁ ସବୁ ଲଞ୍ଚଗୁଡ଼ିକୁ ଚେତାଇ ଦେଲେ ସେ ।

ଠିକ୍ ଏତିକିବେଳେ କେତେଗୁଡ଼ିଏ ଚଢ଼େଇ ଦଳ ଦଳ ହୋଇ କିଚିରି ମିଚିରି ଶବ୍ଦ କରି ଉଡ଼ିଯାଉଥିଲେ ଦକ୍ଷିଣ ଦିଗକୁ । ପ୍ରଦୀପବାବୁ ସେଇଆକୁ ଲକ୍ଷ୍ୟକରି ଆନନ୍ଦରେ କହିଲେ, "ଆମେ ଆଉ ବେଶିଦୂରରେ ନାହିଁ ବୋଧହୁଏ । କାରଣ ଏଇ ପକ୍ଷୀଗୁଡ଼ିକ ହୁଏତ ରତ୍ନଦ୍ୱୀପର ବାସିନ୍ଦା । ଆଖପାଖରେ ଆଉ କେଉଁଠି କିଛି ଦ୍ୱୀପର ଉଲ୍ଲେଖ ତ ନାହିଁ ନୌବିଭାଗ ମାନଚିତ୍ରରେ । ଏହି ପକ୍ଷୀମାନେ ତ ପୁଣି ସନ୍ଧ୍ୟା ସୁଦ୍ଧା ଦ୍ୱୀପରେ ପହଞ୍ଚିବେ । ତେଣୁ ଏଇମାନଙ୍କୁ ଅନୁସରଣ କରି ଚାଲିଲେ ଆମେ ବି ତାଙ୍କ ପଛେ ପଛେ ସେଠାରେ ପହଞ୍ଚିଯିବା ସମ୍ଭବ ।"

ରୂପନାରାୟଣବାବୁ ଚଢ଼େଇଗୁଡ଼ିକୁ ଚାହିଁ କହିଲେ—'ହଁ, ସେ କଥା ଠିକ୍ । ତେବେ ଆମକୁ ସନ୍ଧ୍ୟା ପୂର୍ବରୁ ସେଠାରେ ପହଞ୍ଚିବାକୁ ହେଲେ ଏଇ ପକ୍ଷୀମାନଙ୍କ

Digitized by PPRACHIN, SOA

ଗତି ସହିତ ସମାନ ଗତି କରିବାକୁ ହେବ । ଆପଣ ଲଞ୍ଚଗୁଡ଼ିକର ସ୍ପିଡ୍ ବଢ଼ାଇବାକୁ ଅର୍ଡ଼ର ଦିଅନ୍ତୁ । ଏଣେ ବି ବିପଦ ମାଡ଼ି ଆସିଲାଣି ।" ରୂପନାରାୟଣବାବୁ ଉତ୍ତର-ଦିଗରୁ ଉଠିଆସୁଥିବା ମେଘ ଆଡ଼କୁ ଆଙ୍ଗୁଳି ଦେଖାଇଲେ ।

ପ୍ରତାପବାବୁ ସେହି ଦିଗକୁ ଚାହିଁ ଦେଖିଲେ କଳାହାଣ୍ଡିଆ ମେଘ ଆକାଶର ଅଧାଅଧି ପର୍ଯ୍ୟନ୍ତ ମାଡ଼ିଆସିଲାଣି । ସେ ତତ୍‌କ୍ଷଣାତ୍ ସେ ଖବର ସମସ୍ତଙ୍କୁ ଜଣାଇ-ଦେଇ , ଚଢ଼େଇମାନଙ୍କ ଉଡ଼ିଯାଉଥିବା ଦିଗକୁ ଲକ୍ଷ୍ୟ କରି ଆହୁରି ଦ୍ରୁତଗତିରେ ଲଞ୍ଚ ଚଳାଇବାକୁ ନିର୍ଦ୍ଦେଶ ଦେଲେ । ଲଞ୍ଚଗୁଡ଼ିକ ଆହୁରି ଜୋରରେ ଗର୍ଜନ କରି ପାଣି କାଟି ଚାଲିଲା ମାଛ ପରି ।

ପ୍ରାୟ ଅଧଘଣ୍ଟାକ ପରେ ସବୁଠାରୁ ଆଗରେ ଯାଉଥିବା ଲଞ୍ଚ ଉପରୁ କମିଶନ ମିଷ୍ଟର ବ୍ରାଉନ୍ ଚିତ୍କାର କରିଉଠିଲେ, "ଏଇ ଆଗରେ ରତ୍ନଦ୍ୱୀପ ଦେଖନ୍ତୁ ପ୍ରତାପବାବୁ !"

ମିଷ୍ଟର ବ୍ରାଉନ୍ ଆଖି ଆଗରୁ ଦୂରବୀକ୍ଷଣଟା କାଢ଼ି ନ ଥାନ୍ତୁ, ରୂପନାରାୟଣ ବାବୁ, ପ୍ରତାପବାବୁ, ଜନସ୍ବବାବୁ ଏବଂ ଅନ୍ୟମାନେ ମଧ୍ୟ ନିଜ ନିଜର ଦୂରବୀକ୍ଷଣ ଆଖିରେ ଲଗାଇ ଦେଖିବାକୁ ଲାଗିଲେ ସେହି ଦିଗକୁ । ଦୂରରେ—ବହୁ ଦୂରରେ ଦିଶୁଛି ଲତାବୃକ୍ଷବେଷ୍ଟିତ ଗୋଟାଏ ଦ୍ୱୀପ । ମଝିରେ ଗୋଟାଏ ପାହାଡ଼ ବି ଦିଶୁଛି । ସେତେବେଳେ ସେମାନେ ଯେଉଁଠାରେ ଥିଲେ ସେଠାରୁ ସେ ସ୍ଥାନଟାର ଦୂରତା ପ୍ରାୟ ପାଞ୍ଚ ମାଇଲ ହେବ । ଏଇ ରତ୍ନଦ୍ୱୀପ କେତେ ବିଭୀଷିକା ସୃଷ୍ଟି କରିଛି ; ଯା'ର ପାଇଁ କେତେ ରକ୍ତପାତ ପ୍ରାଣପାତ ହୋଇଗଲାଣି । ତଥାପି ତା'ର ରହସ୍ୟର ଉଦ୍‌ଘାଟନ ହୋଇପାରିନାହିଁ । ଆଜି ସେହି ରହସ୍ୟାବୃତ ଦ୍ୱୀପକୁ ଆଖି ଆଗରେ ଦେଖି ସମସ୍ତେ ଆନନ୍ଦ, ବିସ୍ମୟ, ଭୟରେ ଅଭିଭୂତ ହୋଇ ପଡ଼ିଲେ । ସମସ୍ତଙ୍କର ହୃତପିଣ୍ଡର ସ୍ପନ୍ଦନ ବଢ଼ିଗଲା ବହୁଗୁଣରେ ।

ରତ୍ନଦ୍ୱୀପ କ୍ରମେ ପାଖେଇ ଆସୁଥିଲା । ଏଣିକି ଆଉ ଦୂରବୀକ୍ଷଣର ସାହାଯ୍ୟ ନେବା ଦରକାର ପଡ଼ିଲା ନାହିଁ । ସମସ୍ତେ ଡେକ୍ ଉପରେ ଠିଆହୋଇ ଲକ୍ଷ୍ୟ କରୁଥିଲେ, ଅଙ୍ଗଦ ସିଂର ଲଞ୍ଚଗୁଡ଼ା ଅଛି କେଉଁଠି । ପୋଲିସବାହିନୀ ନିଜ ନିଜର ଅସ୍ତ୍ରଶସ୍ତ୍ର ସହ ସୁସଜ୍ଜିତ ହୋଇ ରହିଥିଲେ । କମାଣଗୁଡ଼ିକରେ ଗୋଳା ଭର୍ତ୍ତି କରି ସେଗୁଡ଼ିକ ପ୍ରସ୍ତୁତ କରି ରଖିଦିଆଗଲା । ଅଙ୍ଗଦ ସିଂ ଦଳବଳ ସେ

Digitized by PPRACHIN, SOA

ଆସି ରତ୍ନଦ୍ୱୀପରେ ପହଞ୍ଚିଯାଇଥିବ ଏଥିରେ ଆଉ କିଛି ସନ୍ଦେହ ନ ଥିଲା । କାରଣ ଯେଉଁ ନକସାର ନକଲରୁ ଅନୁସନ୍ଧାନ କରି ସେମାନେ ଆସିଛନ୍ତି, ସେହି ନକ୍ସା ନିର୍ଦ୍ଦେଶକୁ ସେ ମଧ୍ୟ ଅନୁସରଣ କରିଛି; ବରଂ ଆଗରୁ ସେ ଯାତ୍ରା କରିଛି । ତେଣୁ ଆଗେ ପହଞ୍ଚିବା ସମ୍ଭବ । ସେ ଯଦି ଏମାନଙ୍କର ସୂଚନା କୌଣସିପ୍ରକାରେ ପାଇଥିବ, ତେବେ ରତ୍ନଦ୍ୱୀପ ଉପକୂଳରେ ପ୍ରସ୍ତୁତ ରହି ଆକ୍ରମଣ କରିପାରେ, ତେବେ ତ ସର୍ବନାଶ । ତା'ର ଆକ୍ରମଣର ପ୍ରତିଆକ୍ରମଣ ପାଇଁ ଯଥାମତ ପ୍ରସ୍ତୁତ ନ ରହିଲେ ତେଣିକି ଅସୁବିଧାର ସମ୍ମୁଖୀନ ହେବା କଥା ।

ଆଉ ମାଇଲିଏ । ଗଛପତ୍ରଗୁଡ଼ା ପରିଷ୍କାର ଦିଶୁଛି, ତା' ସାଙ୍ଗରେ ପାଖାପାଖି ଦୁଇଟା ଛୋଟ ଛୋଟ ପାହାଡ଼ ବି । କିନ୍ତୁ କୂଳ ନିକଟରେ ଗୋଟିଏ ହେଲେ ଲଞ୍ଚ କି ବୋଟ ଦେଖାଯାଉନି । ସମସ୍ତଙ୍କ ମନରେ ବିସ୍ମୟର ପ୍ରଶ୍ନ । ତେବେ ଅଙ୍ଗଦ ସିଂ କ'ଣ ଏତେକ୍ଷଣ ପହଞ୍ଚିପାରିନି, ନା ବିପରୀତ ଦିଗରେ ଓହ୍ଲାଇଛି ? ଆଚ୍ଛା, ଦେଖାଯାଉ ।

ହଠାତ୍ ଘଡ଼ଘଡ଼ିର ପ୍ରଚଣ୍ଡ ଗର୍ଜନରେ ସମସ୍ତେ ଚମକିପଡ଼ିଲେ । ମେଘ ଯେ ସମଗ୍ର ଆକାଶଟାକୁ ଘୋଡ଼ାଇ ଦେଇ ଅନ୍ଧାର ହୋଇପଡ଼ିବାକୁ ଉପକ୍ରମ କଲାଣି ସେ ଦିଗକୁ ଲକ୍ଷ୍ୟ ନାହିଁ କାହାରି । ପ୍ରଦୀପବାବୁ ଚିତ୍କାର କରି ସମସ୍ତଙ୍କୁ ଶୁଣାଇ କହିଲେ, "ଝଡ଼ର ନିଶ୍ଚିତ ସମ୍ଭାବନା । ତା ପୂର୍ବରୁ କୂଳରେ ପହଞ୍ଚିବା ଦରକାର ।

ହଠାତ୍ ସମୁଦ୍ରର ସ୍ଥିର ନୀଳ ଜଳରାଶି ଉତ୍ତାଳ ହୋଇଉଠିଲା । ଗଛ ଉଚ୍ଚର ପ୍ରକାଣ୍ଡ ପ୍ରକାଣ୍ଡ ଢେଉଗୁଡ଼ା ଇତସ୍ତତଃ ମାଡ଼ିଆସିଲା । ଲଞ୍ଚକୁ ଆୟତ୍ତରେ ରଖିବା ବଡ଼ କଠିନ ହୋଇଉଠିଲା ସେତେବେଳେ । କୂଳ ଆଉ ମାତ୍ର ହଜାରେ ଗଜ ଭିତରେ । ରତ୍ନଦ୍ୱୀପ ଗଛଗୁଡ଼ା ଝଡ଼ ପ୍ରକୋପରେ ଅଜାଡ଼ିହୋଇ ପଡ଼ୁଥାନ୍ତି । ପ୍ରକାଣ୍ଡ ପ୍ରକାଣ୍ଡ ଲହଡ଼ିଗୁଡ଼ା ମାଡ଼ ଯାଉଥାଏ ଦ୍ୱୀପ ଉପରେ କୂଳର ଗଛଲତା ବୁଡ଼ାଇଦେଇ । ପ୍ରଦୀପବାବୁ ଦେଖିଲେ, ଏପରି ସମୟରେ କୂଳରେ ମଧ୍ୟ ଲଞ୍ଚ୍ ଲଙ୍ଗର କରିବା ବିପଦଜନକ । କାରଣ ଲହଡ଼ି କେତେବେଳେ ଲଞ୍ଚକୁ ନେଇ ଯେ କୂଳରେ ପିଟି ଖଣ୍ଡ ଖଣ୍ଡ କରିଦେବ ତା'ର ଠିକଣା ନାହିଁ । ସମୁଦ୍ର ଯାତ୍ରାରେ ଏଇ ସାମୁଦ୍ରିକ ଝଡ଼ହେଉଛି ଏକମାତ୍ର ପ୍ରାକୃତିକ ବିପଦ । ଏହା ହୁଏତ ଅଳ୍ପ

Digitized by PPRACHIN, SOA

ବା ଦୀର୍ଘକାଳ ସ୍ଥାୟୀ ହୋଇପାରେ । ଏଣେ ଅନ୍ଧକାର ମାଡ଼ିଆସୁଛି, ଜଳ ବି ଲକ୍ଷ୍ୟ କରି ହେଉନାହିଁ ଭଲଭାବରେ ।

କ୍ରମେ ଅନ୍ଧକାର ଆହୁରି ଘନୀଭୂତ ହୋଇଆସିଲା । ରତ୍ନଦ୍ୱୀପଠାରୁ ମାତ୍ର କେତେଶହ ଗଜ ବ୍ୟବଧାନରେ ବିପଦଗ୍ରସ୍ତ ହୋଇ ସତୃଷ୍ଣ ଦୃଷ୍ଟିରେ ଚାହିଁଥିଲେ ପୋଲିସବାହିନୀ । ବନ୍ଧୁ ଆସ୍ପାସରେ ଲଞ୍ଚ ଗୁଡ଼ିକୁ ଆଶ୍ରୟ କରିବାକୁ ହେଉଥାଏ । ବଞ୍ଚିବାର ଆଶା କେବଳ ଏତିକି ଥାଏ ଯେ, ଛଅ ଖଣ୍ଡି ଯାକ ଲଞ୍ଚକୁ ଖୁବ୍ ମୋଟା, ଶକ୍ତ ଲୁହା ଜଞ୍ଜିର ସାହାଯ୍ୟରେ ପରସ୍ପର ସହିତ ସଂଯୁକ୍ତ କରି ଦିଆଯାଇଥାଏ । ତେଣୁ ଗୋଟାଏ ଗୋଟାଏ କରି ଲଞ୍ଚ କେଉଁଆଡ଼େ ଛିଟିକିବାର ଭୟ ନ ଥାଏ ।

ହଠାତ୍ ପ୍ରଳୟ ଗର୍ଜନ କରି ତାଳ ଗଛ ଉଚ୍ଚର ଗୋଟାଏ ଢେଉ ମାଡ଼ିଆସିଲା ସମୁଦ୍ର ଭିତରୁ କୂଳ ଆଡ଼କୁ । ତାର କବଳରେ ପଡ଼ି ସବୁଗୁଡ଼ାକ ଲଞ୍ଚ ଉଠିଗଲା ଉପରକୁ । ଆରୋହୀଗଣ ପ୍ରମାଦ ଗଣିଲେ । ପର ମୁହୂର୍ତ୍ତରେ ପ୍ରକାଣ୍ଡ ଢେଉଟା ମାଡ଼ି ଦେଲା ଭାଙ୍ଗିଲା ପରି ମିଳେଇଗଲା କୂଳରେ । ଲଞ୍ଚ କେତେ ଖଣ୍ଡ ସେତିକିରେ ଏତେ ଜୋରରେ କଟ ହୋଇଗଲା ଯେ, ଏକବାରେ ଛିନ୍ନ ବିଛିନ୍ନ ହୋଇଗଲା ତା'ର ସଂଯୋଗ ଜଞ୍ଜିର । ତା' ଭିତରେ ଥିବା ଆରୋହୀଗଣଙ୍କ ଅବସ୍ଥା ଆହୁରି ଶୋଚନୀୟ । ଏ ପ୍ରଚଣ୍ଡ ଆଘାତରେ ଗୋଟି ଗୋଟି ହୋଇ ତଳେ ବା ପରସ୍ପର ମଧ୍ୟରେ ବାଡ଼େଇ ହୋଇ ଆହତ ହୋଇପଡ଼ିଲେ । ନିଜକୁ ସଂଯତ କରୁ କରୁ ଆଉ ଗୋଟାଏ ପ୍ରକାଣ୍ଡ ଢେଉ ଠେଲି ନେଇ ଲଞ୍ଚଗୁଡ଼ାକୁ ଇତସ୍ତତଃ କରିପକାଇଲା । ତା' ପରେ ପରେ ମାଡ଼ିଆସିଲା ଢେଉପରେ ଢେଉ । ତା' ସାଙ୍ଗକୁ ଘନ ଅନ୍ଧକାର । ଜଳ, ସ୍ଥଳ, ଆକାଶ ସବୁ ଏକାକାର ଦିଶୁଛି । ଲଞ୍ଚଗୁଡ଼ା କିଏ କେଉଁ ଦିଗରେ ଗଲା ତା'ର ପତ୍ତା ମିଳିଲା ନାହିଁ ଅନ୍ଧକାରରେ ।

ମେଘ, ଝଡ଼, ଘଡ଼ଘଡ଼ି, ବିଜୁଳିର ପ୍ରଳୟ ତାଣ୍ଡବ ଚାଲିଲା ମଧ୍ୟରାତ୍ର ପର୍ଯ୍ୟନ୍ତ ସମୁଦ୍ର ଆଉ ରତ୍ନଦ୍ୱୀପରେ । ସେହି ଝଡ଼ ଯେପରି ରତ୍ନଦ୍ୱୀପରେ ଆଗତ ଝଞ୍ଜାର ସୂଚନା ଦେଉଥିଲା ।

ବିଛିନ୍ନ ପୋଲିସବାହିନୀ କିଏ କେଉଁଠି ରହିଲେ, ତାହା ଜାଣିବାର ଉପାୟ ରହିଲା ନାହିଁ କାହାର ।

—*—

Digitized by PPRACHIN, SOA

ଦଶ

ରତ୍ନଦ୍ୱୀପ ଉପକୂଳରେ କିଚିରି ମିଚିରି ଶବ୍ଦ କରି ଘୂରି ଉଠିଲେ ଚଢ଼େଇ-ଗୁଡ଼ା । ସକାଳ ହେବାର ସୂଚନା । ବିଗତ ରାତିର ପ୍ରଳୟଙ୍କରୀ ଝଡ଼ତୋଫାନ ଶାନ୍ତ ହୋଇଯାଇଛି । କିନ୍ତୁ ତା'ର ଚିହ୍ନ ରହିଛି ଏପର୍ଯ୍ୟନ୍ତ । ବଡ଼ ବଡ଼ ଗଛ କେତେଗୁଡ଼ାଏ ଭାଙ୍ଗି ଶୋଇପଡ଼ିଛି ସମୁଦ୍ର ଭିତରକୁ । ସାନ ବଡ଼ ଡାଳ କେତେ ଯେ ଭାଙ୍ଗି ଇତସ୍ତତଃ ହୋଇ ପଡ଼ିଛି ତା'ର ଇୟତ୍ତା ନାହିଁ । ସମୁଦ୍ର ବର୍ତ୍ତମାନ ସମ୍ପୂର୍ଣ୍ଣ ଶାନ୍ତ ।

ଆସ୍ତେ ଆସ୍ତେ ସୂର୍ଯ୍ୟ ଉଦୟ ହେଲେ ପୂର୍ବ ଦିଗବଳୟରେଖା ତଳୁ । ସୁନେଲି କିରଣ ବର୍ଷ ହୋଇପଡ଼ିଲା ସମୁଦ୍ର ଉପରେ ।

ଗୋଟାଏ ପ୍ରକାଣ୍ଡ ପଥର ଉହାଡ଼ରୁ ଆସ୍ତେ ଆସ୍ତେ ମୁଣ୍ଡ ଟେକି ଉଠିଲା ତାରକନ । ବର୍ଷାରେ ଦେହ ସମ୍ପୂର୍ଣ୍ଣ ଓଦା । କିନ୍ତୁ ଦେହର କିଛି କ୍ଷତ ହୋଇନି । ଉଠିବା ସଙ୍ଗେ ସଙ୍ଗେ ପୋଷାକ ପତ୍ରଗୁଡ଼ା ଖୋଲି ଦେହଟାକୁ ଥରେ ପୋଛିଦେଲା । ତା'ପରେ ଏଣିକି ତେଣିକି ବୁଲିଲା କିଛି ସମୟ । କେହି ଜଣେ ହେଲେ ଦୃଷ୍ଟି ସୀମା ଭିତରେ ନାହାନ୍ତି । କିପରି ଗୋଟାଏ ଅବୋଧ ଭୀତ ଚିତ୍କାରରେ ସେ ଉପକୂଳଟାକୁ କମ୍ପାଇଦେଲା କେତେଥର । ଠିକ ତା'ପରେ ପରେ ପାଖରେ ଗଛବୁଦା ଆଡ଼େଇ କେହି ଧପ୍ ଧପ୍ କରି ଚାଲିଆସିବାର ଶବ୍ଦ ଶୁଣାଗଲା । ତା'ର ପର ମୁହୂର୍ତ୍ତରେ ପାଖରେ ଆସି ଠିଆହେଲା ସୁଲତାନ । ଉଭୟେ ଉଭୟଙ୍କୁ ଦେଖି ଆନନ୍ଦରେ କୋଳା କୋଳି ହୋଇପଡ଼ିଲେ ଟିକିଏ ।

ତାରକନର ଏଥର ଆଉ ଭୟ ନ ଥିଲା । ସେ ନିରସ୍ତ୍ର; କିନ୍ତୁ ନିଃସହାୟ ନୁହେଁ । ଏକା ସୁଲତାନ ହିଁ ତା'ର ସବୁ । ମନ କଲେ ସାରା ରତ୍ନଦ୍ୱୀପଟା ସେ ତା'ର ପରାକ୍ରମ ବଳରେ ଅଧିକାର କରି ନେଇପାରେ । ସୁଲତାନ ଯେତେବେଳକୁ ଚତୁର୍ଦ୍ଦିଗ ନିରୀକ୍ଷଣ କରିବାରେ ବ୍ୟସ୍ତ । ହଠାତ୍ ଚରଚରି ଶବ୍ଦ କରି ଗୋଟିଏ ବୁଦା ଉହାଡ଼ରୁ ତାରକନର ଛୁରୀଟା ଗୋଟାଇ ଆଣିଲା । ତାରକନ ସେଖଣ୍ଡି ହାତରେ ନେଇ ଦେଖିଲା । ଗତ ରାତିରେ କିପରି ଅଣ୍ଟା ବେଲଟରୁ ଫିଟିଯାଇ ପଡ଼ିଛି ସେଠି । ଏଇ ଛୁରୀ ଖଣ୍ଡି ତା'ର ଅତି ପ୍ରିୟ ଏବଂ ବହୁଦିନର ସାଥୀ । ନିର୍ଜନ ଜଙ୍ଗଲରେ

Digitized by PPRACHIN, SOA

ହିଂସ୍ରଜନ୍ତୁଙ୍କ ମେଳରେ ସେ ଯେତେବେଳେ ଦିନ କଟାଉଥିଲା, ସେତେବେଳେ ଏଇ ଛୁରୀ ଖଣ୍ଡିକହିଁ ଥିଲା ତା'ର ଆତ୍ମରକ୍ଷାର ଏକମାତ୍ର ସମ୍ବଳ । କେତେ ହିଂସ୍ରଜନ୍ତୁଙ୍କ ରକ୍ତରେ ଯେ ଧୋଇ ହୋଇଛି ଏ ଖଣ୍ଡିକ ତା'ର ସୀମା ନାହିଁ । ଏବେ ମଧ୍ୟ ଧାର ଅତୁଟ ରହିଛି ତା'ର । ସେ ଖଣ୍ଡି ପାଇ ତାରଜନ ମନରେ ସାହସ ବଢ଼ିଗଲା ଅନେକ ପରିମାଣରେ । ଖୁବ୍ ଯତ୍ନର ସହିତ କଟିଦେଶରେ ସଜାଡ଼ି ବାନ୍ଧିଲା ସେ ଖଣ୍ଡିକୁ ।

ଏଥର ସାଥୀମାନଙ୍କୁ ଖୋଜିବା କଥା । ଖରା ବଗୁଡ଼ି ହୋଇପଡ଼ିଲାଣି । ଉତ୍ତପ୍ତ ଖରା ଲାଗି ଦେହ ଫୁଟିଆସୁଛି କ୍ରମେ । ସମୁଦ୍ର କୂଳେ କୂଳେ ସୁଲତାନଙ୍କୁ ସାଥିରେ ଧରି ଚାଲିଲା ସେ ଆଗକୁ । ଘଣ୍ଟେ ଦୂରରେ ପ୍ରଦୀପବାବୁ, ବିଜୟବାବୁ, ଆଉ ରୂପନାରାୟଣବାବୁ ତିନିଜଣଯାକ ସାଙ୍ଗହୋଇ ଆସୁଛନ୍ତି । ହୁଏତ ସକାଳ ହେବାକ୍ଷଣି ସେମାନେ ପରସ୍ପର ଖୋଜାଖୋଜି ହୋଇ ଦେଖାଦେଖି ହୋଇଛନ୍ତି । ତାରଜନଙ୍କୁ ଦେଖି ଆନନ୍ଦର ସୀମା ରହିଲା ନାହିଁ ସେମାନଙ୍କର ।

ପ୍ରଦୀପବାବୁ ଆନନ୍ଦରେ ଅଧୀର ହୋଇ କହିଲେ, "ଆମେ ଜଣକୁ ଚାରିଜଣ ଯେତେବେଳେ ଏକାଠି ହୋଇପାରିଲେଣି, ସେତେବେଳେ ସମସ୍ତେ ନିଶ୍ଚୟ ମିଳିତ ହେବା ବୋଲି ମୁଁ ଭାବୁଛି ।"

"ଭଗବାନ ତାହାହିଁ କରନ୍ତୁ"—ରୂପନାରାୟଣବାବୁ କଥାର ଅବଶିଷ୍ଟାଂଶ ପୂରଣ କଲେ ।

ବିଜୟବାବୁ ଟାଇଗର ଉଦ୍ଦେଶ୍ୟରେ ଏଣେତେଣେ ଆଖି ବୁଲାଉଥିଲେ । ଶେଷ ପର୍ଯ୍ୟନ୍ତ ତାଙ୍କର ପାଖରେ ଥିଲା । ହୁଏତ ଜଙ୍ଗଲ ଭିତରକୁ ଚାଲିଯାଇଥିବ । ଅବଶ୍ୟ ସେ ଫେରିବ, ଏପରି ଆଶା ଥିଲା ତାଙ୍କ ମନରେ ।

ପ୍ରକୃତରେ ପୋତଯାତ୍ରୀମାନେ ପରସ୍ପର ବିଚ୍ଛିନ୍ନ ହୋଇ ଯାଇଥିଲେ ସୁଦ୍ଧା ସେମାନଙ୍କର କାହାରି କିଛି ବିଶେଷ କ୍ଷତି ଘଟି ନ ଥିଲା । ଲଞ୍ଚ କେତେଖଣ୍ଡ ମଧ୍ୟ ଖଣ୍ଡେ ଦୂରରେ କୂଳକୁ ଆଉଜି ଯାଇଥିଲା । ସେ ସବୁରେ ଚାଉଳ ଏବଂ କେତେକଣ ପିପାସ୍ତା ମଧ୍ୟ ଥିଲେ । ପ୍ରତ୍ୟେକ ଜିନିଷ ଅକ୍ଷତ ଅବସ୍ଥାରେ ଥିଲା । ଗାଲି ପ୍ରଚଣ୍ଡ ଝଡ଼ ଆଘାତରେ ଇତସ୍ତତଃ ବୋହିଯିବା ଫଳରେ ଅଳ୍ପ କେତୋଟି ଜିନିଷ

Digitized by PPRACHIN, SOA

ଖଙ୍ଗି ଯାଇଥିଲା । ପ୍ରାୟ ଦୁଇଘଣ୍ଟା ଖୋଜା ଖୋଜି ପରେ ସମସ୍ତେ ଏକାଠି ହୋଇଗଲେ । ସେତେବେଳେ ଯେଉଁ ଆନନ୍ଦ ତାହା କଥାରେ ପ୍ରକାଶ କରିବାର ନୁହେଁ ।

ସାମାନ୍ୟ ପରିଶ୍ରମ ପରେ ପ୍ରାତଃଭୋଜନ ଶେଷ ହେଲା । ଲଞ୍ଚ୍‌ରେ ସମସ୍ତ ଜିନିଷ ଅଣାଯାଇଥିଲା । ତା'ପରେ ମିଷ୍ଟର ବ୍ରାଉନ୍‌ଙ୍କ ପ୍ରସ୍ତାବ ଅନୁସାରେ ଲଞ୍ଚ୍ ଗୁଡ଼ିକୁ ଦୃଢ଼ଭାବରେ ବାନ୍ଧି ଦିଆଗଲା ଗୋଟାଏ ଗଛ ସହିତ । ତା'ପରେ କେତେ ଜଣ ପୋଲିସଙ୍କୁ ସେଠାରେ ଜଗିଆଳି ନିଯୁକ୍ତ କରି ଅନ୍ୟମାନଙ୍କୁ ତିନି ଦଳରେ ବିଭକ୍ତ କରି ଦିଆଗଲା । ପ୍ରତ୍ୟେକ ଦଳ ସହିତ ଗୋଟିଏ ଓ୍ୱାରଲେସ୍ ଏବଂ ଆବଶ୍ୟକୀୟ ଅସ୍ତ୍ରଶସ୍ତ୍ର ରହିଲା । ତିନି ଦିଗରୁ ତିନୋଟି ଦଳ ପାହାଡ଼ ଶିଖ ଲକ୍ଷ୍ୟ କରି ଯାତ୍ରା ଆରମ୍ଭ କଲେ ।

ଉପକୂଳଠାରୁ ଅଳ୍ପ ଦୂର ଅଭ୍ୟନ୍ତର ପର୍ଯ୍ୟନ୍ତ ଜଙ୍ଗଲ ଖୁବ୍ ପତଳା ଜଣାପଡ଼ୁଥିଲା । ମାତ୍ର କ୍ରମେ ଭିତରକୁ ତାହା ଏତେ ଘଞ୍ଚ ହୋଇଉଠିଲା ଯେ ଭଲ ଭାବରେ ପରୀକ୍ଷା ନ କରି ପାଦେସୁଦ୍ଧା ଆଗେଇବାକୁ ବିଳମ୍ବ ଲାଗିଲା ସେମାନଙ୍କୁ । ଥରେ ଦୁଇଥର ମହାବଳର ଗର୍ଜନ ମଧ୍ୟ ଶିହରଣ ସଞ୍ଚାର କରାଇଦେଲା । ପ୍ରତ୍ୟେକେ ନିଜ ନିଜର ରାଇଫଲ୍ ଲୋଡ଼କରି ଆଗୋଇଥାନ୍ତି ଖୁବ୍ ସତର୍କତାର ସହିତ । ମଝିରେ ମଝିରେ ଅନ୍ୟ ଦଳ ସହିତ ଯୋଗାଯୋଗ ସ୍ଥାପନ କରି ଓ୍ୱାର-ଲେସରେ କଥାବାର୍ତ୍ତା ମଧ୍ୟ କରୁଥାନ୍ତି ।

ପ୍ରଦୀପବାବୁ ଯେଉଁ ଦଳର ଅଧିନାୟକତ୍ୱ ନେଇଥିଲେ ସେହି ଦଳରେ ତାରକନ ଆଉ ସୁଲତାନ ଥିଲେ । ତାରକନ ଥିଲା ଜଙ୍ଗଲ ଅତିକ୍ରମ କରିବାରେ ଶ୍ୱାପଦ ସଦୃଶ । ଅନ୍ୟମାନଙ୍କ ପରି ଧୀର ମନ୍ଥର ଗତି ଆଦୌ ଭଲ ଲାଗୁ ନ ଥିଲା ତାକୁ । ଗୋଟାଏ ଦୀର୍ଘକାଳର ବ୍ୟବଧାନ ପରେ ସେ ଆଜି ଜଙ୍ଗଲ ପାହାଡ଼ ଭିତରେ ପାଦ ଦେଇଛି । ଆବାଲ୍ୟ ସେ ଏଇଥିରେହିଁ ବଢ଼ିଆସିଛି । ତେଣୁ ପରା-ଧୀନଭାବେ ବାନ୍ଧିହୋଇ ରହିବାକୁ ମନ ତାର ଛଟପଟ କରିଉଠିଲା । ଏଇ ଜଙ୍ଗଲ ପାହାଡ଼ ଭିତରେ ନାଚ କୁଦ ଖେଳି ବୁଲିବା ପାଇଁ ମନ ତା'ର ଅଥୟ ହୋଇଉଠିଲା । ଖାଲି ତା'ର ନୁହେଁ, ସୁଲତାନର ମଧ୍ୟ । ସେ ଖାଲି ସୁଯୋଗ ଖୋଜୁଥିଲେ । କୌଣସି ପ୍ରକାରେ ସେ ଖଣ୍ଡେଦୂର ଆଗେଇ ଯାଇ ଜଙ୍ଗଲ

Digitized by PPRACHIN, SOA

ଉହାଡ଼ରେ ଏମାନଙ୍କ ଆଖିର ଅନ୍ତରାଳକୁ ଚାଲିଗଲେ । ସୈନ୍ୟମାନେ ନିଜ ନିଜର ରାସ୍ତା ନିରାପତ୍ତା ପ୍ରତି ସଜାଗଥିଲେ । ତେଣୁ ତାରଜନ ଆଉ ସୁଲତାନର ଆତ୍ମ-ଗୋପନ ପ୍ରତି କେହି ଲକ୍ଷ୍ୟ ରଖିପାରିଲେ ନାହିଁ ।

ତାରଜନ ସୁଲତାନ ପିଠରେ ଲଟକିପଡିବା ମାତ୍ରେ ସୁଲତାନ ଅଦୃଶ୍ୟ ହୋଇଗଲା ଜଙ୍ଗଲ ଭିତରେ । ଏତେଦିନ ପରେ ଦୁହେଁ ନୂତନ ଜୀବନର ସନ୍ଧାନ ପାଇଲେ ଯେପରି । ତାରଜନ ଆବାଲ୍ୟ ଅରଣ୍ୟ ପାଳିତ । ଏଇ କେତେ ଦିନ ହେବ ଉଦୟପୁର ରାଜଅତିଥି ହିସାବରେ ରହି ସେ ସଭ୍ୟ ଶିକ୍ଷିତ ହୋଇଛି ସତ; କିନ୍ତୁ ନିଜକୁ ଅସହାୟ ମନେକରିଛି ସବୁବେଳେ । ଆଉ ସୁଲତାନ କଥା ଛାଡ଼, ସେ ତ ଜଙ୍ଗଲବାସୀ ।

ଦସ୍ୟୁ ଅଙ୍ଗଦ ସିଂ ଯଥାସମୟରେ ନିର୍ବିଘ୍ନରେ ଆସି ପହଞ୍ଚିପାରିଥିଲା ଚନ୍ଦ୍ର-ଦ୍ୱୀପର ଉପକୂଳରେ । ପୋଲିସବାହିନୀ ଯେଉଁ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇ-ଥିଲେ, ଅଙ୍ଗଦ ସିଂ ସେହି ସମୟକୁ ଚନ୍ଦ୍ରଦ୍ୱୀପ ଅରଣ୍ୟ ଭିତରେ ପହଞ୍ଚି ଯାଇଥିଲା । କିନ୍ତୁ ତା'ର ଲଞ୍ଚ୍ ତିନିଖଣ୍ଡ ଥିଲା କୂଳରେ । ତୋଫାନ ଫଳରେ ସେ ତିନିଖଣ୍ଡ ସମୁଦ୍ରର ଅତଳଗର୍ଭରେ ଲୀନ ହୋଇ ଯାଇଥିଲା । ଅଙ୍ଗଦ କୌଣସି ପ୍ରକାର ଆସୁ ବିପଦର ଆଶଙ୍କା କରି ନ ଥିଲା । ତେଣୁ ନିରାପତ୍ତା ଦିଗରେ ଯେତେ ବ୍ୟବସ୍ଥା କରିବା ଆବଶ୍ୟକ ଥିଲା, ତାହା ସେ କରି ନ ଥିଲା ।

ପ୍ରବଳ ଝଡ଼ବର୍ଷା ଏତେ ଆକସ୍ମିକ ଭାବରେ ଆରମ୍ଭ ହୋଇଗଲା ଯେ, ଅଙ୍ଗଦ ନିଜକୁ ନିରାପଦରେ ରଖିବାପାଇଁ କୌଣସି ପ୍ରକାର ଉପାୟ କରିପାରିଲା ନାହିଁ । ଫଳରେ ସଦଳବଳେ ସମୁଦାୟ ଝଡ଼ବର୍ଷାଟା ଭୋଗ କରିବାକୁ ହେଲା ତାକୁ । ବର୍ଷାରେ ଗୁଳିଗୋଳା ଗୁଡିକ ଆଂଶିକ ଅକାମୀ ହୋଇପଡ଼ିଲା; ସାରା ଦଳଟା ଝଡ଼ବର୍ଷାମାଡ଼ରେ ଛିନ୍ନଛତ୍ର ହୋଇପଡ଼ିଲେ ଜଙ୍ଗଲ ଭିତରେ ।

ସକାଳ ହେଲାପରେ ଅଙ୍ଗଦ ସିଂ ପକ୍ଷରେ ଦଳଟାକୁ ପୁଣି ଏକତ୍ରିତ କରିବା ସମୟସାପେକ୍ଷ ବ୍ୟାପାର ହୋଇପଡ଼ିଲା । ଯାହାହେଉ ଅତି କଷ୍ଟରେ ସେତକ ସେ କରିପାରିଥିଲା । ଖାଦ୍ୟ ସାମଗ୍ରୀ ଯାହାକିଛି ତା'ର ଥିଲା, ସେତକ ଲଞ୍ଚ ସହିତ ସଲିଳସମାଧି ହୋଇଯାଇଥିଲା । ଗୁଳିଗୋଳା, ଅସ୍ତ୍ରଶସ୍ତ୍ରର ଅବସ୍ଥା ମଧ୍ୟ

Digitized by PPRACHIN, SOA

ଠିକ୍ ସେଥି । ଯେତକ ପାଖରେ ଥିଲା, ସେତକରୁ ବହୁତ ଅଦାମୀ ହୋଇ ଯାଇଥିଲା । ଅଳ୍ପକିଛୁ କାର୍ଯ୍ୟକ୍ଷମ ଅବସ୍ଥାରେ ଥିଲା । ତେବେ ସେ ଯାହାହେଉନା କାହିଁକି, ଅଙ୍ଗଦର ଲକ୍ଷ୍ୟଥିଲା ରତ୍ନଦ୍ୱୀପର ଗନ୍ତାଘର ଉପରେ । ଧନର ଲୋଭ ତାକୁ ଅନ୍ଧ କରିପକାଇଥିଲା । ଯାହା କିଛି ଜିନିଷପତ୍ର, ଅସ୍ତ୍ରଶସ୍ତ୍ର ହାତରେ ଥିଲା, ସେ ସବୁକୁ ନେଇ ପାହାଡ଼ ଉପରକୁ ଚଢ଼ିବାପାଇଁ ଆପଣାର ଦଳ ଲୋକଙ୍କୁ ସେ ହୁକୁମ ଦେଇଦେଲା ।

ଅସ୍ତ୍ରଶସ୍ତ୍ର ଭିତରେ ଥିଲା ଦୁଇଟା ଛୋଟ କମାଣ । ଛୋଟ କହିଲେ, ଅନ୍ତତଃ ଦଶଜଣ ବଳବାନ୍ ଲୋକ ତାକୁ ଟେକିଲା ଭଳି ଓଜନଦାର ଜିନିଷ ସେଟା । ସେଇଟିକୁ ବହନ କରି ପାହାଡ଼ର ଶିଖ ଉପରକୁ ନେବା ବଡ଼ କଠିନ ବ୍ୟାପାର । ଅଙ୍ଗଦର ଇଚ୍ଛା, ସେଇ କମାଣ ଦୁଇଟାକୁ ଶିଖ ଉପରେ ଫିକ୍ସି ରଖିଲେ ଭବିଷ୍ୟତ ବିପଦ ପ୍ରତି ଭୟ ରହିବ ନାହିଁ । କାରଣ ସମୁଦ୍ରର ଖଣ୍ଡେଦୂର ପର୍ଯ୍ୟନ୍ତ ସେଠାରୁ ଗୋଳା ପକାଇହେବ । ଖୁବ୍ ଶୀଘ୍ର ନ ହେଲେ କିଛି ବିଳମ୍ବରେ ସୁଦ୍ଧା ଅଙ୍ଗଦର ଆଶଙ୍କା ଥିଲା ଯେ, ନାବିକମାନେ ମୁକ୍ତ ପାଇଲେ ପୋଲିସ ନିଶ୍ଚୟ ଅନୁସନ୍ଧାନରେ ଲାଗିପଡ଼ିବ । ଦୈବାତ୍ ଯଦି ରତ୍ନଦ୍ୱୀପ ସୀମା ଭିତରକୁ ପୋଲିସ ଆସିଯାନ୍ତି ତେବେ ପାହାଡ଼ ଶିଖଉପରୁ କମାଣ ଦ୍ୱାରା ସେମାନଙ୍କର ଜାହାଜ, ଷ୍ଟିମର ବା ଲଞ୍ଚକୁ ଧ୍ୱଂସ କରିଦେଇ ହେବ । କିନ୍ତୁ ବିଧାତାର ବିଧାନ ବିଚିତ୍ର । ଶତ୍ରୁ ଯେ ଦ୍ୱାରଦେଶରେ, ଏକଥା ତାକୁ ଜଣାନାହିଁ ।

ସୁଲତାନର ପିଠି ଉପରେ ବେଶ୍ ଆରାମରେ ରହି ତାରଜନ ପାହାଡ଼ର ସର୍ବୋଚ୍ଚ ଶିଖରେ ଗୋଟାଏ ପ୍ରକାଣ୍ଡ ଶାଳଗଛ ମୂଳରେ ବସିଗଲା । ସୁଲତାନ ଆଖପାଖରେ ବୁଲି ଫଳମୂଳ ଗୋଟାଇ ଖାଉଥାଏ । ପାହାଡ଼ର ଶୀର୍ଷଦେଶରୁ ରତ୍ନଦ୍ୱୀପ ଉପକୂଳ ପର୍ଯ୍ୟନ୍ତ ଦୃଶ୍ୟ ଅତି ଚମତ୍କାର ଦେଖାଯାଉଥାଏ । ବେଶ୍ ପ୍ରଶସ୍ତ ଦ୍ୱୀପ । ପାହାଡ଼ର ଗୋଟାଏ ବାନ୍ଧି ସମୁଦ୍ରକୂଳଠାରୁ ଉଠିଆସିଛି ପାହାଡ଼ ଶିଖ ପର୍ଯ୍ୟନ୍ତ । ଖୁବ୍ ବଡ଼ ବଡ଼ ଗଛ ନାହିଁ ସେଥିରେ । ଖାଲି ଛୋଟ ଛୋଟ ବୁଦା ଆଉ ବଡ଼ ବଡ଼ ପଥର ଖଣ୍ଡ । ସମୁଦ୍ରକୂଳଠାରୁ ପାହାଡ଼ ଉପରକୁ ଉଠିବାପାଇଁ ସେଇଟା ସବୁଠାରୁ ସହଜ, ସରଳ ଏବଂ ନିରାପଦ ରାସ୍ତା ବୋଲି ତାରଜନର ଅନୁମାନ ହେଲା ।

Digitized by PPRACHIN, SOA

ଜଙ୍ଗଲିଆ ଦ୍ୱୀପର ସ୍ଥାନେ ସ୍ଥାନେ ବିସ୍ତୀର୍ଣ୍ଣ ଘାସ ପଡ଼ିଆ । ତା' ଭିତରେ ଚରୁଥାନ୍ତି ଦଳଦଳ ହରିଣ, ମୃଗ, କୃଷ୍ଣସାର । ମଝିରେ ମଝିରେ ମହାବଳର ହେଣ୍ଟାଳି ବି ଶୁଣାଯାଉଥାଏ ଗଭୀର ଜଙ୍ଗଲ ଭିତରୁ । ଏସବୁ ଦୃଶ୍ୟ ଉପଭୋଗ କରିବା ସଙ୍ଗେ ସଙ୍ଗେ ତାରଜନର ଦୃଷ୍ଟି ଖୋଜି ବୁଲୁଥାଏ ଦସ୍ୟୁ ଅଙ୍ଗଦ ସିଂହକୁ । ସେ ଯଦି ପ୍ରକୃତରେ ରତ୍ନଦ୍ୱୀପକୁ ରତ୍ନ ଗନ୍ତାଘର ସନ୍ଧାନରେ ଆସିଥାଏ, ତେବେ କାହିଁ ସେ ? ଏହି ପାହାଡ଼କୁ ତ ଆସିବାର କଥା । ପାହାଡ଼ଟା ଖୁବ୍ ବଡ଼ । ତା'ର କେଉଁ ଗହ୍ୱରରେ ଯେ ଅଜଣା ସମ୍ପତ୍ତି ଲୁଚି ରହିଚି କିଏ ଜାଣେ ? ଏଇ ବିଶାଳ ଅରଣ୍ୟମୟ ଦ୍ୱୀପ ଭିତରେ ପୋଲିସ ବାହିନୀ ଯେ କିଏ କେଉଁଠି ରହିଲେ ତା କିଏ ଜାଣେ ?

ହଠାତ୍ ସୁଲତାନ୍ ଚିଁ ଚିଁ ଚିତ୍କାର କରି ଡେଇଁ ଡେଇଁ ବ୍ୟସ୍ତଭାବରେ ଆସି ପହଞ୍ଚିଗଲା ତାରଜନ୍ ପାଖରେ । ତାରଜନ୍ ସୁଲତାନର ଆଚରଣ ଜାଣେ । ସାଧାରଣତଃ ଖୁବ୍ ଆଗ୍ରହୀ ବା ଭୀତ ନ ହେଲେ ସୁଲତାନ ଏପରି ଚିତ୍କାର କରେ ନାହିଁ । ପାହାଡ଼ର ଜନଶୂନ୍ୟ ଶିଖରରେ ସୁଲତାନ କ'ଣ ଦେଖି ଏତେ ବ୍ୟସ୍ତ ହୋଇ ପଡ଼ିଛି ତାହା ଜାଣିବାପାଇଁ ତାରଜନର ଉତ୍କଣ୍ଠା ବଢ଼ିଗଲା । ସୁଲତାନ କିନ କିନ ହୋଇ ବ୍ୟସ୍ତ ଭାବରେ ଯେଉଁ ଆଡ଼କୁ ଚାହୁଁଥିଲା ତାରଜନ ସେହି ଆଡ଼କୁ ଚାହିଁ ଦେଖିଲା—ବଡ଼ ବିଚିତ୍ର ଏବଂ ଲୋମହର୍ଷକ ଦୃଶ୍ୟ ।

ପାହାଡ଼ର ଯେଉଁ ନାଳୀଟା ସମୁଦ୍ରକୂଳକୁ ଲମ୍ବିଯାଇଥିଲା ଏବଂ ଯେଉଁଟାକ ସବୁଠାରୁ ସରଳ, ସହଜ ରାସ୍ତା ଶିଖ ଉପରକୁ, ସେଇ ରାସ୍ତାରେ ଦଶ ଦଶ ଜଣ କରି କୋଡ଼ିଏ ଜଣ ଲୋକ ଦୁଇଟା କମାଣକୁ କାନ୍ଧରେ ବୋହି ଆଣୁଛନ୍ତି । ସମସ୍ତେ ଶସସ୍ତ୍ର । ତାଙ୍କ ପାଖେ ପାଖେ ବି ଆଉ କେତେଜଣ ବୁଲୁଛନ୍ତି । ପୋଷାକ ପରିଚ୍ଛଦରୁ ତାରଜନର ଆଉ ବୁଝିବାରେ କିଛି ବାକି ରହିଲା ନାହିଁ ଯେ ସେ ଦସ୍ୟୁ ଅଙ୍ଗଦ ଦଳର ଲୋକ ବୋଲି । କମାଣ ଉପରକୁ ବୋହି ଆଣିବାର ଉଦ୍ଦେଶ୍ୟ ମଧ୍ୟ ସେ ଭଲରୂପେ ବୁଝିପାରିଲା । ତେବେ ସେ ଯାହାହେଉ, ଅଙ୍ଗଦକୁ ପୋଲିସବାହିନୀର ଉପସ୍ଥିତି ଜଣାଇଦେବା ଉଚିତ ମନେକରି କାନ୍ଧରୁ ରାଇଫ୍ଲ ବାହାରକରି ଲୋଡ଼୍ କଲା । ଏପର୍ଯ୍ୟନ୍ତ କମାଣବାହୀ ଦସ୍ୟୁଦଳ ରେଞ୍ଜ ଭିତରକୁ ଆସିନାହାନ୍ତି । ଏହି ଠିକ୍ ! ରେଞ୍ଜଭିତରକୁ ଆସିଲାମାତ୍ରେ ତାରଜନର ରାଇଫ୍ଲ

Digitized by PPRACHIN, SOA

ଗର୍ଜିଉଠିଲା । ଅବ୍ୟର୍ଥ ଲକ୍ଷ୍ୟ । ଆଗଦଳରେ ଚାଲୁଥିବା ଆଗ ଧାଡ଼ିର ଲୋକର ଗୋଡ଼ ବିଦ୍ଧ କଲା ବୁଲେଟ୍ । ଗଛ କାଟିଲା ପରି ସେ ପଡ଼ିବା ସଙ୍ଗେ ସଙ୍ଗେ କମାଣ ବୋଝ ଖରସାମ୍ୟ ହରାଇବା ଫଳରେ ଅନ୍ୟମାନେ ମଧ୍ୟ ତୀଖ ରାସ୍ତାରେ ଇତସ୍ତତଃ ହୋଇ ଦୁଲ୍‌ଦାଲ କଗୁଡ଼ି ପଡ଼ିଲେ । କମାଣଟା ପଥର ଉପରେ ଛେଚି ହୋଇ ଗଡ଼ି ଗଡ଼ି ତୀବ୍ରଭାବରେ ଚାଲିଲା ତଳକୁ । ତା' ସଙ୍ଗେ ସଙ୍ଗେ ପଛ ଦଳରେ ଆସୁଥିବା ଲୋକମାନଙ୍କୁ ମଧ୍ୟ ପ୍ରଚଣ୍ଡ ଆଘାତ କଲା । ଫଳରେ ସେ ଦଳଟାର ଅବସ୍ଥା ମଧ୍ୟ ପ୍ରଥମ ଦଳର ଅବସ୍ଥାପରି ହେଲା । ଦୁଇଟାଯାକ କମାଣ ପଥରରେ ପିଟିହୋଇ ପ୍ରଚଣ୍ଡ ଶବ୍ଦକରି ତଳକୁ ତଳକୁ ଗଡ଼ି ଚାଲିଲା । ତା' ସଙ୍ଗେ ସଙ୍ଗେ କମାଣବାହୀ ଏବଂ ସେମାନଙ୍କ ଅନୁସରଣକାରୀମାନେ ଭୀଷଣ ଭାବରେ ଆଘାତ ପ୍ରାପ୍ତ ହେଲେ । କେତେଜଣ ଦସ୍ୟୁ ତୀଖ ପଥର ଉପରେ ଛେଚି ହୋଇ ଖଣ୍ଡେ ଦୂର ତଳକୁ ଗଡ଼ି ଗଡ଼ି ଚାଲିଗଲେ ।

ଘଟଣାଟା ଏତେ ଅସମ୍ଭାବିତ ଆଉ ଶୀଘ୍ର ଘଟିଗଲା ଯେ ବର୍ଣ୍ଣନା କରିବା ପାଇଁ ଯେତେ ସମୟ ଆବଶ୍ୟକ, ଘଟିଯିବାକୁ ତାର ଦଶମାଂଶ ସମୟ ସୁଦ୍ଧା ଲାଗିଲା ନାହିଁ । ପଥରରେ ବାଡ଼େଇ ହୋଇ କମାଣଟା ପଡ଼ିବା ଏବଂ ଦସ୍ୟୁଗୁଡ଼ାଙ୍କ କୋଳାହଳରେ ଏତେ ଶବ୍ଦ ହେଲା ଯେ, ବନଭୂମି ଖଣ୍ଡେ ଦୂର ପର୍ଯ୍ୟନ୍ତ କମ୍ପି ଗଲା । ପରସ୍ପରକୁ ଦେଖି ନ ଥିଲେ ସୁଦ୍ଧା ମିଷ୍ଟର ବ୍ରାଉନ ଏବଂ ରଜସ୍ୱବାବୁ ନିଜ ନିଜ ଦଳକୁ ନେଇ ପାଖାପାଖିରେ ଥିଲେ । ଏ ଭୟଙ୍କର ଶବ୍ଦ ସେମାନଙ୍କର କାନକୁ ଏଡ଼ାଇ ଯାଇ ନ ଥିଲା । ସେଥିକୁ ଲକ୍ଷ୍ୟ କରି ଉଭୟେ ସଦଳବଳେ ଯାତ୍ରା କଲେ । ଅଳ୍ପବାଟ ଗଲାପରେ ଏକ ଛିନ୍ନଛତ୍ର ଦସ୍ୟୁଦଳକୁ ସେମାନେ ହାବୁଡ଼ିଗଲେ । ଆହତ, ଭଗ୍ନୋତ୍ସାହ, ଅନାହାରକ୍ଲାନ୍ତ ଦସ୍ୟୁଦଳକୁ ଉଭୟ ଦିଗରୁ ଓଗାଳି ନେଇ ବଡ଼ ଆକସ୍ମିକ ଭାବରେ କାବୁକରିନେଲେ ସେମାନେ । ଆଗ ଓ ପଛ ଉଭୟ ଦିଗରେ ସଶସ୍ତ୍ର ପୋଲିସବାହିନୀକୁ ଦେଖି ଦସ୍ୟୁଦଳ ଏତେ ଘାବରେଇ ଯାଇଥିଲେ ଯେ ନିର୍ଦ୍ଦେଶମାତ୍ରେ ଅସ୍ତ୍ରଶସ୍ତ୍ର ତଳେ ଥୋଇଦେଇ ଆତ୍ମ-ସମର୍ପଣ କରିଦେଲେ ।

ନିବିଡ଼ ଅରଣ୍ୟ ଭିତରେ ପାହାଡ଼ କାନ୍ଥିରେ ବନଗୁହା ସନ୍ଧାନରେ ବୁଲୁ-ବୁଲୁ ଅଙ୍ଗଦ ସିଂ କାନରେ ମଧ୍ୟ ଏହି ଭୟଙ୍କର ଶବ୍ଦ ପଡ଼ିଥିଲା । ସେତେବେଳକୁ

Digitized by PPRACHIN, SOA

ସେ ତାର ଗୃଣିଜଣ ବିଶ୍ୱସ୍ତ ଅନୁଚରଙ୍କ ସହିତ ପାହାଡ଼ ପରକୁ ଉଠୁଥିଲା । ଶବ୍ଦଟା ହେବା ସଙ୍ଗେ ସଙ୍ଗେ ତାହା କ'ଣ ହୋଇପାରେ ସେ ବେଶ୍ ଅନୁମାନ କରିପାରିଲା । ଏଥିରେ ଯଥେଷ୍ଟ କ୍ଷତି ହୋଇଥିବ ଏବଂ ତାହା କେଉଁ ପରିମାଣରେ ଜାଣିବାପାଇଁ ସେ ଶବ୍ଦ ଦିଗକୁ ଲକ୍ଷ୍ୟ କରି ଦ୍ରୁତଗତିରେ ଧାବିତ ହେଲା । ମାତ୍ର ଘଣ୍ଟାଏ ସ୍ଥଳରେ ଦୂରରୁ ଜଙ୍ଗଲ ଝାଡ଼ିରୁ ସେ ଅପଣା ଦଳର ଶୋଚନୀୟ ଅବସ୍ଥା ଦେଖି ସେଇଠାରୁହିଁ ଫେରିପଡ଼ିଲା ।

ଏତେ ବଡ଼ ଗୁରୁତର କାଣ୍ଡଟାଏ ଘଟିଯିବ ବୋଲି ତାରଜନ ଆଦୌ ଆଶା କରି ନ ଥିଲା । ବର୍ତ୍ତମାନ ଘଟଣାଟା ତାକୁ ବଡ଼ କୌତୁକପୂର୍ଣ୍ଣ ଜଣାଗଲା । ଯାହ'ହେଉ, ଗୋଟାଏ ବୁଲେଟ୍ ଯେ ଏତେ ବଡ଼ କାମ ଦେଇପାରେ ସେ କଥା ଭାବି ତାର ଆନନ୍ଦରେ ସୀମା ରହିଲା ନାହିଁ । ସମସ୍ତଙ୍କ ଅଜ୍ଞାତରେ ଥାଇ ସେ ପୋଲିସ ମାନଙ୍କ ଦ୍ୱାରା ଦସ୍ୟୁଦଳ ଗିରଫଦାର ହେବା ମଧ୍ୟ ଦେଖିଲା ।

ଏତିକିବେଳେ ସେ ଦେଖିପାରିଲା ଯେ ଗୃଣିପାଞ୍ଚ ଜଣ ଦସ୍ୟୁ ଖୁବ୍ ସତର୍କତା ସହ ଆତ୍ମଗୋପନ କରି ପଳାଉଛନ୍ତି ଜଙ୍ଗଲ ଭିତରେ । ସେଇମାନଙ୍କୁ ଲକ୍ଷ୍ୟ କରି ସେ ରାଇଫଲ ଉଠାଇଲା । କିନ୍ତୁ ପରମୁହୂର୍ତ୍ତରେ ଚିନ୍ତା କଲା, 'ନା ଠିକ୍ ହେବନାହିଁ । ପାଞ୍ଚଜଣ ଦସ୍ୟୁଙ୍କୁ ଗୋଟାଏ ରାଇଫଲ ଆଦୌ ଯଥେଷ୍ଟ ନୁହେଁ ଖାଲି ସେମାନଙ୍କୁ ଅଧିକ ଚତୁର ହେବାକୁ ସୁଯୋଗ ଦେବାକଥା । ବରଂ ସେମାନଙ୍କୁ ଅନୁସରଣ କଲେ କିଛି ଲାଭ ଅଛି । '—ଏହା ଭାବି ସେ ଖୁବ୍ ସତର୍କତାର ସହିତ ସେମାନଙ୍କ ଉପରେ ଦୃଷ୍ଟି ରଖି ଗଛବୁଦା ଝାଡ଼ରେ ଚାଲିଲା । ସୁଲତାନ୍ ଠିକ୍ ପାଖେ ପାଖେ ଚାଲିଥାଏ ।'

ମିଷ୍ଟର ବ୍ରାଉନ ଦସ୍ୟୁ କେତେଜଣଙ୍କୁ ବନ୍ଦୀ କରିସାରି କେତେ ଜଣ ପୋଲିସଙ୍କ ହାତରେ ଲଞ୍ଚ୍ କବାଟକୁ ପଠାଇଦେଇ ଅବଶିଷ୍ଟ ପୋଲିସଙ୍କୁ ନେଇ ଆଗେଇଲେ ଆଗକୁ । ରାଇଫଲ୍ ଗୁଳି ଫୁଟିବାର ଶବ୍ଦ ସେ ଶୁଣିଥିଲେ । ଏହା ଯେ ତାରଜନର କାମ, ଏକଥା ବୁଝିବାରେ ଆଉ କିଛି ବାକି ରହିଲା ନାହିଁ ତାଙ୍କ ପାଖରେ । ସେ ଯେ ଅଗ୍ରଗତି କରି ଦସ୍ୟୁଦଳର ସନ୍ଧାନ ପାଇପାରିଛି ଏହା ଜାଣି ବହୁପରିମାଣରେ ଆଶ୍ୱସ୍ତ ହେଲେ ସେ । କମାଣ ଦୁଇଟାକୁ ବହନ କରି ଦସ୍ୟୁଦଳ ପାହାଡ଼ ଉପରକୁ ଯାଉଥିବାବେଳେ ସେତେବେଳେ ସେମାନଙ୍କର ଲକ୍ଷ୍ୟ ନଷ୍ଟହୁଏ ସେଇଠି

Digitized by PPRACHIN, SOA

କେଉଁଠି ହୋଇଥିବ ଖୁବ ମିଷ୍ଟର ବ୍ରାଉନ୍ ଓ୍ୱାରଲେସରେ ରୂପନାରାୟଣବାବୁ, ପ୍ରଦୀପବାବୁ ପ୍ରଭୃତିଙ୍କୁ ସଦଳବଳେ ଶିଖ ଉପର ଆଡ଼କୁ ଅଗ୍ରସର ହେବାକୁ ନିର୍ଦ୍ଦେଶ ଦେଲେ ।

ତାରଜନ ଅନୁଚର ବେଷ୍ଟିତ ଅଙ୍ଗଦ ସିଂଙ୍କୁ ଅଲକ୍ଷ୍ୟରେ ଅନୁସରଣ କରି ଯାଉ ଯାଉ ସେମାନଙ୍କ କଥାବାର୍ତ୍ତାରୁ ଜାଣିପାରିଲା ଯେ ସେମାନେ ରତ୍ନଗୁହାର ନିକଟବର୍ତ୍ତୀ । ଏଥର ମହାସଙ୍କଟ ସମସ୍ୟ ଉପସ୍ଥିତ ! ଏତେବେଳେ ଅଙ୍ଗଦ ସିଂଙ୍କୁ ଦୃଷ୍ଟି ଅନ୍ତରାଳରେ ରଖିବା ଅର୍ଥ ଗୋଟାଏ ବଡ଼ ସୁଯୋଗ ହରାଇବା । ବର୍ତ୍ତମାନ ପରିସ୍ଥିତିରେ ଅସୁବିଧା କେବଳ ସୁଲତାନକୁ ନେଇ, କାରଣ ତାରଜନ୍ ଯେତେ ସତର୍କ ହୋଇପାରୁଛି, ସେ ସେତେ ସତର୍କ ହୋଇପାରୁନି । ଉପରନ୍ତୁ ଗ୍ରେଟିଆ ଜାତିଟିଏ ମଧ୍ୟ ସେ ନୁହେଁ । ଯିବା ଆସିବା କଲାବେଳେ ଡାଳପତ୍ର ତା ଦେହରେ ଲାଗି ବେଶ ଲକ୍ଷ୍ୟ କଲାପରି ଶବ୍ଦ ହେଉଛି । ଏଥିରେ ଅଙ୍ଗଦ ସିଂର ଦୃଷ୍ଟି ତା' ଆଡ଼କୁ ଆକର୍ଷିତ ହୋଇଆସିବା ଖୁବ୍, ସମ୍ଭବ ।

ତାରଜନ୍ ଇଙ୍ଗିତ ସୁଲତାନ କିଛୁ କିଛୁ ବୁଝେ । ଟିକିଏ ପଛେଇ ଆସିବା ପାଇଁ ତାରଜନ୍ ଇଙ୍ଗିତରେ ଜଣାଇଦେଲା ସୁଲତାନକୁ । ସୁଲତାନକୁ ମଧ୍ୟ ବୁଝିଗଲା ସଙ୍କେତଟା । ସେ ସ୍ଥିର ଭାବରେ ଠିଆ ହେଲା ସେଇଠି । ତାରଜନ୍ ଏଥର ଖୁବ୍ ସତର୍କତାର ସହିତ ଆଗେଇଗଲା ଅଙ୍ଗଦର ଅନୁସରଣରେ ।

ପାହାଡ଼ର ସେଇ ଅଂଶଟାର ଜଙ୍ଗଲ ଏତେ ଘଞ୍ଚ ଯେ ଦିନ ଦି' ପ୍ରହର ହେଲେ ସୁଦ୍ଧା ରାତି ପରି ଅନ୍ଧାର ତା' ଭିତରେ । ପ୍ରକାଣ୍ଡ ପ୍ରକାଣ୍ଡ ଗଛଗୁଡ଼ାକ ଉପରେ ଲତାପତ୍ର ଛନ୍ଦି ହୋଇ ଉପରକୁ ଏତେ ଗହଳ ହୋଇବଢ଼ିଥାଏ ଯେ, ସୂର୍ଯ୍ୟକିରଣ ପଡ଼ିବା ଦୁରୁହ । ତଳେ ଖାଲି ପଥର ଢିମା । ସେଗୁଡ଼ିକରେ ଶିଉଳି ଲାଗି ନିତାନ୍ତ ପିଚ୍ଛିଳ । ପ୍ରତିମୁହୂର୍ତ୍ତରେ ପାଦ ଖସିଯିବାର ଭୟ । ସେହି ବିପଦ ପୂର୍ଣ୍ଣ, ଭୟଙ୍କର ଜଙ୍ଗଲ ଭିତରେ ଅଙ୍ଗଦ ସିଂ ଆଗେଇଯାଉଥାଏ ଗୋଟାଏ ବାଘ-ପରି । ତା ପଛେ ପଛେ ତାର ଅନୁଚର କେତେଜଣ । ପ୍ରତ୍ୟେକଙ୍କ ହାତରେ ରାଇଫଲ୍ ଲୋଡ଼େଡ୍ ଅବସ୍ଥାରେ ।

ହଠାତ୍ ଅଙ୍ଗଦ ସିଂର ଉଚ୍ଚ ହସରେ ଚମକିପଡ଼ିଲା ତାରଜନ୍ । ପ୍ରକାଣ୍ଡ ଗଛଟା ଉହାଡ଼ରୁ ଥାଇ ସେ ଦେଖିଲା, ପ୍ରକାଣ୍ଡ ଗୁହାଟାଏ । ତା'ର ସାମନାରେ

Digitized by PPRACHIN, SOA

ଠିଆହୋଇଛନ୍ତି ଅଙ୍ଗଦ ସିଂ । ଏଇଠାରେ ବନ୍ୟଗୁହା, ଆଉ କିଛି ବୁଝିବାରେ ଅସୁବିଧା ହେଲା ନାହିଁ ତାରଜନ୍ ପକ୍ଷରେ । ଗୁହା ଭିତରଟା ଗାଢ଼ ଅନ୍ଧାର ଦିଶୁଥାଏ । ତା' ଭିତରକୁ କ'ଣ ଅଛି ଜାଣିବା କଷ୍ଟ । ଗୁହାଦ୍ୱାରରେ ପହଞ୍ଚି ଅଙ୍ଗଦ ସିଂ ଏତେ ଆନନ୍ଦିତ ହୋଇଯାଉଥିଲେ ଯେ ସେ ସ୍ଥାନ, କାଳ, ପାତ୍ର ପର୍ଯ୍ୟନ୍ତ ଭୁଲିଯାଇଥିଲେ ।

ଅଙ୍ଗଦ ସିଂ କାନ୍ଧରୁ ରାଇଫଲ୍ ଓହ୍ଲାଇ ହାତରେ ସଜାଡ଼ି ଧରି ଗୁହା ଭିତରକୁ ଯିବାକୁ ପ୍ରସ୍ତୁତ ହେଲେ । ଦସ୍ୟୁ ଚାରିଜଣ ବନ୍ଧୁକ ସଜାଡ଼ି ଧରି ବାହାରେ ଜଗୁଆଳି ହୋଇ ରହିବାକୁ ପ୍ରସ୍ତୁତ ହେଲେ ।

ଅଙ୍ଗଦ ସିଂ ଗୁହା ଭିତରକୁ ଯିବା ପାଇଁ ମୁହଁ ବୁଲେଇଛନ୍ତି, ହଠାତ୍ ଏତିକି-ବେଳେ ପ୍ରଚଣ୍ଡ ଗର୍ଜନ କରି ପ୍ରକାଣ୍ଡ ସିଂହଟାଏ କୁଦିଆସିଲା ଗୁହା ଭିତରୁ । ଅଙ୍ଗଦ ସିଂ ଏତେ ଜୋରରେ ଚମକିପଡ଼ିଲେ ଯେ, ହାତରୁ ତା'ର ରାଇଫଲ୍ ଖସି ପଡ଼ିଲା । ତା'ର ଅନୁଚର ଚାରିଜଣ ହଠାତ୍ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଛକୁ ପାଦେ ଦୁଇପାଦ ହଟିବାକୁ ଆରମ୍ଭ କଲାବେଳକୁ ସିଂହଟା ଘୋର ଗର୍ଜନ କରି କୁଦି-ପଡ଼ିଲା ଅଙ୍ଗଦ ସିଂ ଉପରକୁ ।

ଜୀବନ ମରଣର ସନ୍ଧିକ୍ଷଣରେ ଅଙ୍ଗଦ ସିଂର ବଞ୍ଚି ରହିବାର ମୋହ ପ୍ରବଳ ଥିଲା । ବିରାଟକାୟ ସିଂହ ନିକଟରେ ତା'ର ଶକ୍ତି ତୁଚ୍ଛହେଲେ ସୁଦ୍ଧା ସେ ବିନା-ଅସ୍ତ୍ରରେ ପ୍ରଚଣ୍ଡ ମୁଷ୍ଟି ଆଘାତ କଲା ସିଂହ ତୁଣ୍ଡରେ ।

ଆଘାତ ପାଇ ସିଂହ ଦେ ଟା'ଏ ପାଦ ହଟିଗଲା ପଛକୁ । କିନ୍ତୁ ଯେତିକି ଆଘାତ ସେ ଅଙ୍ଗଦ ସିଂକୁ କରିଥିଲା ସେତିକିରେ ତା'ର ଦୁଇ ବାହୁ ଚିରିହୋଇ ଝର ଝର କରି ରକ୍ତର ଧାର ଛୁଟିବାକୁ ଲାଗିଲା । ସିଂହ ହଟିଯିବା ଫଳରେ ଯେଉଁ ସମୟ ଟିକକ ଅବସର ମିଳିଲା, ସେତିକିରେ ତା'ର ଅନୁଚର କେତେଜଣ ରାଇଫଲର ସଦ୍‌ବ୍ୟବହାର କରିବାପାଇଁ ତୁରନ୍ତ ଉଦ୍ୟମ କଲେ । କିନ୍ତୁ ଦୁର୍ଭାଗ୍ୟ ! ବିଧିର ବିଧାନ ଅନ୍ୟ ପ୍ରକାର । କାହାରି ବୁଲେଟ୍ ଫାୟାର ପର୍ଯ୍ୟନ୍ତ ହେଲାନାହିଁ । ଗତ-ରାତ୍ରିରେ ବର୍ଷାରେ ଭିଜିଥିବା ଫଳରେ ବୁଲେଟଗୁଡ଼ିକ ଅକାମୀ ହୋଇଯାଇଥିଲା । ଏଥର ନିଜକୁ ରକ୍ଷା କରିବା ସବୁଠାରୁ ଶ୍ରେଷ୍ଠ ପନ୍ଥା ଭାବି ଚାରିଜଣଯାକ ସିଂହର ଅଲକ୍ଷ୍ୟରେ ଅଦୃଶ୍ୟ ହୋଇଗଲେ ଜଙ୍ଗଲ ଭିତରେ । ଗୋଟାଏ ପ୍ରକାଣ୍ଡ ଶାଳଗଛର ଉହାଡ଼ରେ ଏକୁଟିଆ ତାରଜନ୍ ଅଟଳ ହୋଇ ରହିଲା ଅଙ୍ଗଦ ସିଂର ଭୟାବହ ଅନ୍ତିମ ମୁହୂର୍ତ୍ତି ଦେଖିବାପାଇଁ ।

Digitized by PPRACHIN, SOA

ମିଷ୍ଟର ବ୍ରାଉନ୍ ଏବଂ ରୂପନାରାୟଣ ବାବୁ, ପ୍ରଦୀପବାବୁ ପ୍ରଭୃତି ସଦଳବଳେ ମିଳିତ ହୋଇ ଶିଖ ଦଳଙ୍କୁ ଅଗ୍ରସର ହେଉଥିଲେ । ସେହି ସମୟରେ ହଠାତ୍ ସିଂହର କ୍ରୋଧାନ୍ଧ ଗର୍ଜନ ଶୁଣି ସମସ୍ତେ ନିଜ ନିଜର ରାଇଫଲ୍ ବାଗେଇ ଧରି ସେହି ଶବ୍ଦକୁ ଲକ୍ଷ୍ୟକରି ଆଗେଇଲେ । ଖୁବ୍ ପାଖା ପାଖିରେ ଅଙ୍ଗଦ ସିଂର କ୍ଷତବିକ୍ଷତ, ପଳାୟନମାନ ଅନୁଚର ଦୁଇଜଣ ତାଙ୍କ ନଜରରେ ପଡ଼ିଗଲେ । ଆଗରେ ସଶସ୍ତ୍ର ପୋଲିସବାହିନୀ । ଏମାନେ ନିରସ୍ତ୍ର ପୁଣି ସଂଖ୍ୟାରେ ମାତ୍ର ଦୁଇ । ଆତ୍ମସମର୍ପଣ କରିବା ବ୍ୟତୀତ ଅନ୍ୟନିରାପଦ ଉପାୟ ନ ଥିଲା ସେମାନଙ୍କର । ପ୍ରଦୀପବାବୁ ପ୍ରଭୃତି ରହିଗୁମ୍ଫା ଏବଂ ଅଙ୍ଗଦ ସିଂ ସିଂହ ହାବୁଡ଼ରେ ପଡ଼ିବା ଖବର ସେମାନଙ୍କଠାରୁ ଶୁଣି ବଡ଼ ବ୍ୟଗ୍ର ହୋଇପଡ଼ିଲେ । ଯେ କୌଣସି ପ୍ରକାରେ ହେଉ, ଅଙ୍ଗଦ ସିଂକୁ ଜୀବିତ ଅବସ୍ଥାରେ ପାଇବା ଦରକାର । ତେଣୁ ତାକୁ ରକ୍ଷା କରିବା ପାଇଁ ଖୁବ୍ ଦ୍ରୁତ-ଗତିରେ ସେମାନେ ଧାଇଁଲେ ଗୁମ୍ଫା ଅଭିମୁଖରେ ।

ସେତେବେଳକୁ କିନ୍ତୁ ଆଉ କିଛି ବାକି ନ ଥିଲା । ସିଂହ ଅଙ୍ଗଦ ସିଂର ପ୍ରଚଣ୍ଡ ମୁଷ୍ଟି ଆଘାତରେ ପାଦେ ପଛକୁ ହଟିଗଲା ସତ, କିନ୍ତୁ ପୁନରାକ୍ରମଣ ପାଇଁ ଅଙ୍ଗଦ ସିଂ ପ୍ରସ୍ତୁତ ନହେଉଣୁ ସେ ଗୋଟାଏ ଲମ୍ଫରେ ଆସି ପଡ଼ିଲା ତା, ଉପରେ । ସିଂହର ଭାର ଏତେ ବେଶି ଥିଲା ଯେ ଅଙ୍ଗଦ ସିଂ ତାକୁ କୌଣସି ପ୍ରକାରେ ସମ୍ଭାଳି ପାରିଲା ନାହିଁ, ତଳେ ଚିତ୍ ହୋଇ ପଡ଼ିଗଲା । ଘୋର ଗର୍ଜନ କରି ସିଂହଟା ତା'ର ମୁହଁ, ଗୁଣ୍ଡି, ପେଟ ସବୁ ତୀକ୍ଷ୍ଣ ନଖରେ ଚିରି ଫଡ଼ାଫଡ଼ି କରିଦେଲା । ମରଣାନ୍ତକ ଚିତ୍କାରରେ କମ୍ପାଇଦେଲା ଅଙ୍ଗଦ ସିଂ ସେ ବନଭୂମିକୁ । ତା ସାଙ୍ଗକୁ ସିଂହର ଭୟାବହ ଗର୍ଜନ ମିଶି ଏକ ଭୟଙ୍କର ଶବ୍ଦ ସୃଷ୍ଟି ହେଲା । ଏହି ଶବ୍ଦ ପୋଲିସ-ବାହିନୀକୁ ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ ତାରଜନଙ୍କୁ କ୍ଷିପ୍ର କରିଦେଲା ।

ତାରଜନ୍ ସିଂହର ଏ ଅସ୍ଫାଳନ ଆଦୌ ସହ୍ୟ କରିପାରିଲା ନାହିଁ । ତା' ଭିତରେ ବନ୍ୟ ପ୍ରକୃତି ପୁନଃ ଜାଗ୍ରତ ହୋଇଉଠିଲା । ଅଙ୍ଗଦ ସିଂ ଦସ୍ୟୁ ଏବଂ ସମାଜର ଶତ୍ରୁ ହେଉ ପଛେ ତା'ର କରୁଣ ମୃତ୍ୟୁ ଗଭୀର ଆଲୋଡ଼ନ ସୃଷ୍ଟିକଲା ତାରଜନ୍ ମନରେ । ହିଂସ୍ର ସିଂହକୁ ଶାସ୍ତି ଦେବାପାଇଁ ତା'ର ମନ ବ୍ୟାକୁଳ ହୋଇଉଠିଲା । କାଣ୍ଡଜ୍ଞାନ ଶୂନ୍ୟ ହୋଇ ସେ ଗଛ ଉହାଡ଼ରୁ ବାହାରି ଗୋଟାଏ ଡିଆଁରେ ଯାଇ ଠିଆ ହୋଇଗଲା ସିଂହ ଆଗରେ । ହାତରେ ରାଇଫଲ୍ ନାହିଁ । ହାତରେ ଅଛି କେବଳ ବନ୍ଧୁ ପୁଙ୍ଗବନର ସାଥୀ ଛୁରୀଖଣ୍ଡି ।

Digitized by PPRACHIN, SOA

ସେତେବେଳକୁ ପୋଲିସବାହିନୀ ଆସି ପାଖରେ ପହଞ୍ଚିଯାଇଥିଲେ । ସମ୍ମୁଖରେ ସେମାନଙ୍କର ଲୋମହର୍ଷକ ଦୃଶ୍ୟ । ଅଙ୍ଗଦ ସିଂର ରକ୍ତାକ୍ତ କଳେବର ମୃତ୍ୟୁ ଯନ୍ତ୍ରଣାରେ ଛଟପଟ । ଏଣେ ସିଂହ ସମ୍ମୁଖରେ ହାତରେ ଛୁରୀ ଖଣ୍ଡେ ଧରି ଦୃପ୍ତ ଭଙ୍ଗୀରେ ଦଣ୍ଡାୟମାନ ତାରଜନ୍ । ବ୍ୟାଘ୍ର ସିଂହ ଲମ୍ଫ ଦେବାକୁ ପ୍ରସ୍ତୁତ । ଆଖି ଦୁଇଟା ତା'ର ଜଳଉଠିଛି ଯେମିତି । ଅଙ୍ଗଦ ସିଂହ ରକ୍ତରେ ପାଦ ନଖ ଗୁଡ଼ାକ ତା'ର ରକ୍ତାକ୍ତ । ପରିସ୍ଥିତି ଏପରି ଜଟିଳ ଯେ ସିଂହଟାକୁ କୌଣସି ଉପରୁ ହେଲେ ଗୁଳି କରିହେବନି । ଗୁଳି କଲେ ତାରଜନ ଦେହରେ ଆଘାତ କରିବ ନିଶ୍ଚୟ । ପରବର୍ତ୍ତୀ ଘଟଣା କେତେ ଭୟାବହ ହେବ ସେତକ ସମସ୍ତେ ଅନୁମାନ କରି ଭୟରେ ଶିହରି ଉଠିଲେ ।

ଭୀଷଣ ଗର୍ଜନ କରି ସିଂହ ଲମ୍ଫ ଦେଲା ତାରଜନ ଉପରକୁ । ସମସ୍ତେ ଅନୁମାନ କଲେ—ଏଇ ଶେଷ ! କିନ୍ତୁ ତାରଜନ ଥିଧା ନଇଁପଡ଼ିଲା । ଫଳରେ ସିଂହ ତା'ର ଦେହ ସ୍ପର୍ଶ କରିପାରିଲା ନାହିଁ , କିନ୍ତୁ ତାରଜନ ସୁଯୋଗର ସଦ୍-ବ୍ୟବହାର କଲା । ସିଂହ ତା'ର ଉପରଦେଇ ଅତିକ୍ରମ କଲା ସମୟରେ ତୀକ୍ଷ୍ଣ ଛୁରୀରେ ଭୀଷଣ ଭାବରେ ଆଘାତ କଲା ସେ ତା'ର ବକ୍ଷସ୍ଥଳକୁ । ଛୁରୀଟା ଆମୂଳ ବିଦ୍ଧ ହୋଇଗଲା ତା' ଗ୍ରୀବାରେ । ଗୋଟାଏ ବିକଟ ଗର୍ଜନ କରି ସିଂହ ପୁଣି ଥରେ ଲେଉଟି ଆସିଲା ତାରଜନ ଆଡ଼କୁ । ଗ୍ରୀବାରୁ ତା'ର ପିଚ୍ ପିଚ୍ କରି ରକ୍ତର ଧାର ବୋହିଯାଉଥାଏ । ଯେତେହେଲେ ପଶୁରାଜ ସେ । ଦେହରେ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ କାହାରି ପଦାନତ ହେବା ଅସମ୍ଭବ ତା' ପକ୍ଷରେ ।

ସିଂହର ପରବର୍ତ୍ତୀ ଆକ୍ରମଣ ପାଇଁ ତାରଜନ ପ୍ରସ୍ତୁତ ଥିଲା । ଏଥର ସିଂହ ଲମ୍ଫ ଦେବା ସଙ୍ଗେ ସଙ୍ଗେ ସେ ତଳେ ବସିପଡ଼ିଲା । ସିଂହ ଘୋର ଗର୍ଜନ କରି ତଳେ ପଡ଼ିବା ସଙ୍ଗେ ସଙ୍ଗେ ତାରଜନ କୁଦିପଡ଼ିଲା ତା'ର ପିଠିଉପରକୁ । ବିଦ୍ୟୁତ୍ ଝଟକରେ ସେ ତା'ର ଆଗ ଦୁଇଗୋଡ଼ ଭିତରେ ହାତ ପୁରାଇ ବେକଉପରେ ନିଜ ହାତକୁ ଛନ୍ଦିଦେଲା । ସିଂହର ପ୍ରବଳ ପରାକ୍ରମ ଗଲା କୁଆଡ଼େ ଏଥର । ପାଦେ ସୁଦ୍ଧା ସେ ଅଗ୍ରସର ହୋଇପାରିଲା ନାହିଁ । ଖାଲି ଛଟପଟ ହେବାକୁ ଲାଗିଲା । ଏଣେ ତାରଜନ୍‌ର ଭୟାନକ ବାହୁବଳରେ ବେକହାଡ଼ ତା'ର ଭାଙ୍ଗିଯିବାର ଉପକ୍ରମ କଲା । ଏଣେ ଗ୍ରୀବାରୁ ଅବିଶ୍ରାନ୍ତ ରକ୍ତସ୍ରାବ ଫଳରେ ସେ

Digitized by PPRACHIN, SOA

ନିସ୍ତେଜ ହୋଇପଡ଼ିଲା । ଗର୍ଜନ ତା'ର କ୍ରମେ କ୍ରମେ ବନ୍ଦ ହୋଇଗଲା । ତା' ସଙ୍ଗେ ସଙ୍ଗେ ଦେହଟା ମଧ୍ୟ ନିସ୍ପନ୍ଦ ହୋଇ ଆସିଲା ।

ଅଙ୍ଗଦ ସିଂର ପ୍ରାଣବାୟୁ ଉଡ଼ିଯାଇଥିଲା ସେତେବେଳକୁ । ଖୁବ୍ ନିକଟରେ ରୂପନାରାୟଣବାବୁ, ପ୍ରତାପବାବୁ ପ୍ରଭୃତି ତାରଜନ୍‌ର ଅସୀମ ଶକ୍ତି ଦେଖି ନିର୍ବାକ୍ ହୋଇଯାଇଥିଲେ । ମାତ୍ର ତାରଜନ୍‌ର ଲକ୍ଷ୍ୟ ନାହିଁ ସେମାନଙ୍କ ଉପରେ । ସେ ସିଂହଟାକୁ ଦୂରକୁ ଠେଲିଦେଇ ଆପଣା ଦେହରୁ ବହିଆସିଥିବା ରକ୍ତକୁ ହାତରେ ପୋଛିଦେବାକୁ ଯାଉଛନ୍ତି, ଏତିକିବେଳେ ଆଉ ଗୋଟାଏ ଭୀଷଣ ଗର୍ଜନ ତାଙ୍କୁ ଚମକାଇଦେଲା । ଏ ଗର୍ଜନ ସିଂହୀର; ହୁଏତ ପାଖରେ ରହି ସେ ସିଂହର ମୃତ୍ୟୁ ଦେଖିଛି । ସିଂହଠୁଁ ଅପେକ୍ଷା ସିଂହୀ ଭୟଙ୍କର । ବିରାଟ ଆଁ ଟାଏ କରି ସେ ମାଡ଼ି ଆସୁଥିଲା ତାରଜନ୍ ଆଡ଼କୁ । ତାରଜନ୍ ମଧ୍ୟ ଏ ଆକ୍ରମଣ ପାଇଁ ପ୍ରସ୍ତୁତ କରୁଥିଲା ନିଜକୁ । କିନ୍ତୁ ଗୋଟାଏ ଅସମ୍ଭାବିତ ଘଟଣା ଘଟିଗଲା ।

ହଠାତ୍ ସୁଲତାନ କେଉଁଠି ଥିଲା କେଜାଣି, ଆସି ପଥରୋଧ କଲା ସିଂହୀର । ତାରଜନକୁ ରକ୍ଷା କରିବା ହିଁ ଥିଲା ତା'ର ଉଦ୍ଦେଶ୍ୟ । ସୁଲତାନର ପରାକ୍ରମ ବୋଧହୁଏ ଜଣା ନଥିଲା ସିଂହୀକୁ । ତା'ର ଲକ୍ଷ୍ୟ ଥିଲା ତାରଜନ । ବର୍ତ୍ତମାନ ତା'ର ଉଦ୍ଦେଶ୍ୟ ସାଧନାରେ ବାଧା ସୃଷ୍ଟି ହେବରୁ ଘୋର ଗର୍ଜନଟାଏ କରି ସେ କୁଦିପଡ଼ିଲା ସୁଲତାନ ଉପରକୁ । ମାତ୍ର ତା'ର ଏ ଗର୍ଜନ ବା ଭୟଙ୍କର ରୂପ ପ୍ରତି ତିଳେମାତ୍ର ଭ୍ରୂକ୍ଷେପ ନ ଥିଲା ସୁଲତାନର । ପିଲା ଖେଳନା ଧରିଲା ପରି ସେ ସିଂହୀଟାକୁ ବେକପାଖରୁ ଧରି ଟେକିନେଲା । ତା'ପରେ ଗୋଟାଏ ହାତରେ ତାକୁ ଉପରକୁ ଟେକି ଛେଚିଦେଲା ପଥର ଚଟାଣ ଉପରେ । ଏଥର ଆଗ ଅପେକ୍ଷା ଆହୁରି ଜୋରରେ ଗର୍ଜନ କରିଉଠିଲା ସିଂହୀଟା । କୌଣସି ପ୍ରକାରେ ସେ ଖସିଯିବା ପାଇଁ ଛଟପଟ ହେଲା ନିଜର ସମସ୍ତ ଶକ୍ତି ଦେଇ । କିନ୍ତୁ ପରାକ୍ରମୀ ଗରିଲାର ଲୌହ ସବଳ ହାତମୁଠାରୁ ଖସିବା ଅସମ୍ଭବ ହେଲା ତା' ପକ୍ଷରେ । ସୁଲତାନ ତାକୁ ଆଉ ଥରେ ଦୁଇଥର ଛେଚିଦେଲା ପଥର ଚଟାଣ ଉପରେ । ସିଂହୀକୁ ଦୂରକୁ ଫିଙ୍ଗିଦେଇ ଗରିଲା ସୁଲତାନ ଆନନ୍ଦରେ ନାଚିଉଠିଲା ବିଜୟ ଗର୍ବରେ ।

Digitized by PPRACHIN, SOA

ସର୍ବପ୍ରଥମେ ଆଗକୁ ଆସି ଅଭିନନ୍ଦନ ଜଣାଇଲେ ତାରଜନଙ୍କୁ ପୋଲିସ କମିଶନର ମିଷ୍ଟର ବ୍ରାଉନ, ତା'ପରେ ଅନ୍ୟମାନେ ।

ଶକ୍ତିଶାଳୀ ଟର୍ଚ୍ଚ ସାହାଯ୍ୟରେ ଗୁମ୍ଫା ଭିତରଟାକୁ ପରୀକ୍ଷା କରିବାରୁ ଦେଖାଗଲା, ସେଇଟାହିଁ ସିଂହର ବାସସ୍ଥଳୀ । ଗୁମ୍ଫାର ଗୋଟିଏ କଡ଼ରୁ ସୁଡ଼ଙ୍ଗଟାଏ ଲମ୍ବି ଯାଇଛି ଭିତରକୁ । ପଥର ଗୁଡ଼ା ଲୁଣିଆର ଝଡ଼ି ପଡନ୍ତି ଠାଏ ଠାଏ । ସ୍ଥାନେ ସ୍ଥାନେ ପଥର ସନ୍ଧିରୁ ମୋଟା ମୋଟା ଚେର ଲମ୍ବି ଆସିଛି ତଳକୁ ସାପପରି । ତା' ଭିତରେ ଯେ କି ଭୟଙ୍କର ପଦାର୍ଥ ଅଛି ତାହା କେହି କଳ୍ପନା କରିପାରିଲେ ନାହିଁ । ସୁଡ଼ଙ୍ଗ ପୁଣି ଏତେ ଅପ୍ରଶସ୍ତ ଯେ ଏକ ସମୟରେ ଜଣକ ବ୍ୟତୀତ ଦୁଇଜଣ ତା' ଭିତରେ ପ୍ରବେଶ କରିବା ଅସମ୍ଭବ ।

ଯାହାହେଉ, ପ୍ରଥମେ ପ୍ରତାପବାବୁ ଗୋଟାଏ ହାତରେ ରିଭଲଭର ଏବଂ ଅନ୍ୟ ହାତରେ ଟର୍ଚ୍ଚ ଧରି ପାଦ ବଢ଼ାଇଲେ ସୁଡ଼ଙ୍ଗ ଭିତରକୁ । ତାଙ୍କ ପଛେ ପଛେ ଜଣ ଜଣ କରି ଅନ୍ୟମାନେ । ପ୍ରତ୍ୟେକଙ୍କ ହାତରେ ଟର୍ଚ୍ଚ ଓ ରିଭଲଭର । ପ୍ରତ୍ୟେକେ ପ୍ରତି ମୁହୂର୍ତ୍ତରେ ସତର୍କ, କେଉଁ ମୁହୂର୍ତ୍ତରେ କ'ଣ ଘଟିବ, କିଏ ଜାଣେ ?

ସିଧା, ବଙ୍କା ରାସ୍ତାରେ ଅନ୍ତତଃ ଶହେ ଗଜ ଅତିକ୍ରମ କଲାପରେ ଗୋଟାଏ ବିସ୍ତୃତ କୋଠରିରେ ପହଞ୍ଚିଗଲେ ସମସ୍ତେ । କୋଠରିଟା ଏତେ ବିରାଟ ଯେ ଏକାବେଳକେ ଦୁଇଶହ ଲୋକ ବସିପାରିବେ ତା' ଭିତରେ । ମୋଟା ମୋଟା ପଥର ଖମ୍ବ ଅଛି ତା' ଭିତରେ । ସେହି ଖମ୍ବ ଉପରଭାଗକୁ ସମ୍ଭାଳି ରଖିଛି । ଖମ୍ବଗୁଡ଼ିକ ଉପରେ ଆଲୋକ ପକାଇଲେ ପ୍ରତାପବାବୁ । ସୁନ୍ଦର କାରୁକାର୍ଯ୍ୟ ହୋଇଛି ସେଥିରେ । ଏସବୁ ଦେଖି ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ତାଙ୍କର । କକ୍ଷଟାର ପ୍ରତ୍ୟେକ ଅଂଶରେ ଆଲୋକ ପକାଇ ଦେଖିଲେ, ସେଠାରେ ଆଉ କିଛି ନାହିଁ । ସେହି କକ୍ଷରୁ ଆଉ ଗୋଟିଏ ଦ୍ୱାର ରହିଛି ଭିତରକୁ ।

ପ୍ରତାପବାବୁ ସେହି ଦ୍ୱାର ପାଖରେ ଠିଆହୋଇ ଭିତରକୁ ଆଲୋକ ପକାଇଲେ । ହଠାତ୍ ଯେଉଁ ଦୃଶ୍ୟ ସେ ଦେଖିଲେ, ସେଥିରେ ସେ ଅନୁଭବ

Digitized by PPRACHIN, SOA

କଲେ ଯେପରି ସମଗ୍ର ରତ୍ନଦ୍ୱୀପଟା ଭୂମିକମ୍ପରେ ଥର ଥର ହୋଇ କମ୍ପୁଛି । ତାଙ୍କ ଆଗରେ ଏକ ଦୃଶ୍ୟ ! ସୁନ୍ଦର ମସୃଣ ପଥରର ସିଂହାସନ । ତା' ଉପରେ ଧ୍ୟାନମଗ୍ନ ଭଗବାନ ବୁଦ୍ଧଙ୍କର ମୂର୍ତ୍ତି । ମୂର୍ତ୍ତିର ପାଦତଳକୁ ଗୋଟାଏ ନରକଙ୍କାଳ । ଦେଖିଲେ ଜଣାଯାଏ, ତାହା ବହୁକାଳର ଜୀର୍ଣ୍ଣ । କୋଠରିଟାର ଅନ୍ୟ ଦଗରେ ବଡ଼ ବଡ଼ ଲୁହା ସିନ୍ଦୁକ ଆଠଟି ରଖାଯାଇଛି ଧାଡ଼ି ହୋଇ । ଗୋଟାଏ କୋଣରୁ ଜମା ହୋଇ ରହିଛି ଗୁଡ଼ାଏ ସୁନା ମୋହର । ଟର୍ଚ୍ଚ ଆଲୋକ ପଡ଼ିବାକ୍ଷଣି ଝଲସି ଉଠିଲା ସେଗୁଡ଼ିକ ଦାଉ ଦାଉ ହୋଇ ।

"ଯାହାହେଉ, ବିଚରା ଜଳଦସ୍ୟୁ ! ଶେଷ ଜୀବନରେ ଭଗବାନ ବୁଦ୍ଧଙ୍କର ପାଦତଳେ ସକଳ ଲୁଣ୍ଠିତ ଦ୍ରବ୍ୟ, ଏପରିକି ନିଜର ଜୀବନ ପର୍ଯ୍ୟନ୍ତ ସମର୍ପିଦେଇଛି" —ମିଷ୍ଟର ବ୍ରାଉନ କହିଲେ ।

କାହାରି ପାଟିରୁ କଥା ବାହାରୁ ନ ଥିଲା । ସମସ୍ତେ ଏ ଦୃଶ୍ୟ ଦେଖି ଅଭିଭୂତ ହୋଇପଡ଼ିଥିଲେ ।

ବହୁ ପରିଶ୍ରମ ପରେ ବଡ଼ ବଡ଼ ସିନ୍ଦୁକଗୁଡ଼ା ଅଣାଗଲା ବାହାରକୁ । ସବୁଥିରେ ଖାଲି ସୁନା ଆଉ ମୂଲ୍ୟବାନ୍ ପଥର, ଜହରତ୍ ପୂର୍ଣ୍ଣ ହୋଇ ରହିଥିଲା ।

ପ୍ରଫେସର ତାରକନ କାନ୍ଧରେ ହାତ ପକାଇ କହିଲେ—"ଆମେ ରତ୍ନଦ୍ୱୀପ ଅଧିକାର କଲେ କେବଳ ତାରକନଙ୍କ ପାଇଁ । ତେଣୁ ଏ ଦ୍ୱୀପ ତାଙ୍କର ନାମାନୁସାରେ ରଖାଯାଉ ।"

ତାରକନ ହସି ହସି କହିଲା—"ନା ନା, ରତ୍ନଦ୍ୱୀପ ଚିରଦିନ ରତ୍ନଦ୍ୱୀପ ହୋଇ ରହୁ । ଜଳଦସ୍ୟୁର ରତ୍ନଭଣ୍ଡାରରେ କାହାରି ଅଧିକାର ନାହିଁ । ଦସ୍ୟୁ ମଧ୍ୟ ଶେଷ ଜୀବନର ସବୁ ସମର୍ପି ଦେଇଛି ଭଗବାନ ବୁଦ୍ଧଙ୍କ ପାଦତଳେ । ତେଣୁ ସେସବୁ ଦେଶର ଅଗଣିତ ଦୁଃଖୀ ଅସହାୟଙ୍କ ସେବାରେ ବ୍ୟୟିତ ହେଉ ।"

Digitized by PPRACHIN, SOA

କମିଶନର ମିଷ୍ଟର ବ୍ରାଉନ ଏ ସାଧୁ ପ୍ରସ୍ତାବ ସମର୍ଥନ କରି ଧନ୍ୟବାଦ ଜଣାଇଲେ ତାରଜନଙ୍କୁ ।

ବିଜୟର ଆନନ୍ଦ ଏବଂ କୋଳାହଳ ଭିତରେ ସମୁଦ୍ର ଉପକୂଳରେ ଜେଟୀ ଦସ୍ୟୁଦଳଙ୍କୁ ଧରି ପୋଲିସବାହିନୀ ଅପେକ୍ଷା କରିଥିଲେ । ବଡ଼ ବଡ଼ ଜେନୁଣ୍ଡି ସିନ୍ଦୁକଗୁଡ଼ିକ ଲଦା ହେଉଥିଲା ଲଞ୍ଚ ଉପରେ ।

ସମୁଦ୍ର ଥିଲା ଶାନ୍ତ । ତା'ର ନୀଳ ଜଳରାଶି ଉପରେ ଖରା ଝିଲ୍‌ମିଲ୍ ହେଉଥିଲା ।

କେତନ ଆର୍ଟ ପ୍ରିଣ୍ଟର୍ସ, ଓଡ଼ିଆବଜାର, କଟକ-୧

Digitized by PPRACHIN, SOA

ଭାରତର ଚିତ୍ର—

୧ମ ଉତ୍ତର ସମ୍ରାଟ ଭାରତ
୨ୟ ଭକ୍ତଙ୍କରେ ଭାରତ
୩ୟ ମହାନଦୀରେ ଭାରତ
୪ର୍ଥ ରାଜାକବିଙ୍କରେ ଭାରତ
୫ମ [illegible] ଭାରତ
୬ଷ୍ଠ [illegible] ଭାରତ
୭ମ ଅହିଂସା [illegible] ଭାରତ
୮ମ [illegible] ଭାରତ
୯ମ [illegible] ଭାରତ
୧୦ମ [illegible] ଭାରତ

ଜୀବନ ଚିତ୍ର

୧ମ ବୁଦ୍ଧ ଚରିତ
୨ୟ ବୁଦ୍ଧ [illegible] ଗାନ୍ଧୀ ତୁଳନା
୩ୟ [illegible] ଚରିତ
୪ର୍ଥ [illegible] ଚରିତ
୫ମ [illegible] ଚରିତ
୬ଷ୍ଠ [illegible] ଚରିତ
୭ମ [illegible] ଚରିତ
୮ମ ଚୈତନ୍ୟ ଚରିତ
୯ମ ଅହିଂସା [illegible] ଚରିତ
୧୦ମ [illegible] ଚରିତ

ପାଣ୍ଠି ପକେଟ ବୁକ

[illegible]

[illegible] ମଣ୍ଡଳ ସିରିଜ—

୧ମ [illegible] ମଣ୍ଡଳ
୨ୟ [illegible]
୩ୟ [illegible]
୪ର୍ଥ [illegible]
୫ମ [illegible]
୬ଷ୍ଠ [illegible]
୭ମ ଦୁର୍ଗା [illegible]
୮ମ [illegible]
୯ମ [illegible]
୧୦ମ [illegible]

[illegible]

Digitized by PPRACHIN, SOA